

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

*The Dhwani Pratidhwani*

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୮ ଡିସେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 08 December 2024
Vol.No. 35 ■ No.326 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଙ୍ଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବାଙ୍ଗିରିପୋଷିକୁ ରାଷ୍ଟ୍ରପତିଙ୍କ ଭେଟି: ୩ ରେଳ ପ୍ରକଳ୍ପ ଶିଳାନ୍ୟାସ କଲେ



ବାଙ୍ଗିରିପୋଷି/ବାରିପଦା:୦୭/୧୨ (ନି.ପ୍ର): ଆଜି ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମୟୂରଭଞ୍ଜବାସୀଙ୍କୁ ୩ ରେଳ ପ୍ରକଳ୍ପ ଭେଟି ଦେଇଛନ୍ତି। ବାଙ୍ଗିରିପୋଷି ଠାରେ ଏହି କାର୍ଯ୍ୟକ୍ରମର ଶୁଭ ଉଦ୍ଘାଟନ କରିବା ସହିତ ଭିଡିଓ କନଫରେନ୍ସିଂ ଜରିଆରେ ରାଇରଙ୍ଗପୁରରେ ଆଦିବାସୀ ଅନୁସନ୍ଧାନ ଏବଂ ବିକାଶ କେନ୍ଦ୍ର ଏବଂ ସବ-ଡିଭିଜନାଲ ହସ୍ପିଟାଲର ଶିଳାନ୍ୟାସ କରିବେ। ଏହା ସହିତ ଦାଣ୍ଡବୋଷ ହେଲିପ୍ୟାଡ଼ର ମଧ ଶିଳାନ୍ୟାସ କରିଛନ୍ତି। ଏହି ଭବ୍ୟ ଅବସରରେ, ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ମାନ୍ୟବର କେନ୍ଦ୍ର ରେଳ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ, ମାନ୍ୟବର କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଶ୍ରୀ ଜୁଏଲ ଓରାମ, ମାନ୍ୟବର ମନ୍ତ୍ରୀ, ଗୃହ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ, ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର ମାନ୍ୟବର ମନ୍ତ୍ରୀ, ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ, ଶ୍ରୀଯୁକ୍ତ ଗଣେଶ ରାମ ସିଂ ଖୁଣ୍ଟିଆ ମାନ୍ୟବର ସାଂସଦ, ରାଜ୍ୟସଭା, ଶ୍ରୀମତୀ ମମତା ମହାନ୍ତ, ମାନ୍ୟବର ସାଂସଦ, ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମାନ୍ୟବର ସାଂସଦ, ଶ୍ରୀ ଅନନ୍ତ ନାୟକ, ମାନ୍ୟବର ସାଂସଦ, ଲୋକସଭା, ଶ୍ରୀଯୁକ୍ତ ନବ ଚରଣ ମାଝୀ, ମାନ୍ୟବର ବିଧାୟିକା ସୁଶ୍ରୀ ସଞ୍ଜଳି ମୁର୍ମୁ, ପ୍ରମୁଖ ଯୋଗ ଦେଇଥିଲେ । ସୂଚନାନୁସାରେ, ବାଙ୍ଗିରିପୋଷି-ଗୋରୁମହିଷାଣି, ବୁଡାମରା-ଚାକୁଳିଆ, ବାଦାମପାହାଡ-କେନ୍ଦୁଝରଗଡ ଆଦି ୬ହଜାର ୨୯୪ କୋଟି ଟଙ୍କାର ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଅଛି। ୮୬ କିଲୋମିଟରର ବାଙ୍ଗିରିପୋଷି-ଗୋରୁମହିଷାଣି ନୂଆ ଲାଇନ ପ୍ରକଳ୍ପ ମୟୂରଭଞ୍ଜ ଜିଲ୍ଲାକୁ ଅନ୍ତର୍ଭୁକ୍ତ କରିବ। ▶▶ପୃଷ୍ଠା ୭

## ଏସିଏଫଙ୍କୁ ବାନ୍ଧିଲା ଭିଜିଲାନ୍ସ

ସମ୍ବଲପୁର, ୦୭/୧୨ (ନି.ପ୍ର): ଏସିଏଫଙ୍କୁ ବାନ୍ଧିଲା ଭିଜିଲାନ୍ସ। ଆୟଠୁ ଅଧିକ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ସମ୍ବଲପୁର ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଇଉର ରେବତୀ ରମଣ ଯୋଶୀଙ୍କୁ ଗିରଫ କରିଛି ଭିଜିଲାନ୍ସ। ଗତକାଲି ବିଳମ୍ବିତ ରାତି ଯାଏ ଇଉରଙ୍କୁ ସମ୍ବଲପୁର ଭିଜିଲାନ୍ସ ଏସପିଙ୍କ ଅଫିସରେ ପଚରାଉଚରା କରାଯାଇଥିଲା। ଏଥିସହ ତାଙ୍କ ଘରୁ ମିଳିଥିବା କାଗଜପତ୍ର ଗୁଡ଼ିକ ଯାଞ୍ଚ କରାଯାଇଥିଲା। ଆଜି ସକାଳେ ଭିଜିଲାନ୍ସ ଇଉରଙ୍କୁ ଗିରଫ କରିଛି। ଗତକାଲି ଇଉରଙ୍କ ସମ୍ବଲପୁର ଅଫିସ୍, କ୍ୱାର୍ଟର୍ସ, ତିନି ମହଲା ଘର, ସମ୍ବଲପୁରରେ ବ୍ୟବସାୟିକ କୋଠା ଓ ବରଗଡ଼ ଘରେ ଯାଞ୍ଚ କରିଥିଲା ଭିଜିଲାନ୍ସ। ଚଢ଼ାଉ ବେଳେ ସମ୍ବଲପୁରରେ ଥିବା ସରକାରୀ କ୍ୱାର୍ଟର୍ସରୁ ନଗଦ ୧୪ ଲକ୍ଷରୁ ଅଧିକ ଟଙ୍କା ଜବତ କରିଥିଲେ ଭିଜିଲାନ୍ସ ଅଧିକାରୀ। ▶▶ପୃଷ୍ଠା ୭

## ରେଙ୍ଗାଲିରେ ଏନକାଉଣ୍ଟର: ଦୁର୍ଦ୍ଦାନ୍ତ ଅପରାଧୀ ସଞ୍ଜୀବ କରାଳି ଆହତ



ସମ୍ବଲପୁର, ୦୭/୧୨ (ନି.ପ୍ର): ସମ୍ବଲପୁର ପୁଲିସର ଏନକାଉଣ୍ଟର। ରେଙ୍ଗାଲି ଥାନା ରମ୍ଭେଲାରେ ପୁଲିସ୍ ଏନ୍‌କାଉଣ୍ଟରରେ ଆହତ ହୋଇଛି ଦୁର୍ଦ୍ଦାନ୍ତ ଅପରାଧୀ ସଞ୍ଜୀବ କରାଳି। ତା' ଡାହାଣ ଗୋଡ଼ରେ ଗୁଳି ବାଜିଛି। ତାକୁ ବୁର୍ଲା ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗତ ମାସ ୨୨ ତାରିଖରେ ଚାରମାଳ ଥାନା ଅନ୍ତର୍ଗତ ଏକ ଗ୍ରୀଡ୍ କନ୍‌ଷ୍ଟ୍ରକ୍ସନ ସାଇଟ୍‌ରେ ଡକାୟତି ଘଟଣାରେ ପୁଲିସ ସଞ୍ଜୀବ କରାଳିକୁ ଖୋଜୁଥିଲା। ଏହି ଘଟଣାରେ ପୁଲିସ ୪ ଜଣଙ୍କୁ ଗିରଫ କରିଥିବା ବେଳେ ସଞ୍ଜୀବ କରାଳି ଫେରାର ଥିଲା। ସେ ଏହି ଡକାୟତି ମାମଲାର ମାଷ୍ଟରମାଇଣ୍ଡ ଥିଲା। ଆଜି ସେ ରମ୍ଭେଲା ଅଞ୍ଚଳରେ ବନ୍ଧୁକ ଧରି ବୁଲୁ ଥିବା ନେଇ ପୁଲିସ୍ ଖବର ପାଇଥିଲା। ସୂଚନା ଅନୁଯାୟୀ, ପୁଲିସ ରମ୍ଭେଲାରେ ପହଞ୍ଚି ସଞ୍ଜୀବ କରାଳିକୁ କାବୁ କରିବାକୁ ପ୍ରୟାସ କରିଥିଲା। ସେହି ସମୟରେ ସେ ଖସି ଯିବାକୁ ପ୍ରୟାସ କରି ପୁଲିସ ଉପରକୁ ଗୁଳି କରିଥିଲା। ▶▶ପୃଷ୍ଠା ୭

## ବାଲେଶ୍ୱର ରେଲୱେ ଷ୍ଟେସନର ନୂତନ ଫୁଟ୍ ଓଭରବ୍ରିଜକୁ ଉଦ୍‌ଘାଟନ କଲେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ



ବାଲେଶ୍ୱର, ୦୭/୧୨ (ନି.ପ୍ର): ଓଡ଼ିଶାର ବାଲେଶ୍ୱର ଷ୍ଟେସନରେ ମାନ୍ୟବର ରେଳ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଏକ ନୂତନ ନିର୍ମିତ ୩ ମିଟର ଚଉଡା ଫୁଟ ଓଭର ବ୍ରିଜ ର ଉଦଘାଟନ କରିଛନ୍ତି। ୩ କୋଟିରୁ ଉର୍ଦ୍ଧ୍ୱ ମୂଲ୍ୟରେ ନିର୍ମିତ ଏହି ରେଳବାଇର ମାନ୍ୟବର ମନ୍ତ୍ରୀଙ୍କ ଗସ୍ତ ପରେ ଫେବୃଆରୀ ୨୦୨୪ ରେ ଫୁଟ ଓଭରବ୍ରିଜକୁ ମଞ୍ଜୁର କରାଯାଇଥିଲା ଏବଂ ଡିସେମ୍ବର ୨୦୨୪ରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ମାନ୍ୟବର ସାଂସଦ ବାଲେଶ୍ୱର ଶ୍ରୀ ଏହି ଅବସରରେ ମାନସ କୁମାର ଦତ୍ତ, ମାନ୍ୟବର ବିଧାୟକ, ବାଲେଶ୍ୱର ଏବଂ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ, ମାନ୍ୟବର ବିଧାୟକ, ରେମୁଣା ମଧ ଉପସ୍ଥିତ ଥିଲେ। ଅତିରିକ୍ତ ଯାତ୍ରୀ ସୁବିଧା ଯୋଗାଇବା ପାଇଁ ଦକ୍ଷିଣ ପୂର୍ବ ରେଳ ସର୍ବଦା ପଦକ୍ଷେପ ନେଇଥାଏ। ଷ୍ଟେସନ ଭିତରେ ଯାତ୍ରୀମାନଙ୍କ ପାଇଁ ସହଜ ଗତି ସୁନିଶ୍ଚିତ କରିବାକୁ ଏହି ଯୋଜନା କରାଯାଇଛି । ▶▶ପୃଷ୍ଠା ୭

## ଆଜି ଚାଷୀଙ୍କୁ ୮୦୦ ଟଙ୍କାର ଇନପୁଟ୍ ସବସିଡି ଦେବେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୦୭/୧୨ (ନି.ପ୍ର): ଅପେକ୍ଷାର ଅନ୍ତ। ଚାଷୀ ପାଇବେ ୮ ଶହ ଟଙ୍କାର ଇନପୁଟ୍ ସବସିଡି। ଆସନ୍ତାକାଲି ଚାଷୀଙ୍କୁ ଧାନର ଇନପୁଟ ସହାୟତା ରାଶି ବଣ୍ଟନ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବରଗଡ଼ ସୋହେଲାର ଇଛାପାଲି ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ୮ଶହ ଟଙ୍କାର ଇନପୁଟ୍ ସବସିଡି ବଣ୍ଟନ କରିବେ। ୨୦୨୪ ସାଧାରଣ ନିର୍ବାଚନରେ ଧାନ ଗଚ୍ଛ ୩୧ ଶହ ଟଙ୍କା ଘୋଷଣା କରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। କ୍ଷମତାକୁ ଆସିବା ପରେ ବିଜେପି ସରକାର ମଧ ୨୩ ସହ ଗଛଚ ସହ ୮ ଶହ ଟଙ୍କା ଇନପୁଟ ସବସିଡି ଘୋଷଣା କରିଥିଲେ। ଏବେ ଧାନ ବିକ୍ରି ପରେ ୨୩ଶହ ଟଙ୍କା ଗଛଚ ଚାଷୀ ପାଉଥିବା ବେଳେ ଆସନ୍ତାକାଲିଠୁ ଚାଷୀ ଇନପୁଟ୍ ସବସିଡି ବାବଦକୁ ପାଇବେ ୮ ଶହ ଟଙ୍କା। ଧାନ କିଣା ଯିବାର ୪୮ ଘଣ୍ଟା ମଧରେ ଚାଷୀଙ୍କ ଆକାଉଣ୍ଟକୁ ସିଧାସଳଖ ଯିବ ଏହି ଟଙ୍କା। ପୁରୀ, ସମ୍ବଲପୁର, ଖୋର୍ଦ୍ଧା, ଗଞ୍ଜାମ, କଳାହାଣ୍ଡି, କୋରାପୁଟ, ବାଲେଶ୍ୱର, ମୟୁରଭଞ୍ଜ, କନ୍ଧମାଳ, ଜଗତସିଂହପୁର, ଭଦ୍ରକ ଜିଲ୍ଲାରେ ଆସନ୍ତାକାଲି ସମାବେଶ କରି ବଣ୍ଟା ହେବ ଇନପୁଟ ସବସିଡ଼ି।

## ଜଙ୍ଗଲରେ ଠାବ ହେଲା ବନ୍ଧୁକ ତିଆରି କାରଖାନା

ଛତିଶଗଡ଼, ୦୭/୧୨ (ନି.ପ୍ର): ଯବାନଙ୍କୁ ମିଳିଲା ବଡ଼ ସଫଳତା। ସର୍ଚ୍ଚ ଅପରେସନ୍ ବେଳେ ଘଞ୍ଚ ଜଙ୍ଗଲରେ ଠାବ ହେଲା ବନ୍ଧୁକ କାରଖାନା। ନକ୍ସଲମାନେ ଦୀର୍ଘ ଦିନ ଧରି ସେଠାରେ ବନ୍ଧୁକ ତିଆରି କରୁଥିବା ଅଭିଯୋଗ ହେଉଛି। ଛତିଶଗଡ଼ ନାରାୟଣପୁର ଜିଲ୍ଲାରେ ଥିବା ଜଙ୍ଗଲରୁ ଏହି ବନ୍ଧୁକ ତିଆରି କାରଖାନା ଠାବ ହୋଇଛି। ନାରାୟଣପୁର ଜିଲ୍ଲାର ସୋନପୁର କୋହମେଟାଲା ଘଞ୍ଚ ଜଙ୍ଗଲରେ ନକ୍ସଲଙ୍କ ଗତିବିଧି ଥିବା ସୂଚନା ମିଳିଥିଲା। ଏହା ପରେ ଈଝର ଓ ଉଜଏ ଯବାନମାନେ ସର୍ଚ୍ଚ ଅପରେସନ୍‌ରେ ଯାଇଥିଲେ। ସର୍ଚ୍ଚ ଅପରେସନ୍ ସମ୍ପର୍କରେ ଜାଣିପାରି ନକ୍ସଲମାନେ ଛତ୍ରଭଙ୍ଗ ଦେଇ ଘଞ୍ଚ ଜଙ୍ଗଲକୁ ପଳାଇ ଯାଇଥିଲେ। ହେଲେ ବନ୍ଧୁକ ତିଆରି ସରଞ୍ଜାମ ନେଇପାରି ନଥିଲେ। ଯବାନ ମାନେ ବନ୍ଧୁକ ▶▶ପୃଷ୍ଠା ୭

## ବସ୍-ବାଇକ୍ ମୁହାଁମୁହିଁ ଧକ୍କା: ୩ ମୃତ

ମାଲକାନଗିରି , ୦୭/୧୨ (ନି.ପ୍ର): ବସ୍ ଓ ବାଇକ ମଧରେ ମୁହାଁମୁହିଁ ଧକ୍କା ହେବାରୁ ୩ ଜଣଙ୍କର ମୃତ୍ୟୁ ଘଟିଛି। ମାଲକାନଗିରି ଜିଲ୍ଲା ଏମଭି ୭ ଗାଁ ନିକଟରେ ୩୨୬ ନମ୍ବର ଜାତୀୟ ରାଜପଥରେ ଆଜି ସନ୍ଧ୍ୟାରେ ଘଟିଛି ଏହି ଦୁର୍ଘଟଣା। ବସଟି ମାଲକାନଗିରିରୁ କାଲିମେଲା ଯାଉଥିବା ବେଳେ ବାଇକ୍‌ଟି ବିପରୀତ ଦିଗରୁ ଆସୁଥିଲା। ବାଇକରେ ୩ ଜଣ ବସିଥିଲା। ବସ୍ ସହିତ ପିଟି ହେବା ପରେ ବାଇକ୍ ?ରେ ବସିଥିବା ୩ ଜଣ ଯାକ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ଘଟିଥିଲା। ପୁଲିସ ମୃତଦେହଗୁଡ଼ିକୁ ସଦର ମହକୁମା ଚିକିତ୍ସାଳୟକୁ ପଠାଇଛି।

## ବିଧାନସଭାରେ ଚାକିରି ବିକ୍ରି ଝଡ଼

### ପରୀକ୍ଷାରେ ନିରପେକ୍ଷତା ଓ ସିବିଆଇ ତଦନ୍ତ ଦାବି କଲେ ଚାକିରରୁ ବଂଚିତ ଆଶାୟୀ



ଭୁବନେଶ୍ୱର, ୦୭/୧୨ (ନି.ପ୍ର): ଏଏସଓ ନିଯୁକ୍ତିରେ ବ୍ୟାପକ ହେରଫେର ହୋଇଥିବା ମୁଖ୍ୟମନ୍ତ୍ରୀ ନିଜେ ଗୃହରେ କହିବା ପରେ ଚିହିଁକି ଉଠିଛି ବିଜେଡି । ପ୍ରଶ୍ନକାଳରେ ବିଜେଡି ବିଧାୟକମାନେ ଗୃହର ମଧଭାଗକୁ ଆସି ହଙ୍ଗାମା କରିଥିଲେ । ଶୂନ୍ୟକାଳରେ ମୁଖ୍ୟମନ୍ତ୍ରୀ ଦେଇଥିବା ବିବୃତି କଥା ଉଠାଇ ରୁଲିଂ ଦାବି କରିଥିଲେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ। ମୁଖ୍ୟମନ୍ତ୍ରୀଙ୍କ ବିବୃତି ଲକ୍ଷ ଲକ୍ଷ ଯୋଗ୍ୟ ପିଲାଙ୍କୁ ଅପମାନ ଦେଇଛି ବୋଲି ଅଭିଯୋଗ କରିଛନ୍ତି। ପ୍ରମିଳାଙ୍କୁ କାଉଣ୍ଟର କରିଥିଲେ ବିଜେପି ବିଧାୟକ। ସ୍ୱଚ୍ଛତା ପାଇଁ ଆଇନ ଆଣିବାକୁ ବିରୋଧ କରିବା ଘୃଣ୍ୟ ଏବଂ ନିନ୍ଦନୀୟ ବୋଲି କହି କଟାକ୍ଷ କରିଛନ୍ତି । ଏଥିସହ ବଣିକ କୋଚିଂ ସେଂଟର କଥା ଉଠାଇ ବର୍ଷିଛନ୍ତି । ତେବେ ସରକାରୀ ଚାକିରି ବିକ୍ରି ପ୍ରସଙ୍ଗରେ ଉଭୟ ଦଳଙ୍କୁ ଘେରିଛି କଂଗ୍ରେସ । ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି । ବିଧାନସଭାରେ ଚାକିରି ବିକ୍ରି ନେଇ ହଙ୍ଗାମା ପରେ ଆଶାୟୀ ପ୍ରାର୍ଥୀଙ୍କ ଭିତରେ ବି ଆକ୍ରୋଶ ବଢ଼ିଛି। ରାଜନୈତିକ କଳି ଭିତରେ ସେମାନଙ୍କ କ୍ୟାରିଅର ବଳି ପଡୁଥିବା କହିଛନ୍ତି ଆଶାୟୀ। ଏଥିସହ ଯେଉଁମାନେ ଟଙ୍କା ଦେଇ ଚାକିରି କରିଛନ୍ତି ସେମାନଙ୍କୁ ଚିହ୍ନଟ ▶▶ପୃଷ୍ଠା ୭

## କେନ୍ଦ୍ରୀୟ ଡେପୁଟେସନରେ ଗଲେ ଆଇପିଏସ ଆଶିଷ ସିଂ



ଭୁବନେଶ୍ୱରଭୁବନେଶ୍ୱର, ୦୭/୧୨ (ନି.ପ୍ର): କେନ୍ଦ୍ରୀୟ ଡେପୁଟେସନରେ ଗଲେ ଆଇପିଏସ ଆଶିଷ ସିଂ। ଇଣ୍ଡୋ-ତିବ୍ବତିଆନ ବର୍ଡର ପୁଲିସ ଫୋର୍ସ ବା ଆଇଟିବିପି ଆଇଜି ଭାବେ ଆଶିଷଙ୍କୁ ନିଯୁକ୍ତି ମିଳିଛି। ୫ ବର୍ଷ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ତରଫରୁ ଏନେଇ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରାଯାଇଛି। ଗତ ସାଧାରଣ ନିର୍ବାଚନ ବେଳେ ମିଛ କହି ମେଡିକାଲ୍ ଲିଭରେ ଥିଲେ ଆଶିଷ ସିଂ। ଆଶିଷ ସିଂ ନିର୍ବାଚନ ବେଳେ ସେତେବେଳର ଶାସକ ଦଳ ପ୍ରତି ଅନୁକମ୍ପା ଦେଖାଉଥିବା ଅଭିଯୋଗ କରି ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଫେରାଦ ହୋଇଥିଲା କେନ୍ଦ୍ର ବିଜେପି। ଏପ୍ରିଲ ୫ ତାରିଖରେ ଇସିଆଇଙ୍କ ନିର୍ଦ୍ଦେଶ କ୍ରମେ ଆଶିଷ ସିଂଙ୍କୁ ସେଣ୍ଟ୍ରାଲ ରେଞ୍ଜ ଓଏ ପଦରୁ ହଟାଯାଇଥିଲା। ପରେ ତାଙ୍କୁ ଆଇଜି- ସିଏମ ସିକ୍ୟୁରିଟି ପଦବୀରେ ▶▶ପୃଷ୍ଠା ୭

## ସରକାରଙ୍କ ପକ୍ଷରୁ ଆସିଲାନି କୌଣସି ଖବର: ପୁଣି ଆଜିଠାରୁ ଚାଷୀଙ୍କ ଦିଲ୍ଲୀ ଚଲୋ ଯାତ୍ରା



ନୂଆଦିଲ୍ଲୀ, ୦୭/୧୨ : ପଞ୍ଜାବରୁ ଚାଷୀମାନେ ପୁଣି ଆସନ୍ତାକାଲି ଠାରୁ ଦିଲ୍ଲୀ ଚଲୋ ପଦଯାତ୍ରା ଆରମ୍ଭ କରିବେ। ସରକାରଙ୍କ ପକ୍ଷରୁ ସେମାନଙ୍କ ଦାବି ସମ୍ପର୍କରେ ଆଲୋଚନା ପାଇଁ କୌଣସି ଡାକରା ମିଳିନାହିଁ। ତେଣୁ ଗୋଟିଏ ଦିନର ବିରତୀ ପରେ ରବିଠାରୁ ପୁଣି ପଦଯାତ୍ରା ଆରମ୍ଭ ହେବ ବୋଲି ପଞ୍ଜାବର ଚାଷୀ ସରବନ ସିଂହ ପାନ୍ଧେର ଆଜି ସୂଚନା ଦେଇଛି। ଶୁକ୍ରବାର ଅପରାହ୍ନରେ ୧୦୧ ଜଣ ଚାଷୀ ପଞ୍ଜାବରୁ 'ଦିଲ୍ଲୀ ଚଲୋ' ପଦଯାତ୍ରା ଆରମ୍ଭ କରିଥିଲେ। ହେଲେ ପଦଯାତ୍ରାରେ ଚାଷୀମାନେ ଆସି ହରିୟାଣାରେ ପହଞ୍ଚିବା ପରେ ସେମାନଙ୍କୁ ପୁଲିସ ଅଟକାଇଥିଲା ଓ ସେମାନଙ୍କ ଉପରକୁ ଲୁହବୁହା ଗ୍ୟାସ ମାଡ଼ କରିଥିଲା। ଏଥିରେ ଏକାଧିକ ଚାଷୀ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ କିଛି ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଏହାପରେ ଚାଷୀମାନେ ରବିବାର ପର୍ଯ୍ୟନ୍ତ ସେମାନଙ୍କ ଆନ୍ଦୋଳନ ସ୍ଥଗିତ ରଖିଥିଲେ। ଏଥିସହ ସରକାରଙ୍କୁ ଦାବି ସମ୍ପର୍କରେ କଥାବାର୍ତ୍ତା ଆରମ୍ଭ କରିବା ପାଇଁ ଗୋଟିଏ ଦିନ ସମୟ ଦେଇଥିଲେ। ହେଲେ ଶନିବାର ସରକାରଙ୍କ ପକ୍ଷରୁ ଏନେଇ କୌଣସି ପ୍ରକାରର ପଦକ୍ଷେପ ନିଆଯାଇ ନାହିଁ। ତେଣୁ ୧୦୧ ଜଣ ଚାଷୀ ପୁଣି ଦିଲ୍ଲୀ ଅଭିମୁଖେ ପଦଯାତ୍ରା ଆରମ୍ଭ କରିବେ ବୋଲି ଘୋଷଣା କରିଛନ୍ତି। ▶▶ପୃଷ୍ଠା ୭

## ଓଡ଼ିଶା କ୍ଷୁଦ୍ର ମାଧ୍ୟମ ସମ୍ବାଦପତ୍ର ସୋସାଇଟି ପକ୍ଷରୁ ରାଜ୍ୟ ସମ୍ମିଳନୀ ଉଦ୍ଘାଟିତ




ବାଲେଶ୍ୱର, ୦୭/୧୨ (ନି.ପ୍ର): ଓଡ଼ିଶା କ୍ଷୁଦ୍ର ମାଧ୍ୟମ ସମ୍ବାଦପତ୍ର ସୋସାଇଟିକୁ ରାଜ୍ୟ ସମ୍ମିଳନୀ ବାଲେଶ୍ୱର ସ୍ଥିତ ଉଦ୍ୟୋଗ ଭବନ ଠାରେ ଉଦ୍ଘାଟିତ ହୋଇଯାଇଛି। ଅଭିନନ୍ଦନ ସମ୍ବାଦପତ୍ରର ସମ୍ପାଦକ ଇଞ୍ଜିନିୟର ଜଗଦୀଶ ମିଶ୍ର ପୌରହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଦୈନିକ ଧ୍ୱନିପ୍ରତିଧ୍ୱନି ସମ୍ବାଦ ପତ୍ରର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା ଯୋଗଦେଇଥିବା ବେଳେ ଏଥିରେ ସଂଘର ରାଜ୍ୟ ସଭାପତି ରବି ରଥ, ସତ୍ୟଖବର ସମ୍ବାଦପତ୍ର ର ସମ୍ପାଦକ ଅକ୍ଷୟ ନାୟକ ଯୋଗଦେଇ ସଂଘର ସମସ୍ୟା କଥା ଆଲୋକପାତ କରିଥିଲେ। ଏହି ସମ୍ମିଳନୀରେ ରାଜ୍ୟରୁ ବିଭିନ୍ନ ଅଞ୍ଚଳରେ ପ୍ରକାଶ ପାଉଥିବା ୫୦ ରୁ ଉର୍ଦ୍ଧ ସମ୍ବାଦପତ୍ର ର ସମ୍ପାଦକ ପ୍ରକାଶକ ଯୋଗ ଦେଇଛନ୍ତି। ଦୁଇ ଦିନ ବ୍ୟାପୀ ଆୟୋଜିତ ଉତ୍ସବ ଅନୁଷ୍ଠିତ ହେବାକୁ ଥିବା ବେଳେ କ୍ଷୁଦ୍ର ମାଧ୍ୟମ ସମ୍ବାଦପତ୍ର ପ୍ରକାଶନ କ୍ଷେତ୍ର ରେ ସୃଷ୍ଟି ହୋଇଥିବା ସମସ୍ୟା ଉପରେ ଆଲୋଚନା ହେବ।

# ଗୌରୀ କୁମାର ରାଉତଙ୍କ ଅକାଳ ବିୟୋଗରେ ଜୁଡିସିଆଲ ହବ୍ କ୍ରିୟାନୁଷ୍ଠାନ କମିଟି ତରଫରୁ ସ୍ମୃତିସଭା



ବାଲେଶ୍ୱର, ୦୭/୧୨ (ନି.ପ୍ର): ସ୍ଥାନୀୟ ଭଦ୍ର ବାଲେଶ୍ୱର ସେଣ୍ଟ୍ରାଲ କୋ-ଅପରେଟିଭ୍ ବ୍ୟାଙ୍କର ମିଟିଂ ହଲରେ ସମାଜସେବୀ, ରାଜନେତା, ପୂର୍ବତନ ବ୍ରଟ୍ ଅଧ୍ୟକ୍ଷ, ଆଇନଜୀବୀ ତଥା ଜିଡିସିଆଲ ହବ୍ କ୍ରିୟାନୁଷ୍ଠାନ କମିଟିର ସଭାପତି ୰ ଗୌରୀ କୁମାର ରାଉତଙ୍କର ଅକାଳ ବିୟୋଗରେ ଏକ ସ୍ମୃତି ସଭା ପାଳିତ ହୋଇଯାଇଛି । ପ୍ରକାଶ ଥାଉକି ୰ ଗୌରୀ କୁମାର ରାଉତ ବିଭିନ୍ନ ସମୟରେ ବିଭିନ୍ନ ଲୋକଙ୍କୁ ନିଜର ପାରଦର୍ଶିତା ପରାମର୍ଶ ଦେବା ସହ ସାହାଯ୍ୟ କରି ସର୍ବସମ୍ମୁଖରେର ଅମରତ୍ୱ ଲାଭ କରି ଅଛନ୍ତି । ଗତ ତା୧୭.୦୮.୨୦୨୩ ମସିହାରେ ଜୁଡିଆସିଲ କୋର୍ଟ ଗୁଡ଼ିକ ବିଦ୍ୟାଧରପୁର ରେମୁଣାକୁ ଉଠିବା ସଂପର୍କରେ ପ୍ରତିବାଦ କରି ବାଲେଶ୍ୱର ସହର ମଧ୍ୟରେ ଆଇଟିଆଇ ଛକ ନିକଟ ଜଳସେଚନ ବିଭାଗରେ ହେବା ସଂପର୍କରେ ସଂଘର୍ଷ କରି ସର୍ବଶେଷରେ ସଫଳ ହେବା ତପରେ ଜୁଡିସିଆଲ ହବ୍ ନିର୍ମାଣ ହୋଇଥିଲା ଓ ଉକ୍ତ ରାଉତ ଏହି ଜୁଡିସିଆଲ ହବ୍ କମିଟିର ସଭାପତି ଭାବେ ମଙ୍ଗ ଧରିଥିଲେ । ଆଜି ଉକ୍ତ ୰ ଗୌରୀ କୁମାର ରାଉତ ଆମକୁ ଛାଡ଼ି ଗତ ତା ୩୦/୧୧/୨୪ ରିଖ ଇହଧାମ ତ୍ୟାଗ କରି ଅଛନ୍ତି ଓ ତାଙ୍କର ଅମର ଆତ୍ମାର ସଦ୍‌ଗତି ଓ ତାଙ୍କ ପରିବାର ବର୍ଗଙ୍କର ଉନ୍ନତି ଲାଗି ଭଗବାନଙ୍କଠାରେ ସମସ୍ତେ ସ୍ମୃତି ଚାରଣ କରିଥିଲେ, ଉକ୍ତ ସ୍ମୃତି ଚାରଣ ଉତ୍ସବରେ ଶ୍ରୀ ପ୍ରଭାତ କୁମାର ଦାସ ମଞ୍ଚ ଆହ୍ୱାନ କରିବା ପରେ ସୂର୍ଯ୍ୟକାନ୍ତ କର ସଭାପତିତ୍ୱ କରିଥିଲେ ଏବଂ ଉକ୍ତ ବୈଠକରେ ସଦର ବିଧାୟକ ମାନସ ଦତ୍ତ, ଚେୟାରମ୍ୟାନ ମୁନିସିପାଲିଟି ସବିତା ସାହୁ, ବ୍ରିଟ୍ ଚେୟାରମ୍ୟାନ୍ ଆଲୋକ ସାହୁ, ସଦର ବ୍ଲକ ଚେୟାରମ୍ୟାନ ସୁନିତା ବେହେରା, ବରିଷ୍ଠ ସାମ୍ବାଦିକ ତଥା Press club working president ରଂଜନ କୁମାର ବାଗ୍, BBCC ବ୍ୟାଙ୍କ ସଭାପତି ଶ୍ରୀ ଗଣେଷ ମହାପାତ୍ର, କମିଟିର ଉପଦେଷ୍ଟା ଉପେନ୍ଦ୍ର ପାତ୍ର, ସଂପାଦକ ମାନସ ରଥ, କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ମାସନ୍ତ, ଉପସଭାପତି ଜିତେନ୍ଦ୍ର ଉପାଧ୍ୟାୟ, ଅମୂଲ୍ୟ ପରିଡ଼ା, ରାଧାନାଥ ଦାସ, Md. Idam, ଅଭିମନ୍ୟୁ ବଳ, ରବିନ୍ଦ୍ର ସେଠୀ, ହୃଦାନନ୍ଦ ବାରିକ, ଶରତ ମିଶ୍ର, ରଂଜୀତା ମହାପାତ୍ର, ସୋନାଲୀ ସାହା, ଆଶିଷଘୋଷ, ମିନତୀ ସେଠୀ, ମାନଗୋବିନ୍ଦ ସେଠୀ ବାଞ୍ଛାନିଧି ଦାସ, ରବୀନ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ୰ଗୌରୀ କୁମାର ରାଉତଙ୍କର ସ୍ମୃତି ଚାରଣ କରିଥିଲେ ।

# ଅସ୍ତିତ୍ୱ ହରାଉଛି କେନ୍ଦୁଝରଗଡ଼ ପୌରପାଳିକା: ତୀବ୍ର ହେଉଛି ଅସନ୍ତୋଷ

କେନ୍ଦୁଝର, ୦୭/୧୨ (ନି.ପ୍ର): କେନ୍ଦୁଝରଗଡ ପୌରପାଳିକାର ସ୍ଥିତି ଦିନକୁ ଦିନ ବିପନ୍ନ ହେବାରେ ଲାଗିଛି । ବିଗତ ଦିନରେ ସମଗ୍ର ରାଜ୍ୟରେ ଏକ ନମ୍ବର ପୌରପାଳିକାର ମାନ୍ୟତା ପାଇଥିବା କେନ୍ଦୁଝରଗଡ ପୌରପାଳିକା ଆଜି କେବଳ ତାର ଗୌରବ ହରାଉ ନାହିଁ ଅଧିକନ୍ତୁ ନିଜର ଅସ୍ତିତ୍ୱ ହରାଉଅଛି । ପୌରପାଳିକାର ଚେୟାରମ୍ୟାନ, ପ୍ରଶାସନ ଅଧିକାରୀ କିମ୍ବା କାଉନସିଲର କେହି ହେଲେବି ଏ ଦିଗରେ ଚିନ୍ତିତ ଥିବା ଭଳି ଅନୁଭବ ହେଉନାହିଁ । ଚଳିତ ଥର ପ୍ରାୟ ଅଢେଇ ବର୍ଷ ହେବ କେନ୍ଦୁଝରଗଡ ପୌରପାଳିକାରେ କାଉସିଲ ଗଠନ ହୋଇ ସାରିଥିଲେ ମଧ୍ୟଉନ୍ନୟନ କାର୍ଯ୍ୟ ପ୍ରାୟ ଏକ ପ୍ରକାର ଠପ୍ ହୋଇଯାଇଥିବାର ଆଲୋଚନା ପ୍ରାୟ ସବୁଠି । ଯଦିଓ ଏଥିପାଇଁ ନିର୍ବଚିତ ପ୍ରତିନିଧିଙ୍କୁ ପୌରବାସୀ ଦାୟୀ କରିଛନ୍ତି, କିନ୍ତୁ ଏକଥାକୁ ଚେୟାରମ୍ୟାନ ମାନିବାକୁ ପ୍ରସ୍ତୁତ ନୁହଁନ୍ତି । ଏ ସଂପର୍କରେ ତାଙ୍କର ଦୃଷ୍ଟି ଆକର୍ଷଣ କରିବାରେ ସେ ଉନ୍ନୟନମୂଳକ କାର୍ଯ୍ୟ ସବୁକୁ କୁଆଡେ ଗଣମାଧ୍ୟମ ଦେଖିପାରୁ ନଥିବା ଭଳି ହାସ୍ୟାସ୍ପଦ କଥା କହିଛନ୍ତି । ଗତ ପ୍ରାୟ କିଛି ବର୍ଷ ହେବ କେନ୍ଦୁଝରଗଡ ମ୍ୟୁନିସପାଲଟି ଯେ ସାଧାରଣଙ୍କ ଠାରୁ ଏକ ପ୍ରକାର ଦୂରେଇଯାଇଛି ତାହାକୁ କେହି ଅସ୍ୱୀକାର କରୁନାହାଁନ୍ତି । ଅବଶ୍ୟ ଏବେ ପୂର୍ବର ଅବସ୍ଥା ନଥିଲେ ମଧ୍ୟ ବିଶେଷ କିଛି ପରିବର୍ତନ ହୋଇପାରିନାହିଁ । ଏବେ ବି ସହରର ପରିମଳ ବ୍ୟବସ୍ଥା ଠାରୁ ଆରମ୍ଭ କରି ରାସ୍ତା ଘାଟ, ଡ୍ରେନ ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ରହିଛି । ଶୀତଦିନରେ ମଧ୍ୟ ମଶାଙ୍କର ପାଦୁର୍ଭାବ କମିବାର ନାମ ଧରୁନାହିଁ । ପୌରପାଳିକାର ରାସ୍ତା ଘାଟ ସବୁ ବଡ ବଡ ଖାଲଖମାରେ ପରିଣତ ହୋଇଛି । ବର୍ଷା ସମୟରେ ସେସବୁରେ ପାଣି ଭର୍ତି ହୋଇ ଛୋଟ ଛୋଟ ଜଳାଶୟର ଭ୍ରମ ସୃଷ୍ଟି କରୁଛି । ଯାହାର ଜ୍ୱଳନ୍ତ ଉାହରଣ ଭାବେ ପୌରପାଳିକାର ୧୨ ଓ ୧୩ ନମ୍ବର ୱାର୍ଡକୁ ଉଦାହରଣ ଭାବେ ନିଆଯାଇପାରେ । ଚେୟାରମ୍ୟାନଙ୍କ ନିଜ ୱାର୍ଡ ମଧ୍ୟ ଦୟନୀୟ ସ୍ଥିତିରୁ ଉର୍ଦ୍ଧ୍ୱରେ ନୁହଁ । ଏପରିକି ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ପାଳନ ଦିଗରେ ମଧ୍ୟ ଚେୟାରମ୍ୟାନ ଆଗ୍ରହୀ ଥିବା ଭଳି ମନେ ହେଉନାହିଁ । ଗତ ସାଧାରଣ ନିର୍ବାଚନ ପୂର୍ବରୁ ବିରୋଧୀ ଳର ମୁଖ୍ୟ ସଚେତକ ଥିବା ସର ବିଧାୟକ ତଥା ଆମ ବର୍ତମାନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦଳିୟ ବୈଠକରେ କେନ୍ଦୁଝରଗଡ ପୌରପାଳିକାରେ ବିଜେପି କ୍ଷମତାକୁ ଆସିଲେ ବିଭିନ୍ନ ସମସ୍ୟାରେ ଜର୍ଜରିତ ପୌରବାସୀଙ୍କ ସମସ୍ତ ମୌଳିକ ମୁଖ୍ୟ ସମସ୍ୟାକୁ ପ୍ରଥମେ ପ୍ରାଧନ୍ୟ ଦିଆଯିବା ସହ ଡ୍ରେନେଜ, ରାସ୍ତାଘାଟ, ବିଶୁଦ୍ଧ ପାନୀୟ ଜଳ, ଆଲୋକିକରଣ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ଏପରିକି ସହରର ବିକାଶ ପାଇଁ ସ୍ୱତନ୍ତ୍ର ମାଷ୍ଟରପ୍ଲାନ ପ୍ରସ୍ତୁତ ହେବାର ମଧ୍ୟ ପ୍ରତିଶୃତି ଦେବା ସହ ବିଂଶସୂତ୍ରୀ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ହେବ ବୋଲି କହିଥିଲେ । କିନ୍ତୁ, ବିଜେପି ଚେୟାରମ୍ୟାନ କାର୍ଯ୍ୟଭାର ଗ୍ରହଣ କରିବାର ପ୍ରାୟ ଅଢେଇ ବର୍ଷ ଗତ ହୋଇଯାଇଥିବା ବେଳେ ବିଜେପି ହାତରେ ମଧ୍ୟ ରାଜ୍ୟର ଶାସନଭାର । ଏବଂ ଆମର ବିଧାୟକ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ଏବେ ରାଜ୍ୟର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ତଥା ଲୋକଙ୍କ ମୁଖ୍ୟମନ୍ତ୍ରୀ ।ତଥାପି କେନ୍ଦୁଝରଗଡ ମ୍ୟୁନିସପାଲଟିର ଭାଗ୍ୟ ଉଦୟ ହୋଇପାରୁନଥିବା କଥା କହୁଛନ୍ତି ପୌରବାସୀ ।

ଆମ ରାଜ୍ୟର ଲୋକଙ୍କ ମୁଖ୍ୟମନ୍ତ୍ରୀଙ୍କ ନିର୍ବଚନ ମଣ୍ଡଳୀ ମ୍ୟୁନିସପାଲଟିର ( କେନ୍ଦୁଝରଗଡ ମ୍ୟୁନିସପାଲଟି) ଯାହାର ଏହି ଅବସ୍ଥା ତେବେ ବିକାଶର ଗତି ଏଥିରୁ ସ୍ପଷ୍ଟ ଅନୁମେୟ । ଯଦିଓ ଭାଷଣ ଦ୍ୱାରା ବିକାଶ ଯେ ସମ୍ଭବ ନୁହେଁ ତାହା ଅବଶ୍ୟ କାହାକୁ ଅଛପା ନାହିଁ ।

# ପାନରୋମା ଆନ୍ତର୍ଜାତୀୟ ସାହିତ୍ୟ ମହୋତ୍ସବ ଭାରତର ଅଧ୍ୟକ୍ଷ ଭାବେ ମନୋନୀତ ହେଲେ ଡ଼.ଭବାନୀ ନିଆଲ

ଭବାନୀପାଟଣା, ୦୭/୧୨ (ନି.ପ୍ର): ପାନୋରାମା ଅନ୍ତର୍ଜାତୀୟ ସାହିତ୍ୟ ମହୋତ୍ସବ ୨୦୨୫ ଅବସରରେ ଡଃ. ଭବାନୀ ଶଙ୍କର ନିଆଲଙ୍କୁ ଏହାର ଆୟୋଜକ କମିଟି ଭାରତର ଅଧ୍ୟକ୍ଷ ଭାବରେ ମନୋନୀତ କରିଛନ୍ତି । ବିଶିଷ୍ଟ କବି, ସମ୍ପାଦକ ଏବଂ ଚିନ୍ତକ ଡଃ. ଭବାନୀ ଶଙ୍କର ନିଆଲ ତାଙ୍କର ଅଭିଜ୍ଞତା ଏବଂ ସାହିତ୍ୟିକ ପାରଦର୍ଶୀତାକୁ ମହୋତ୍ସବ କମିଟି ସମ୍ମାନ ଜଣାଇଛନ୍ତି । ଡଃ. ନିଆଲ ଜଣେ ଉଚ୍ଚ ଖ୍ୟାତିସମ୍ପନ୍ନ ଓଡିଆ କବି ଭାବରେ ପ୍ରସିଦ୍ଧ। ସେ ଓଡିଆରେ ୪ଟି ଏବଂ ଇଂରାଜୀରେ ଦୁଇଟି କବିତା ସଂକଳନ ରଚନା କରିଛନ୍ତି। ବହୁଚର୍ଚ୍ଚିତ ଓଡିଆ ସାହିତ୍ୟ ପତ୍ରିକା 'ମହୁରି'ର ମୁଖ୍ୟ ସମ୍ପାଦକ ଭାବରେ ସେ ସାହିତ୍ୟ ପ୍ରତିଭା ପ୍ରତିପୋଷଣ ତଥା ଓଡ଼ିଆ ଭାଷା ପ୍ରଚାର କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଡଃ. ନିଆଲଙ୍କ କବିତା ହେଉଛି ଏକ ସମୃଦ୍ଧ ଟେପେଷ୍ଟ୍ରି ଯାହା ମାନବ ସ୍ଥିତି ଏବଂ ସମ୍ପର୍କର ଜଟିଳତାକୁ ଅନୁସନ୍ଧାନ କରିଥାଏ । ତାଙ୍କର କବିତାଗୁଡ଼ିକ ପ୍ରେମ, ଲାଳସା ଏବଂ ଜୀବନର ପ୍ରକୃତ ବାସ୍ତବତା, ରୁଟି, ଖାଦ୍ୟ ଏବଂ ଭୋକ ସମ୍ପର୍କିତ । ଏକ ହାଇରୋଗଲିଫିକ୍ ପ୍ରଦର୍ଶନ ସହିତ ତାଙ୍କର କବିତା ଅସ୍ତିତ୍ୱର ବିଭିନ୍ନ ଦିଗର ଅତି ସୂକ୍ଷ୍ମ ପାର୍ଥକ୍ୟକୁ କାବ୍ୟିକ ଦିଗ ଦେଇଥାଏ । ରାଇଟର୍ସ କ୍ୟାପିଟାଲ ଇଂଟରନ୍ୟାସନାଲ ଫାଉଣ୍ଡେସନର କାର୍ଯ୍ୟନିର୍ବାହୀ ସଦସ୍ୟ ଭାବରେ ଡଃ. ଭବାନୀ ଶଙ୍କର ନିଆଲ ସାହିତ୍ୟିକ ସଂଯୋଗ ବୃଦ୍ଧି, ସାଂସ୍କୃତିକ ଆଦାନପ୍ରଦାନକୁ ପ୍ରୋତ୍ସାହିତ କରିବା ଏବଂ ସାହିତ୍ୟର ବିବିଧତାକୁ ବିଶ୍ୱ ସ୍ତରରେ ପାଳନ କରିବା ପାଇଁ ସଂଗଠନର କାର୍ଯ୍ୟରେ ସହଯୋଗ କରିଆସିଛନ୍ତି । ଭାରତ ପାଇଁ ଆୟୋଜକ କମିଟିର ଅଧ୍ୟକ୍ଷ ଭାବରେ ଡଃ. ନିଆଲଙ୍କ ଭୂମିକା ପାନୋରମା ଆନ୍ତର୍ଜାତୀୟ ସାହିତ୍ୟ ମହୋତ୍ସବ ୨୦୨୫ ରେ ମହତ୍ୱପୂର୍ଣ୍ଣ ଅଟେ। ଏକ ସଫଳ ତଥା ସମୃଦ୍ଧ ସାହିତ୍ୟିକ କାର୍ଯ୍ୟକ୍ରମ ଆୟୋଜନ କରିବାରେ ତାଙ୍କ ନେତୃତ୍ୱକୁ ଅପେକ୍ଷା କରି ସାରା ବିଶ୍ୱରୁ ଲେଖକ ଏବଂ ସାହିତ୍ୟ ଉତ୍ସାହୀଙ୍କୁ ଏକତ୍ର କରିଥାଏ । ଏହି ଅବସରରେ ଡ଼.ନିଆଲ ପ୍ରଫେସର ପ୍ରୀତ ପଦ୍ମନାଭନ ନାମ୍ବୀଆର, ସଭାପତି ଏବଂ ମହାସଚିବ ପ୍ରଫେସର ଇରେନ ଡୋରା କାଭାଡିଆଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଅର୍ପଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ତାଙ୍କର ଓଡ଼ିଆ କବିତା ପୃଥିବୀର ୨୪ଟି ଭାଷାରେ ଅନୁଦିତ ହୋଇସାରିଛି ଏବଂ ଆନ୍ତର୍ଜାତିକ ସ୍ତରରେ ପ୍ରସିଦ୍ଧି ଲାଭ କରିସାରିଛି । ତାଙ୍କର ପୁସ୍ତକ ଲକଡାଉନ ଉପରେ ଆନ୍ତର୍ଜାତିକ ସମୀକ୍ଷା ପୁସ୍ତକ ପ୍ରକାଶିତ ହୋଇସାରିଛି।

# ଖଇରପୁଟରେ ବ୍ଲକ ସ୍ତରୀୟ ଖରିଫ ଧାନ କ୍ରୟ ପାଇଁ ଚାଷୀ ତାଲିମ୍ ଶିବିର

ମାଲକାନଗିରି, ୦୭/୧୨ (ନି.ପ୍ର): ଖଇରପୁଟ ବ୍ଲକ ସଭା ଗୃହରେ ଆଜି ଜିଲ୍ଲା ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ଚଳିତ ଖରିଫ ଋତୁରେ ଧାନ କ୍ରୟ ସମ୍ବନ୍ଧରେ ଏକ ଚାଷୀ ସଚେତନତା ଓ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରକୁ ଖଇରପୁଟ ବ୍ଲକ ଅଧ୍ୟକ୍ଷ ବିଘ୍ନ କିର୍ଷାନୀ ଉଦଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କୁଡୁମୁଲୁଗୁମ୍ମା ଲ୍ୟାମ୍ପ ସଭାପତି ଗୋପୀ ପାଙ୍ଗୀ, ଲ୍ୟାମ୍ପ ପରିଚାଳକ ରମେଶ ଚନ୍ଦ୍ର ରାଉତ, ଗୋବିନ୍ଦପାଲି ବଣ୍ଡା ଲ୍ୟାମ୍ପ ସଭାପତି ସମନ୍ଧୁ ହାଡପୁଟିଆ, କୁଡୁମୁଲୁଗୁମ୍ମା ସରପଂଚ ମଙ୍ଗଳା ମାଢୀ, ସମିତି ସଭ୍ୟ ରାମଚନ୍ଦ୍ର ମଲଲୀ , ଲ୍ୟାମ୍ପ ପରିଚାଳକ ଅନ୍ତର୍ଯ୍ୟାମୀ ସାହୁ, ଆରଏମସି ଅଧିକାରୀ ରାଜେନ୍ଦ୍ର ଜେନା ସାମନ୍ତ, ଡାଟା ଏଂଟ୍ରି ଅପରେଟର ସ୍ମୃତି ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଆଗାମୀ ଦିନରେ ଧାନ କ୍ରୟ ହେବାକୁ ଥିବା ମଣ୍ଡି ଗୁଡ଼ିକର ବ୍ୟବସ୍ଥା, ଉତମ ଗୁଣବତା ଧାନ କ୍ରୟ ପଦ୍ଧତି ଓ ପ୍ରତ୍ୟେକ କୁଇଂଟାଲ ପ୍ରତି ରାଜ୍ୟ ସରକାରଙ୍କ ଘୋଷିତ ୮୦୦ ଟଙ୍କାର ବୋନସ ସହାୟତା ରାଶି ମିଶି ଧାନର ସର୍ବମୋଟ କ୍ରୟ ମୂଲ୍ୟ ୩୧୦୦ ଟଙ୍କା ଗୋଟିଏ କିସ୍ତିରେ ଚାଷୀ ପାଇବା ବିଷୟରେ ସବିଶେଷ ବିବରଣୀ ଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀ କିର୍ଷାନୀ ସମସ୍ତ ଚାଷୀ ଭାଇମାନଙ୍କୁ ଉତମ ଗୁଣବତା ମାନର ଧାନ ମଣ୍ଡିକୁ ଆଣିବା ପାଇଁ ଅନୁରୋଧ କରିବା ସହ ଶାନ୍ତି ଶୃଙ୍ଖଳା ସହ ମଣ୍ଡି ପରିଚାଳନା ନିମନ୍ତେ ଆହ୍ୱାନ ଦେଇଥିଲେ ।

## ଚାଷୀ ଭାଇ ଓ ଭଉଣୀମାନଙ୍କ ନିମନ୍ତେ କୃଷି ପରାମର୍ଶ

୧. ସିଏମ କିଶାନ ଯୋଜନା ରାଜ୍ୟ ସରକାରଙ୍କର ଏକ ଯୁଗାନ୍ତକାରୀ ଯୋଜନା ଏହି ଯୋଜନାରେ ସାମିଲ ହେବାପାଇଁ ବାଦ ରହିଯାଇଥିବା କ୍ଷୁଦ୍ର ନାମମାତ୍ର ଏବଂ ଭୂମିହୀନ ଚାଷୀ ଭାଇ ଓ ଭଉଣୀମାନେ ସିଏମ କିଶାନ ପୋଟାଲରେ ଆବେଦନ କରିପାରିବେ।

୨. ସିଏମ କିଶାନ ଯୋଜନାରେ ଯୋଗ୍ୟ ବିବେଚିତ ହେବାପାଇଁ ନିକଟସ୍ଥ କୃଷି କାର୍ଯ୍ୟାଳୟ କିମ୍ବା ଜନସେବା କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ।

୩. ଉତ୍ତମ ଫସଲ ଓ ଜମିର ସୁରକ୍ଷା ତଥା ମାଟିର ସ୍ୱାସ୍ଥ୍ୟ ବିଷୟରେ ଜାଣିବା ପାଇଁ ମାଟି ପରୀକ୍ଷା କରାଇ ଫଳାଫଳ ମୁତାବକ ଜମିରେ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ।

୪. ଫସଲ ଚାଷ ପୂର୍ବରୁ ବିହନକୁ କାର୍ବେଣ୍ଡାଜିମ୍, ଥିରାମରେ ବିଶୋଧନ କରି ଚାଷ କାର୍ଯ୍ୟରେ ଲଗାନ୍ତୁ।

୫. ଅଧିକ ଅମଳ ପାଇବା ପାଇଁ ଅମଳକ୍ଷମ ବିହନ ଓ ଶଙ୍କରଜାତୀୟ ବିହନ ପଞ୍ଜୀକୃତ ବିହନ ବିକ୍ରୟ କେନ୍ଦ୍ର କିମ୍ବା ପ୍ରାଥମିକ କୃଷି ସେବା ସମବାୟ ସମିତିରୁ କ୍ରୟ କରନ୍ତୁ ଓ ଗଜା ପରୀକ୍ଷା କରି ଚାଷ କାର୍ଯ୍ୟରେ ବ୍ୟବହାର କରନ୍ତୁ।

୬. ପ୍ରାକୃତିକ ଦୁର୍ବିପାକ ଦାଉରୁ ଫସଲ କ୍ଷୟକ୍ଷତିର ଭରଣା ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ପଞ୍ଜୀକୃତ କରାନ୍ତୁ। ଏଥିପାଇଁ ନିକଟସ୍ଥ ସେବା ସମବାୟ ସମିତି/ ବିଭିନ୍ନ ଜାତୀୟକରଣ ବ୍ୟାଙ୍କ/ ବୀମା କମ୍ପାନୀ ଏଜେଣ୍ଟ/ ଗ୍ରାମ୍ୟ କୃଷି କର୍ମଚାରୀ/ ବ୍ଲକ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ। (ଋଣୀ ଏବଂ ଅଣଋଣୀ ଚାଷୀଙ୍କ ନିମନ୍ତେ)

୭. ଫସଲର ଉତ୍ପାଦନ ବୃଦ୍ଧି ନିମନ୍ତେ ସମନ୍ୱିତ ଖାଦ୍ୟସାର ଓ ରୋଗପୋକ ପରିଚାଳନା କରନ୍ତୁ।

୮. କୃଷି ଉଦ୍ୟୋଗ ପ୍ରତିଷ୍ଠା କରି ପାରମ୍ପରିକ କୃଷିକୁ ବ୍ୟବସାୟିକ କୃଷିରେ ପରିଣତ କରି କୃଷକର ଆୟ ବହୁଗୁଣିତ କରିବାପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା (MKUY )ରେ ଅନ୍ତର୍ଭୁକ୍ତ ହେବା ପାଇଁ ଆପିକଲର ୱେବସାଇଟ www.apicol.nic.in ମାଧ୍ୟମରେ ପଞ୍ଜୀକରଣ କରନ୍ତୁ। ଏହି ଯୋଜନାରେ ସାଧାରଣ ବର୍ଗର ପୁରୁଷ ଉଦ୍ୟୋଗୀମାନଙ୍କ ପାଇଁ ୪୦% ଓ ଅନୁସୂଚିତ ଜାତି/ ଜନଜାତି/ ମହିଳା ଉଦ୍ୟୋଗୀ/ ଭିନ୍ନକ୍ଷମ ବ୍ୟକ୍ତି ତଥା କୃଷି ଓ ଆନୁଷଙ୍ଗିକ ବିଷୟରେ ସ୍ନାତକମାନଙ୍କ ପାଇଁ ୫୦% ତଥା ସର୍ବୋଚ୍ଚ ୧ କୋଟି ଟଙ୍କା ପର୍ଯ୍ୟନ୍ତ ରିହାତି ବ୍ୟବସ୍ଥା ରହିଛି। ଅଧିକ ବିବରଣୀ ନିମନ୍ତେ ନିକଟସ୍ଥ ଗ୍ରାମ୍ୟ କୃଷି ଅଧିକାରୀ/ ବ୍ଲକ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ।

୯. 'ବଳରାମ' ଯୋଜନାରେ ଭାଗଚାଷୀ ମାନେ ମିଳିତ ଦେୟ ଗୋଷ୍ଠୀ (JLG) ଗଠନ କରି NABARD ମାଧ୍ୟମରେ ଫସଲ ଋଣ ପାଇବା ପାଇଁ ନିଜ ଅଞ୍ଚଳର କୃଷକ ସାଥିଙ୍କ ସହିତ ଯୋଗାଯୋଗ କରନ୍ତୁ।

୧୦. ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ପାଇଁ କୃଷି ଯନ୍ତ୍ରପାତି ରିହାତି ମୂଲ୍ୟରେ ଯୋଗାଇ ଦିଆଯାଉଅଛି। ATMA ଯୋଜନାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟ କରିବାପାଇଁ revoiving fund ର ଆର୍ଥିକ ସହାୟତା ପ୍ରଦାନର ବ୍ୟବସ୍ଥା ରହିଛି। ଅଧିକ ବିବରଣୀ ନିମନ୍ତେ ନିକଟସ୍ଥ ବ୍ଲକ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ।

୧୧. ସମନ୍ୱିତ କୃଷି ପ୍ରଣାଳୀ (IFS) ଯୋଜନାରେ କୃଷି ଓ ଆନୁଷଙ୍ଗିକ ବିଭାଗର ବିଭିନ୍ନ ପ୍ରକଳ୍ପ ପ୍ରସ୍ତୁତ କରି ଏହା ବାବଦରେ ସରକାରୀ ରିହାତି ପାଇବା ନିମନ୍ତେ ନିକଟସ୍ଥ ବ୍ଲକ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ।

୧୨. କୃଷି ଓ ଆନୁଷଙ୍ଗିକ ବିଭାଗର ବିଭିନ୍ନ ସରକାରୀ ସୁବିଧା ପାଇବା ନିମନ୍ତେ ଚାଷୀମାନେ ନିକଟସ୍ଥ ଜନସେବା କେନ୍ଦ୍ର/ ମେ ସେବା କେନ୍ଦ୍ରଠାରେ 'କୃଷକ ଓଡ଼ିଶା' ଓ 'ଗୋ-ସୁଗମ' ପୋର୍ଟାଲରେ ନାମ ପଞ୍ଜୀକରଣ କରାଇନିଅନ୍ତୁ।

୧୩. କୃଷି ସମ୍ବନ୍ଧୀୟ ସମସ୍ତ ପରାମର୍ଶ ପାଇଁ 'ଆମ କୃଷି'ର ଟୋଲ ଫ୍ରି ନମ୍ବର ୧୫୫୩୩୩ରେ ଯୋଗାଯୋଗ କରନ୍ତୁ।

ସ୍ୱା/-
ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ
ବାଲେଶ୍ୱର

# ଶହୀଦ ଜୟୀ ରାଜଗୁରୁଙ୍କ ଶ୍ରାଦ୍ଧ ଦିବସ ପାଳିତ

ପୁରୀ, ୦୭/୧୨ (ନି.ପ୍ର): ଶହୀଦ ଜୟୀ ରାଜଗୁରୁ ଥିଲେ ବୀରତ୍ୱ, ସାହସ, ତ୍ୟାଗ, ସ୍ୱାଭିମାନ ଓ ଦେଶପ୍ରେମର ମୂର୍ତିମନ୍ତ ପ୍ରତୀକ। ତାଙ୍କ ଆଦର୍ଶ ଯୁଗ ଯୁଗ ପାଇଁ ମାନବ ସମାଜକୁ ପ୍ରେରଣା ଦେଇ ଚାଲିଥିବ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା। ଆଜି ପୂର୍ବାହ୍ନରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଜୟୀ ରାଜଗୁରୁ ସ୍ମୃତି ପରିଷଦ ଓ ଶ୍ରୀ ଗୋପିନାଥ ଦେବସ୍ଥାନ ସମିତି ପକ୍ଷରୁ ବୀର ହରେକୃଷ୍ଣପୁର ଗ୍ରାମ ଠାରେ ଶହୀଦ ଜୟୀ ରାଜଗୁରୁଙ୍କ ୨୧୯ ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଜୟୀ ରାଜଗୁରୁ ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ଭାବେ ଯେଉଁ ତ୍ୟାଗ ଓ ବଳିଦାନ ଦେଇଛନ୍ତି ତାହା ଅନନ୍ୟ ଓ ଅବିସ୍ମରଣୀୟ। ଏହି ଗ୍ରାମରେ ଜନ୍ମ ହୋଇ ସେ ଏ ମାଟିର ସୁଯୋଗ୍ୟ ସନ୍ତାନ ଭାବେ ପ୍ରମାଣିତ କରିଛନ୍ତି। ତାଙ୍କ କାର୍ଯ୍ୟଧାରା ଓ ଆଦର୍ଶକୁ ଅଧିକ ପ୍ରଚାର, ପ୍ରସାର କରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ସେ ଆହ୍ୱାନ ଦେଇଥିଲେ। ସଦର ବିଡିଓ ସସ୍ମିତ ଶତପଥୀ ଆଜିର ଦିବସରେ ଶହୀଦ ହୋଇଥିବା ଜୟୀ ରାଜଗୁରୁଙ୍କ ଦେଶପ୍ରୀତି ଅତୁଳନୀୟ ବୋଲି କହିବା ସହ ବର୍ତମାନ ଓ ଭବିଷ୍ୟତର ପିଢି ତାଙ୍କ ଆଦର୍ଶ ଓ ଦେଶସେବାରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଜୟୀ ରାଜଗୁରୁଙ୍କ ସ୍ମୃତି ରକ୍ଷା ଓ ଏହି ପୀଠର ବିକାଶ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ମହାନ ଦେଶଭକ୍ତ ବୀରଙ୍କ ସ୍ମୃତି ଚାରଣ ଓ ତାଙ୍କ ସମ୍ପର୍କରେ ଆଲୋଚନା ତାଙ୍କ ବିରଳ ବ୍ୟକ୍ତିତ୍ୱ କୁ ଅଧିକ ଲୋକାଭିମୁଖୀ କରିବ ବୋଲି ସେ ମତ ଦେଇଥିଲେ। ସମିତି ସଭ୍ୟ ଅଜୟ କୁମାର ପ୍ରଧାନ ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶ୍ରୀ ଗୋପିନାଥ ଦେବସ୍ଥାନ ସମିତିର ସଭାପତି ଭାସ୍କର ନାରାୟଣ ରଥ ସଭାପତିତ୍ୱ କରିବା ସହ ସଂଧ୍ୟାରେ ଏକ ସାଧାରଣ ସଭାର ଆୟୋଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା ରହିଛି ବୋଲି ସୂଚନା ଦେଇଥିଲେ। ସମ୍ପାଦକ ପ୍ରକୃତି ପ୍ରସାଦ ମିଶ୍ର ,ଜୟୀ ରାଜଗୁରୁ ସ୍ମୃତି ପରିଷଦର ସଂପାଦକ ଡଃ ଜଟାଧାରୀ ମିଶ୍ର ଶହୀଦ ଜୟୀ ରାଜଗୁରୁ କ୍ଲବ ସଭାପତି ଶକ୍ତିପ୍ରସାଦ ମିଶ୍ର, ରବିନାରାୟଣ ମିଶ୍ର ସନ୍ନମୟ ମିଶ୍ର, ପ୍ରଭାତ କୁମାର ମହାପାତ୍ର, ଦୀପକ କୁମାର ଦାଶ, ଅଶୋକ ରଥ, ଦାସରଥୀ ନନ୍ଦ, ବିଷ୍ଣୁ ପ୍ରସାଦ ମହାପାତ୍ର , ଚନ୍ଦ୍ର ଶେଖର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ର କୃତି ପ୍ରତିଯୋଗୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ପୂର୍ବରୁ ବୀର ହରେକୃଷ୍ଣପୁର ବଜାର ସ୍ଥିତ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତିରେ ଅତିଥି ମାନେ ମାଲ୍ୟାର୍ପଣ କରିଥିଲେ। ଗ୍ରାମ ନିକଟସ୍ଥ ଲୋକନାଥ ମନ୍ଦିର ପୁଷ୍କରିଣୀ ଠାରେ ସାମୁହିକ ତିଳତର୍ପଣ କରାଯାଇଥିଲା। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରଦତ ଏବଂ ଗ୍ରାମବାସୀ ଙ୍କ ସହଯୋଗ ରେ ସଂକୀର୍ତନ, ଘୋଡାନାଚ ପରିବେଷଣ କରାଯାଇଥିଲା। ପ୍ରତ୍ୟୁଷରୁ ରେଲୱେ ଷ୍ଟେସନ ଠାରେ ଥିବା ଶହୀଦ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତିରେ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସଂଗଠନ ଓ ବ୍ୟକ୍ତିଙ୍କ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା।

# କୁମାରବସ୍ତ ଲୋକନାଥ କ୍ରିକେଟ ଜାଆଁଳା ଓ ଭାଲିଆବାଡି ବିଜୟୀ

ଖୋର୍ଦ୍ଧା, ୦୭/୧୨ (ନି.ପ୍ର): ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ରାଇଜିଂଷ୍ଟାର କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଲୋକନାଥ ଦେବ କ୍ରିକେଟ୍ ଟୁର୍ଣ୍ଣାମେଂଟ କୁମାରାବସ୍ତ ଖେଳପଡିଆ ର ଆଜି ତ୍ରୟୋଦଶ ଦିବସରେ ପ୍ରଥମ ମ୍ୟାଚ୍ ରେ ଜାଆଁଳା ଦଳ ବାଙ୍କୀ ଦଳ କୁ ୩୧ ରନ୍ ରେ ପରାସ୍ତ କରିଛି। ଟସ୍ ରେ ଜିତି ପ୍ରଥମେ ଯାଆଁଳା ଦଳ ବ୍ୟାଟିଂ କରି ୩ ୱିକେଟ ହରାଇ ୧୯୪ ରନ କରିଥିଲେ। ଦଳ ପକ୍ଷରୁ ଅଭିଷେକ ପଟ୍ଟନାୟକ ଶତକିୟ (୧୩୦ ରନ୍ ) ଇନିଂସ ଖେଳିଥିଲେ। ଜବାବରେ ବାଙ୍କୀ ଦଳ ଆଲୋକ ବେହେରା ଙ୍କ ୬୧ ରନ୍ ଓ ସାଗର ବେହେରାଙ୍କ ୪୭ ରନ୍ ବଳରେ ମାତ୍ର ୧୨ ଓଭର ରେ ୫ ଟି ୱିକେଟ୍ ହରାଇ ମାତ୍ର ୧୬୩ ରନ ରେ ସୀମିତ ରହିଥିଲେ। ଦ୍ୱିତୀୟ ମ୍ୟାଚ୍ ରେ ଭାଲିଆବାଡି ଦଳ କଳିଙ୍ଗ ଖୋର୍ଦ୍ଧା ଦଳକୁ ୩ ରନ୍ ରେ ପରାସ୍ତ କରିଛି। ଭାଲିଆବାଡି ଦଳ ପ୍ରଥମେ ବ୍ୟାଟିଂ କରି ଅଜିତ୍ ଦାସଙ୍କ ୪୪ ରନ ଓ ଜ୍ୟୋତିରଞ୍ଜନ ଦଳାଇ ଙ୍କ ୪୦ ରନ୍ ସହାୟତାରେ ୨୦ ଓଭର ରେ ୭ ୱିକେଟ ହରାଇ ୧୬୮ ରନ ସଂଗ୍ରହ କରିଥିଲେ। କଳିଙ୍ଗ ଦଳର ଦଳର ସନ୍ଦୀପ ମିଶ୍ର ୩ ୱିକେଟ ନେଇଥିଲେ। ଜବାବରେ କଳିଙ୍ଗ ଦଳ ୨୦ ଓଭର ରେ ୬ ଟି ୱିକେଟ ହରାଇ ମାତ୍ର ୧୬୫ ରନ୍ ରେ ସୀମିତ ରହିଥିଲେ । ଦଳ ତରଫରୁ ସତ୍ୟଜିତ ସାହୁ ୩୮ ରନ୍ ଓ ଗିରିଶ ନାୟକ ୩୩ ରନ୍ କରିଥିଲେ। ଭାଲିଆବାଡି ଦଳର ଅଜିତ୍ ଦାସ ୨ ଟି ୱିକେଟ ନେଇଥିଲେ। ଅତିଥି ୱାଣ୍ଡରେଲା ର କ୍ୟାସ ମ୍ୟାନେଜର ସତ୍ୟରଞ୍ଜନ ବେହେରା ପ୍ରଥମ ମ୍ୟାଚ୍ ର ଶ୍ରେଷ୍ଠ ଖେଳାଳି ଅଭିଷେକ ପଟ୍ଟନାୟକଙ୍କୁ ଏବଂ ଦ୍ୱିତୀୟ ମ୍ୟାଚ୍ ରେ ଅତିଥି ସମାଜସେବୀ ଜିତେନ୍ଦ୍ର ସେନାପତି ଶ୍ରେଷ୍ଠ ଖେଳାଳି ଭାବେ ଅଜିତ୍ ଦାସ ଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଖେଳକୁ ଛବି ନାରାୟଣ ସାହୁ , ସାନୁଜ ବିଶ୍ୱାଳ,ଦୁର୍ଯୋଧନ ପରିଡ଼ା ଓ ପ୍ରଦୋଷ ବଳିଆର୍ସିଂ ପରିଚାଳନା କରିଥିଲେ। କାଜଲ ବଳିଆର୍ସିଂ ଓ ଶ୍ରଧାକର୍ ପାତ୍ର ମ୍ୟାଚ୍ ରେଫରୀ ଭାବରେ କାର୍ଯ୍ୟ କରିଥିଲେ। ସ୍କୋରର ଭାବେ ରଂଜନ ବରାଳ,ପ୍ରକାଶ ସାହୁ ,ସିବଦତ ବଡ଼ଜେନା ଓ ଅମ୍ଳାନ ରାଉତରାୟ ଥିଲେ। ସଂଯୋଜକ ଭାବେ ଅବ୍ୟକ୍ତ ହରିହର ଖାଡଙ୍ଗା ଏବଂ ବନବିହାରୀ ସ୍ୱାଇଁ କାର୍ଯ୍ୟ କରିଥିଲେ। ଘୋଷକ ଭାବେ ପାର୍ଥସାରଥୀ ରାଉତରାୟ , ଅମିୟ ପ୍ରଧାନ ଓ ପ୍ରଶାନ୍ତ ଥିଲେ। ୦୭/୧୨/୨୪ ଶନିବାର ଦିନ ପ୍ରଥମ ମ୍ୟାଚ୍ କୁମାରବସ୍ତ ବନାମ ଅରିସେଲ ଓ ଦ୍ୱିତୀୟ ମ୍ୟାଚ୍ ବାଙ୍କୁଆଳ ବନାମ ଯାଆଁଳା ମଧ୍ୟରେ ହେବ ବୋଲି ସୋଭାକର ପାତ୍ର ଜଣାଇଛନ୍ତି।

## ଜିଲାସ୍ତରିୟ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ

ଜୟପୁର, ୦୭/୧୨ (ନି.ପ୍ର): ଜାତୀୟ ସ୍ତରୀୟ ଆଦିବାସୀ ମହୋତ୍ସବ ପରବ ଅବସରରେ ଜିଲା ସ୍ତରିୟ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଶ୍ରୀ ବିକ୍ରମ ସରକାରୀ ଚାରୁ ଓ କାରୁକଳା ବିଦ୍ୟାଳୟ ଜୟପୁର ଠାରେ ଅନୁଷ୍ଠିତ ହୋଇଛି । ଜିଲାର ବିଭିନ୍ନ ବ୍ଲକର ୪୦ ପ୍ରତିଯୋଗି ଭାଗ ନେଇଥିଲେ । ମୋ କୋରାପୁଟ ଓ ମୋ ଗୌରବ ଉପରେ ଚିତ୍ର ଆଙ୍କିଥିଲେ । ଏହି ପ୍ରତିଯୋଗିତାରେ ବିଦ୍ୟାଳୟର ଅଧ୍ୟକ୍ଷ ଯୁଧିଷ୍ଠିର ମଲ୍ଲିକ, କଳା ଶିକ୍ଷକ କ୍ରିଷ୍ଣା ପାଙ୍ଗି, ଅଚ୍ଚନା ଦାସ, ଏସଡିପିଆର ଯୋଶଦା ଗାଦବା, କର୍ମଚାରି କେ ସୁନିଲ କୁମାର, ସୁରେନ୍ଦ୍ର ବାଘ ପ୍ରମୁଖ ଉପସ୍ଥିତ ଥିଲେ । ଏଠାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯିବ ବୋଲି ଏସଡିପିଆରଓ ଯୋଶଦା ଗାଦବା ସୂଚନା ଦେଇଛନ୍ତି ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୦୮ ଡିସେମ୍ବର ୨୦୨୪
email : rabibarachayan2015@gmail.com

# ରବିବାର ଚୟନ

ପୃଷ୍ଠା ୩

......ସୁଚୟନ ସୁଚୟନ ସୁଚୟନ......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର


## ଧାରାବାହିକ ଉପନ୍ୟାସ



# ବୈଦେହୀ

### ଡ.ଭାଗବତ ବେହେରା



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ଭାଗ-୭୮
(ପୂର୍ବ ପ୍ରକାଶିତ ଉତ୍ତାରୁ...)

ମୁନି, ଋଷି, ସିଦ୍ଧ ବ୍ରାହ୍ମଣ ମାନଙ୍କର ପୂତ ପବିତ୍ର ମନ୍ତ୍ରୋଚ୍ଚାରଣରେ, ଚନ୍ଦନ କାଷ୍ଠ ଘୃତରେ ଦହନ ହେଲା ଦଶାନନର ମରଶରୀର । ଲିଭିଗଲା ସ୍ୱର୍ଣ୍ଣଲଙ୍କାର ଅଲିଭା ଜ୍ୟୋତି । ଲଙ୍କାରେ ବିଭୀଷଣ ହେଲେ ରାଜା।

ଏ ଦୃଶ୍ୟ ସବୁ ନଖଦର୍ପଣରେ ଦେଖୁଦେଖୁ ସନ୍ଧ୍ୟା ଯେ କେତେବେଳେ ଆସି ଉପନୀତ ହୋଇଗଲାଣି, ତାହା ମୁଁ ଜାଣିପାରୁ ନଥାଏ ପ୍ରୀତିଦା। ଆଖିରୁ ମୋର ଧାରଧାର ହୋଇ ଲୁହ ବହି ଯାଉଥାଏ। ମୁଁ ମନେମନେ ଭାବୁଥାଏ ରାବଣ ବୋଧହୁଏ ମୋତେ ଏକାକୀ ଭକ୍ତି କରୁଥିଲା। ହେଲେ ସେ ଯେ ଥିଲା ମୋ ପ୍ରଭୁଙ୍କର ପରମଭକ୍ତ ତାହା ମୁଁ ଜାଣିପାରି ନଥିଲି । ସେ ଯଦି ମୋ ପ୍ରଭୁଙ୍କ ପରମ ଭକ୍ତ ହୋଇନଥା'ନ୍ତା ତାହେଲେ ପ୍ରଭୁ କ'ଣ ନିଜହସ୍ତରେ ତା' ଶବ ଦାହ କରିଥା'ନ୍ତେ । ଭକ୍ତିରେ ପ୍ରଭୁଙ୍କ ପ୍ରତି ମୁଣ୍ଡ ମୋର ନଇଁ ଯାଉଥାଏ । ଲଙ୍କାର ସମସ୍ତ କାର୍ଯ୍ୟ ଶେଷକରି ସେ କେତେବେଳେ ଆସି ମୋ ନିକଟରେ ପହଞ୍ଚିବେ, ସେହି ଚିନ୍ତାରେ ମୁଁ ବିବ୍ରତ ହୋଇ ପଡୁଥାଏ ।

କ୍ରମେ ସନ୍ଧ୍ୟା ଯାଇ ରାତ୍ରି ମାଡ଼ି ଆସିଥିଲା । ଚିନ୍ତା ମୋର ବଢ଼ିବଢ଼ି ଯାଉଥାଏ । ପାଖରେ କେହି ନାହାନ୍ତି । ଆଜି ରାତି କ'ଣ ଏମିତି ଏକାକୀ ମୋତେ ଉଜାଗରରେ କଟାଇବାକୁ ପଡ଼ିବ । ମୋ ଭାବନାର ପୂର୍ଣ୍ଣଚ୍ଛେଦ ଟାଣି ମୋ ପାଖରେ ଆସି ଛିଡ଼ା ହୋଇଥିଲେ ମାଆ ତ୍ରିଜଟା । ତାଙ୍କୁ ଦେଖି ମୁଁ ପ୍ରଶ୍ନ କରିଥିଲି ଲଙ୍କା କଟକର ସବୁ କାର୍ଯ୍ୟ ସୁରୁଖୁରୁରେ ଶେଷ ହେଲା ତ ମା' । ପ୍ରଭୁ ମୋର କେମିତି ଅଛନ୍ତି ? କେତେବେଳେ ସେ ଏ ସ୍ଥାନକୁ ବିଜେ କରିବେ ?

ମୋ କଥା ଶୁଣି ତ୍ରିଜଟା କହିଥିଲେ, ଦେବୀ ବୈଦେହୀ ! ତୁମ ସ୍ୱାମୀଙ୍କ ଜୟଧ୍ୱନିରେ ଲଙ୍କା କଟକ ଏବେ ପଡୁଛି ଉଠୁଛି । ସଭିଙ୍କ ତୁଣ୍ଡରେ ତୁମ ସ୍ୱାମୀଙ୍କ ନାମ । ସମସ୍ତେ ତାଙ୍କୁ ପ୍ରଶଂସା କରୁଛନ୍ତି । ଲଙ୍କାର ଶତ୍ରୁ, ରାବଣର ହତ୍ୟାକାରୀ ତୁମ ସ୍ୱାମୀ ରାମଚନ୍ଦ୍ର ଲଙ୍କା ପାଇଁ ଏମିତି ମଂଗଳମୟ କାର୍ଯ୍ୟ କଲେ କେମିତି ? ଶତ୍ରୁକୁ ବଧ କରି ତାର ଶବକୁ ନିଜେ ସଂସ୍କାର କଲେ କେମିତି ? କେମିତି ସେ ଲଙ୍କାରେ ବିଭୀଷଣଙ୍କୁ ରାଜପଦରେ ଅଭିଷିକ୍ତ କଲେ ? ସେଥିପାଇଁ ସମସ୍ତଙ୍କ ତୁଣ୍ଡରେ ଶ୍ରୀରାମଙ୍କ ନାମ । ତାଙ୍କରି ପ୍ରଶଂସା ।

ତ୍ରିଜଟାଙ୍କ ମୁଖରୁ ମୋ ସ୍ୱାମୀଙ୍କ ପ୍ରଶଂସା ଶୁଣି ମୁଁ ଆନନ୍ଦରେ ଫୁଲି ଉଠୁଥାଏ ପ୍ରୀତିଦା । ସତରେ ମୋ ପ୍ରଭୁ କେତେ ମଂଗଳମୟ । ତାଙ୍କ କଥାଶୁଣି ଆନନ୍ଦରେ ଚକ୍ଷୁରୁ ମୋର ଝରି ପଡୁଥାଏ ଆନନ୍ଦାଶ୍ରୁ । ମୋତେ ଏମିତି କାନ୍ଦୁଥିବାର ଦେଖି ମା' ତ୍ରିଜଟା କହିଥିଲେ, ଦେବୀ ଆଉ କାନ୍ଦୁଛ କାହିଁକି ? ଦୁଃଖର ଦିନ ତୁମର ଏବେ ସରି ଆସିଲା । କାଲିଠୁଁ ତୁମ ଭାଗ୍ୟାକାଶରେ ଉଇଁବ ସୁଖର ସୂର୍ଯ୍ୟ । ତୁମ ସ୍ୱାମୀ ଆସି ତୁମ ହସ୍ତ ଧରି ଏଠାରୁ ନେଇଯିବେ ।

ସ୍ୱାମୀ ମୋର ଆସନ୍ତାକାଲି ପ୍ରଭାତରେ ଆସି ଅଶୋକବନରେ ପହଞ୍ଚିବେ । ମୋ ହାତଧରି ସୀତେ ! ସୀତେ ! କହି ମୋତେ କୋଳକୁ ଆଉଜାଇ ନେବେ। ତାଙ୍କ ତନୁ, ମନର ସ୍ପର୍ଶରେ ଏ ହତଭାଗିନୀ ସୀତା ଭୁଲିଯିବ ଜୀବନର ସମସ୍ତ ଦୁଃଖ ଭୁଲିଯିବ ବନବାସର ସମସ୍ତ ଯନ୍ତ୍ରଣା । ଅଶୋକବନରେ ଦୀର୍ଘ ଦୁଇବର୍ଷ ବିତାଇଥିବା ଯନ୍ତ୍ରଣାର ଦୁଃସହ ସ୍ମୃତିକୁ । ମନର ଭାବକୁ ଚପିରଖି ମା' ତ୍ରିଜଟାଙ୍କୁ ପଚାରିଥିଲି ପ୍ରଭୁ ମୋର କାଲି ପ୍ରଭାତରୁ ଆସିବେ ବୋଲି କ'ଣ ତୁମ ହାତରେ ସମ୍ବାଦ ପଠାଇଛନ୍ତି ? ମୋ କଥାଶୁଣି ସେ କହିଥିଲେ ନା ମାଆ ଜାନକୀ ସେ କୌଣସି ଖବର ମୋ ହାତରେ ପଠାଇ ନାହାନ୍ତି। ମୁଁ ଯାହା ଜାଣୁଛି ଆଜିର ସମସ୍ତ କାର୍ଯ୍ୟ ତୁଟାଇ ସେ ଆସନ୍ତାକାଲି ନିଶ୍ଚୟ ଆସିବେ । ରାତି ଅନେକ ହେଲାଣି । ଏବେ ବିଶ୍ରାମ ନିଅନ୍ତୁ ଦେବୀ । ଆଜି ଦିନଯାକ ମୁଁ ଅନୁପସ୍ଥିତ ଥିଲି । ମୋର ଅନୁମାନ ଯଦି ସତ୍ୟ ହୋଇଥାଏ, ତାହେଲେ ଆଜି ତୁମେ ଫଳ କିମ୍ବା ଜଳ କିଛି ଗ୍ରହଣ କରିନଥିବ ।

ତାଙ୍କ କଥା ଶୁଣି ମୁଁ କହିଥିଲି ସୀତାର ଜୀବନରେ ଆଜି ସବୁଠୁଁ ଆନନ୍ଦର ଦିନ, ଆଉ ସବୁଠୁଁ ଦୁଃଖର ଦିନ ମଧ୍ୟ । ଏକଥା ତୁମେ ଭଲ ଭାବରେ ଜାଣିଛ ମାଆ । ଏବେ ତୁମେ କୁହ ସତରେ ମୁଁ କ'ଣ ଆଜି କିଛି ଗ୍ରହଣ କରିପାରି ଥା'ନ୍ତି ।

ଧନ୍ୟ ତୁ ମାଆ ସୀତା । ଧନ୍ୟ ତୋର ପତିପ୍ରେମ, ପତିଭକ୍ତି । ତା ସହିତ ରାବଣ ପ୍ରତି ଥିବା ତୁମ ଅନ୍ତରର ସ୍ନେହ, ପ୍ରେମକୁ ଏ ଅସୁରୁଣୀ ମୃତ୍ୟୁ ପର୍ଯ୍ୟନ୍ତ ଭୁଲିପାରିବ ନାହିଁ । ତୋର ସ୍ୱାମୀ ପ୍ରତି ଯେମିତି ଭକ୍ତି, ପ୍ରୀତି ତୋ ସ୍ୱାମୀର ମଧ ତୋ ପ୍ରତି ସେତିକି ସ୍ନେହ ଆଦର ରହିଛି । ତୋ ଜୀବନରେ କିଛି ଦୁର୍ଲଭ ରହିବ ନାହିଁ ଲୋ ମାଆ। ସ୍ୱାମୀ ପ୍ରସନ୍ନ ହେଲେ ସ୍ତ୍ରୀଙ୍କର ସକଳ ଦୁଃଖ ଦୂର ହୋଇଯାଏ ବୋଲି ମୁଁ ଯାହା ଶୁଣିଥିଲି, ତାହା ମୁଁ ଏବେ ନୟନରେ ଦେଖୁଛି । ଅନ୍ତରରେ ଅନୁଭବ କରୁଛି । ତୋ ସ୍ୱାମୀ ଯେ ତୋ ଉପରେ କେତେ ପ୍ରସନ୍ନ, ସେ ଯେ ତୋତେ କେତେ ଅନ୍ତର ଦେଇ ଭଲପାଆନ୍ତି,ତାଙ୍କ ତନୁମନରେ ତାଙ୍କ ରୋମେରୋମେ ତୁ ଯେ ବସି ଯାଇଛୁ ଏକଥା ମୁଁ ତାଙ୍କ ସହିତ କଥା ହୋଇ ସବୁ ବୁଝିପାରିଛି । ଆଜି ରାତିଟିକୁ ଧୈର୍ଯ୍ୟ ଧରି ତାଙ୍କୁ ପ୍ରତୀକ୍ଷା କରି ରହ ମାଆ । କାଲି ପ୍ରଭାତରେ ତୋର ସକଳ ଦୁଃଖ ଦୂର ହେବ । ଏଇ ନେ ମାଆ ଏହି ଫଳ ଗୋଟିକ ଆଜି ରାତିକ ପାଇଁ ଭୋଜନ କର । ଆସନ୍ତାକାଲି...

ତ୍ରିଜଟାଙ୍କ ତୁଣ୍ଡରୁ କଥାନେଇ ମୁଁ କହିଥିଲି ନା ମାଆ ମୋତେ ତୁମେ ଆଉ ଭୋଜନ ପାଇଁ ବାଧ କରନାହିଁ । ଆଜକ ମୋର ଉପବାସ ବ୍ରତ । ଆଜି ରାତିରେ ମଧ ମୁଁ ନିଦ୍ରା ଯିବି ନାହିଁ । ଉଜାଗରରେ ରାତି ପୁହାଇ ଦେବି । ତୁମେ ରହିଁଲେ ଆଜି ରାତିକ ମୋ ପାଖରେ ରୁହ । ଆସନ୍ତାକାଲିର ରାତିକୁ ହୁଏତ ମୁଁ ଆଉ ତୁମ ପାଖରେ ନଥିବି ।

ସେ ରାତିକ ପାଇଁ ମୋ ପାଖରେ ରହିଥିଲେ ମା' ତ୍ରିଜଟା। ରାତିଯାକ ଆମେ ଦୁହେଁ ଉଜାଗରରେ ଥିଲୁ ପ୍ରୀତିଦା । ମୋ ମନ ଭୁଲାଇବା ପାଇଁ ସେ ମୋତେ ମୋ ବାପଘର, ଶାଶୁଘରର ନାନା କଥା ପଚାରୁଥିଲେ । ଦୁଇବର୍ଷ ଅଶୋକବନରେ ରହିଥିବା ସମୟରେ ସେ ମୋତେ କୌଣସିଦିନ ମୋ ଅତୀତର କଥା ପଚାରି ବୁଝି ନଥିଲେ, ସେଦିନ ରାତିରେ ସେ ଯେ କାହିଁକି ଏତେ କଥା ମୋତେ ପଚାରିଥିଲେ, ମୁଁ ତାହା ବୁଝି ପାରିନଥିଲି । ସେଦିନ ମୁଁ ମୋ ନିଜ ଭିତରେ ନଥାଏ ପ୍ରୀତିଦା। ଅନ୍ୟମନସ୍କ ଭାବରେ ତାଙ୍କର କେତୋଟି ପ୍ରଶ୍ନର ଉତ୍ତର ମୁଁ ଦେଇଥିଲି । ପ୍ରଭାତ ହେବା ପୂର୍ବରୁ ସେ ମୋତେ କହିଥିଲେ, ମାଆ ବୈଦେହୀ ତୋତେ ଏତେକଥା ପଚାରିଲି ବୋଲି କିଛି ମନେକଲୁ କି ମାଆ । ମୁଁ ତ ଅସୁରୁଣୀଟାଏ କେଉଁ ଜନ୍ମରେ କି କର୍ମ କରିଥିଲି କେଜାଣି ଏ ଜନ୍ମରେ ଅସୁର କୁଳରେ ଜନ୍ମ ନେଇଛି ।

ତାଙ୍କ କଥା ଶୁଣି ମୁଁ କହିଥିଲି ତୁମେ ଏପରି କାହିଁକି କହୁଛ ମାଆ । ଅସୁର କୁଳରେ ଜନ୍ମ ହେଲେ ବି ତୁମେ ଦାନବମାନଙ୍କଠାରୁ ଊର୍ଦ୍ଧ୍ୱରେ। ମୋ ଦୃଷ୍ଟିରେ ତୁମେ ଦେବୀ ।

(କ୍ରମଶଃ)


♥ ଦର୍ଜୀପୋଖରୀ, ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪


## ପ୍ରଦେଶ ପ୍ରତ୍ୟୁଷ



# ଶୀତର ମିଳୁନି ଦେଖା !

କବି ମଧୁସୂଦନ ରାଓଙ୍କ କବିତାରେ ବାରମାସରେ ଛଅ ଋତୁକୁ ସୁନ୍ଦର ଭାବେ ସ୍ଥାନିତ କରିଛନ୍ତି। ଏଥିରେ ଶୀତ ଋତୁ ବିଷୟରେ ଲେଖିଛନ୍ତି– 'ହିମେ କାର୍ତ୍ତିକ ମାର୍ଗଶୀର / ରାତିରେ ପଡ଼ଇ ଶିଶିର, ଶୀତରେ ପୌଷ ମାଘ ମାସ / ଦେହରେ ରଖ ଶୀତ ବାସ ।' ଏହି କେତୋଟି ଶବ୍ଦରେ ଶୀତର ଧରାବତରଣକୁ ଜାଣି ହୁଏ। ଯାହାକି ଏହି ଋତୁ ଜନଜୀବନକୁ ଖୁବ୍ ପ୍ରଭାବିତ କରିଥାଏ। ଏହି ଋତୁରେ ପର୍ବପର୍ବାଣୀ ଖୁବ୍ ଜୀବନ୍ତ ଓ ଉତ୍ସବମୁଖର କରି ଥାଏ। ସକାଳୁ ଉଠି ଥରି ଥରି ଗାଁ ପୋଖରୀରେ ସ୍ନାନ କରିବା। ପାଣିକୁ ହାତ ମାରିବାକୁ ଭୟ ଲାଗୁଥିଲା। ଆଉ ଶୀଘ୍ର ସନ୍ଧ୍ୟା ଆସି ଯିବାରୁ ପଡ଼ିଆରେ ପିଲାମାନଙ୍କର ଖେଳ ଅଧାରେ ରହିଯିବା ଯୋଗୁଁ ବିରକ୍ତି ହେବା, କାରଣ ଶୀତ ଦିନ ଛୋଟ ହୋଇଥାଏ । ଶୀତରେ ଶନିବାର ଦିନ ଥରି ଥରି ସକାଳୁଆ ସ୍କୁଲ ଯିବାରେ ଅମଙ୍ଗ ହେବା ଆଦି ଅନେକ କଥା ଆଜି ମନେପକାଇ ଦିଏ। ଶୀତର ପ୍ରକୋପ କେତେ ଥିଲା।

ହେଲେ ଆଜି ଶୀତ କାହିଁ ? ଏଯାଏ ଦେଖା ନାହିଁ। ଶୀତ ଆସିବାର ସମୟ ଆସି ଗଲାଣି। ହେଲେ ଏଯାଏ ଦେହକୁ ଥରାଇ ଦେଉଥିବା ଶୀତର ଦେଖାନାହିଁ। ଯେମିତି ଗରମ ଦିନ ଭଳି ଲାଗୁଛି। ସାଧାରଣତଃ ଦଶହରା, ଲକ୍ଷ୍ମୀପୂଜାକୁ ଶୀତ ତାର ପ୍ରବେଶ ଆରମ୍ଭ କରି ଦେଇଥାଏ । କାର୍ତ୍ତିକ ପୂର୍ଣ୍ଣିମା ଡଙ୍ଗାଭସା ବେଳେ ଶୀତରେ ଥରି ଥରି ଗାଧୋଇବାର ସେ ପିଲାଦିନ ସ୍ମୃତି ଏବେ ଯେମିତି ସ୍ମୃତି ପାଲଟିଛି। ଆଉ ସେ ଦିନ ନାହିଁ। ଗତ ବର୍ଷ ଅପେକ୍ଷା ଏବର୍ଷ ଶୀତ ଆସିବାରେ ବିଳମ୍ବ ହୋଇଛି।

ଦୀପାବଳି ବିତିବାର ଅନେକ ଦିନ ହେଲାଣି। ଏହାପରେ ମଧ୍ୟ ପାଣିପାଗରେ ଗରମ ଅନୁଭବ ହେଉଛି। ଦିଲ୍ଲୀ-ଏନସିଆର, ୟୁପି, ହରିଆଣା, ପଞ୍ଜାବ, ବିହାର, ରାଜସ୍ଥାନ ସମେତ ସମଗ୍ର ଉତ୍ତର ଭାରତରେ ତାପମାତ୍ରା ହାରାହାରି ଠାରୁ ଅଧିକ ରହିଛି ଏବଂ ପଙ୍ଖା ଓ ହାତ ବିଛଣା ନଚଲାଇ ରହି ହେଉ ନାହିଁ । ଏହାର କାରଣ କଣ ହୋଇପାରେ ଏବଂ କେବେ ଶୀତ ଆସିବ ? ଏହା ଆମେରିକୀୟ ଏଜେନ୍ସି ନାସା ସୂଚନା ଦେଇଛି। ଚଳିତ ବର୍ଷର ଅକ୍ଟୋବର ମାସରେ ପୂରା ବିଶ୍ୱରେ ହାରାହାରି ୧.୩୨ ଡିଗ୍ରୀ ଅଧିକ ଗରମ ରହିଛି। ନାସାର କହିବାନୁସାରେ, ଏହି ବର୍ଷର ଅକ୍ଟୋବର ମାସରେ ୨୦୨୩ର ତୁଳନାରେ କିଛି କମ୍ ଗରମ ରହିଛି, କିନ୍ତୁ କିଛି ଅଞ୍ଚଳରେ ଏହାର ଓଲଟା ମଧ ରହିଛି। ଏଥିପାଇଁ ଆମେ କହି ପାରିବା ଯେ ଉଭୟ ବର୍ଷରେ ଏକାଭଳି ପାଣିପାଗ ରହିଛି।

ଭାରତରେ ଅକ୍ଟୋବର ମାସରେ ଗରମ ହେବା ଓ ଏବେ ସୁଦ୍ଧା ଥଣ୍ଡା ନପଡ଼ିବାର କାରଣ ଏହା କି ପଶ୍ଚିମା ଝଡ଼ ସକ୍ରିୟ ନାହିଁ। ଏହା ବ୍ୟତୀତ ପୂର୍ବ ବାୟୁର ପ୍ରଭାବ ରହିଛି, ଯେଉଁଥି ପାଇଁ ବଙ୍ଗୋପସାଗରରେ କମ୍ ଚାପର କ୍ଷେତ୍ର ସୃଷ୍ଟି ହୋଇଛି। ପାଣିପାଗ ବିଭାଗର ଅନୁମାନ ଯେ, ନଭେମ୍ବର ମାସରେ ପ୍ରତି ବର୍ଷ ତୁଳନାରେ କିଛି ଅଧିକ ଗରମ ରହିବ ଯାହାକି ଅଲ-ନିନାର ସକ୍ରିୟ ହେବା ପରେ ଭୀଷଣ ଥଣ୍ଡା ଅନୁଭୂତ ହୋଇପାରେ। ବିଶେଷଜ୍ଞଙ୍କ କହିବାନୁସାରେ, ଉତ୍ତର ଭାରତରେ ସର୍ବନିମ୍ନ ତାପମାତ୍ରା ସାଧାରଣରୁ ୨ରୁ ୩ ଡିଗ୍ରୀ ସେଲସିୟସ ଅଧିକ ହୋଇ ରହିଛି। ବାସ୍ତବରେ ଥଣ୍ଡାର ଆରମ୍ଭ ଡିସେମ୍ବର ମଧ୍ୟ ଭାଗରୁ ହୋଇପାରେ।

ବିଶ୍ୱ ତାପମାତ୍ରା ଦିନକୁ ଦିନ ବଢିବାରେ ଲାଗିଛି। ଆମ ଋତୁଚକ୍ରରେ ଯେଉଁ ୬ଟି ଋତୁ ଅଛି। ତାହା ଆଜି ଯେମିତି ଆମର ପାଠ୍ୟ ପୁସ୍ତକରେ ରହି ଯାଇଛି। ଯେମିତି ଲାଗୁଛି ଆଉ ଛଅ ଋତୁ ନୁହେଁ ତିନୋଟି ଋତୁ ଖରା ,ବର୍ଷା ଓ ଶୀତ ହିଁ ଅନୁଭୂତ ହେଉଛି। ଆଉ ଏଥିରେ ବି, ଏହି କିଛି ବର୍ଷ ହେଲା ବ୍ୟତିକ୍ରମ ଦେଖା ଦେଇଛି । ବର୍ଷ ସାରା ଯେମିତି ଗ୍ରୀଷ୍ମ ଋତୁ ହେବାର ଜଣାପଡୁଛି। କେତେବେଳେ ଅସହ୍ୟ ଉତ୍ତାପ ଅସହିଷ୍ଣୁ କରି ଦେଉ ଥିବାବେଳେ ମଝିରେ ମଝିରେ ବର୍ଷା ହେଉଛି। ସେ ବି ତାର ସମୟ ବଦଳାଇ ଦେଇଛି। ଠିକ୍ ସମୟରେ ଆଉ ଖରା, ବର୍ଷା କି ଶୀତ ହେଉ ନାହିଁ। ପାଣିପାଗରେ ସଂପୂର୍ଣ୍ଣ ପରିବର୍ତ୍ତନ ହୋଇ ଗଲାଣି।

ଯେମିତି ଲାଗୁଛି ଆଗାମୀ ପିଢି ବୋଧେ କେବଳ ଗ୍ରୀଷ୍ମ ଋତୁକୁ ହିଁ ଜାଣିବ। ଋତୁଚକ୍ରରୁ ଉଭାନ ହୋଇଯିବ ଆଉ ୫ଟି ଋତୁ। ବିଶ୍ୱ ପାଣିପାଗ ସଙ୍ଗଠନ (ଡବ୍ଲ୍ୟୁଏମଓ) ର ଗୁରୁତ୍ୱପୂର୍ଣ୍ଣ ରିପୋର୍ଟରେ ଜଣାପଡ଼ିଛି ଯେ, ଜଳବାୟୁ ପରିବର୍ତ୍ତନର ବେଗ ଖୁବ ଜୋରରେ ବୃଦ୍ଧି ପାଇଛି। ଚଳିତ ୨୦୨୪ ମସିହା ଉତ୍ତପ୍ତ ବର୍ଷ ଭାବେ ପୂର୍ବରୁ ରେକର୍ଡ ଭାଙ୍ଗିଛି। ଗ୍ରୀନହାଉସ ଗ୍ୟାସର ନିର୍ଗମନ ବଢୁଛି। ଏହାକୁ ରୋକିବା ଦିଗରେ ଗୁରୁତ୍ୱ ଦେବାକୁ ଏହି ସଙ୍ଗଠନ ସତର୍କ କରାଇଛି। ଏବେ ଆମେ ଆଉ ବୁଝିବାକୁ ବାକି ନାହିଁକି ଯେ, ଆମର ଏ ପ୍ରକୃତି ବଦଳିବାକୁ ଲାଗିଛି। ସେଥିପାଇଁ ସମୟାନୁସାରେ ଯାହା ଘଟିବା କଥା ତାହା ଆଉ ହେଉ ନାହିଁ। ଯେଉଁଥି ପାଇଁ ଆମ ପରିବେଶ ଓ ପ୍ରକୃତିରେ ଆଉ ସନ୍ତୁଳନ ନାହିଁ। ଏପରି ଅବ୍ୟବସ୍ଥା ଦେଖା ଦେଇଛି। ଏଥିପାଇଁ ଆମର ଏ ମଣିଷ ମାନେ ହିଁ ଦାୟି। ଆମକୁ ଏବେ ଶୀତ କାହିଁ ଆସୁନି ଏପରି ଅଭିଯୋଗ କରିବା ପରିବର୍ତ୍ତେ, ପରିବେଶକୁ କିଭଳି ସୁସ୍ଥ ଓ ସନ୍ତୁଳିତ ରଖିବା ସେ ଦିଗରେ କାର୍ଯ୍ୟ କରିବାକୁ ହେବ। ତାହେଲେ ଯାଇ ଋତୁଚକ୍ର ତାର ପୂର୍ବାବସ୍ଥାକୁ ଫେରି ପାରିବ। ଠିକ୍ ସମୟରେ ଛଅ ଋତୁ ବିରାଜମାନ କରିବେ।

ବର୍ତ୍ତମାନ ସମୟରେ ଖୁବ୍ ବନ୍ୟା, ବାତ୍ୟା, ବର୍ଷା, ମରୁଡ଼ି ଓ ଉତ୍ତାପ ଆମକୁ ସୂଚାଇ ଦେଉଛି ଯେ, ବିଶ୍ୱ ତାପମାତ୍ରା କିଭଳି ବୃଦ୍ଧି ପାଇବାରେ ଲାଗିଛି। ଏଣୁ ଏବେ ଜରୁରୀ ହୋଇ ପଡ଼ିଛି ଆମକୁ ବିଶ୍ୱ ତାପମାତ୍ରାରେ ହେଉଥିବା ପରିବର୍ତ୍ତନକୁ ରୋକିବା ଓ ଗ୍ରୀନ ହାଉସ୍ ଗ୍ୟାସ ନିର୍ଗମନକୁ ହ୍ରାସ କରିବା। ନୁହେଁତ ନେଡି ଗୁଡ଼ କହୁଣୀକୁ ବୋହି ଗଲା ପରେ ଆଉ କିଛି ନଥିବ।


♥ କୁରୁମଟାଙ୍ଗର , ମହୁଲପଡ଼ା , ଢେଙ୍କାନାଳ
(ମୋ) ୭୦୦୮୪୩୧୨୫୭


## କବିତା...

### ଯିବା ବେଳ
**ସିଦ୍ଧେଶ୍ୱର ପଣ୍ଡା**



ଏବେ ଯିବା ବେଳ ହେଲାଣି
ମୁଁ ବି ପ୍ରସ୍ତୁତ ଯିବାକୁ ତମ ଆଡେ
ନିଜ ଭଳି କେହି ଜଣେ ଦୂରରୁ ଡାକୁଛି
ଯିବା ପାଇଁ ଦିଗନ୍ତ ସେପଟେ !

ଅନେକ ବର୍ଷ ଧରି
ମୁଁ ଭାସି ଭାସି ଗଲି ଜୀବନ ଡଙ୍ଗାରେ
କାମନାର ନଈରେ
ଅଥଚ ବୁଣି ହୋଇପଡ଼ିଥିବା
ତମ ଅଖଣ୍ଡ ଜ୍ୟୋତିକୁ
ସାଉଁଟି ପାରିଲିନି ଜୀବନରେ !
କେତେ ଜାହାଜ ଭର୍ତ୍ତି ସ୍ୱପ୍ନ ସଉଦା କରି
କେତେ ଜହ୍ନ ରାତିର ସମୟର ଶେଷ ଯାଏଁ।

ଜ୍ୟୋତ୍ସ୍ନାର ଗୀତ ଧରି
ଭାସି ଚାଲିଛି ଜୀବନ ଜାହାଜ
ସମୟ ସୁଅରେ !
ଏବେ ଜାଣି ସାରିଲିଣି

ବ୍ୟସ୍ତ ଓ ବିବ୍ରତ ମନ ମୋର
ବୁଝିବାକୁ ଅସମର୍ଥ ସକଳ ରହସ୍ୟ
ନିଜର ନିଜର ଲାଗୁଥିବା
ଘରଦ୍ୱାର ପୂର୍ବରାଗ
ଏବେ ସବୁ କିଛି ତୁଚ୍ଛ, ତୁଚ୍ଛ ହୀନ
ଆଉ ନାହିଁ ସମ୍ମୋହନ
ନୀଳ ନିମନ୍ତ୍ରଣ ।

ସରି ସରି ଆସୁଛି ସବୁ ଗୀତ ସବୁ ସ୍ୱର
ରାଗ ଅନୁରାଗ, ପ୍ରୀତିର ମହ୍ଲାର !
ଆଉ କେଉଁଠାରେ ମନ ଲାଗୁନି
କୋଉ ଅଧିକାର ଟିକକ ପାଇଁ
ମାୟା ବିଭୋର ହୋଇ

ମଗ୍ନ ହେଲେ ସଂସାରରେ
ବିସର୍ଜନ ହେବାକୁ ପ୍ରସ୍ତୁତ
ମାୟା ବୃକ୍ଷରୁ ବାହାରି
ନୀଡ଼ ଛାଡ଼ିବା ପକ୍ଷୀ ଭଳି ଜୀବନ ବୃକ୍ଷରୁ
ଏବେ ପରା ମୋହ ମୁକ୍ତିର ବେଳ
ଯିବା ବେଳ !
ସମୟର ଶେଷ ଯାଏଁ।


♥ ନମକନା, ରେଳା, ବାଲିଆପାଳ
ଜଳେଶ୍ୱର - ୭୫୬୦୨୬
(ମୋ) ୯୧୭୮୧୫୩୯୬୨


### ଜାଲ
**କେଦାର ମିଶ୍ର**



ଜାଲ ପାତିଛି ଶିକାରୀ
ଜାଲ ବାନ୍ଧିଛି କେଉଟ
ଜାଲ ପିନ୍ଧେଇଛି ମହାରାଜା
ଜାଲକୁ ଶାଢି କରି ପିନ୍ଧିଛି ଉର୍ବଶୀ
ଆକାଶକୁ ଜାଲ କରି
ପୃଥିବୀକୁ ଧରି ରଖିଛି
କେହି ଜଣେ ମଣିଷ ପରି ଈଶ୍ୱର।

ଜାଲ ପିଣ୍ଡ, ଜାଲ ଇ ବ୍ରହ୍ମାଣ୍ଡ
ଜାଲ ଭିତରେ କାମନାର
କୋଟିଏ କାହାଣୀ
ଜାଲ ଭିତରେ ମୋକ୍ଷ
ଜାଲ ଭିତରେ ବେଶ ହେଉଛି
ପ୍ରେମ ଓ ବିଶ୍ୱାସଘାତକତା
ଜାଲ ଭିତରେ ସଚରାଚର
ଘରର ସମୁଦ୍ର।

ଜାଲ ତମର ପ୍ରେମ
ଜାଲ ମୋ ମା'ର ମମତା
ଜାଲ ତମର ପ୍ରତିଶ୍ରୁତି
ଜାଲ ତମର ବଗିଚା
ମୋର କବିତା ।

ସବୁ ଜାଲ, ଠିକ୍ !!
ହେଲେ ମାଛ କିଏ ହୋ କବି !!


♥ ବିନୋଦିନୀ ନିବାସ
୨୬୫/୧୭୩୬ ଏ, ଶାସ୍ତ୍ରୀ ନଗର,
ୟୁନିଟ-୪, ଭୁବନେଶ୍ୱର -୧
(ମୋ) ୯୪୩୭୧୫୪୪୪୫


### ଭୁଲିବାକୁ ଚାହୁଁଥିବା କବିତା
**ଜ୍ଞାନେନ୍ଦ୍ର କୁମାର ପଣ୍ଡା**



ତୁମକୁ ବିଦାୟ ଦେଇ ଫେରିବା ପଥରେ
ଅଦିନିଆ ଝିପି ଝିପି ବର୍ଷା
ଏବେ ମଧ ରାହା ଧରିଛି
ପାଖ ଷ୍ଟେସନ୍ ଅତିକ୍ରମ କରିସାରିଥିବ
ତୁମ ଟ୍ରେନ୍
ଏଥର ତୁମେ ମୁକ୍ତ ସମସ୍ତ ଦାୟରୁ
ଆପାତତଃ ମୋତେ ମଧ ମୁକ୍ତି ଦରକାର ।

କେତେଥର ତୀବ୍ର ପବନର ଝାଙ୍କରେ
ହାତରେ ରହି ଥରି ଉଠିଲାଣି ଛତା
ଯାଃ...। ହାତରୁ ବାହାରି ବେଶ ଆରାମରେ
ଉଡ଼ିଗଲା ସେ, ପଛକୁ ବି ଚାହିଁଲାନି !
ତେବେ କଣ ଏତେ ସହଜ, ଚାଲିଯିବାଟା ?

ଦେହ ପୁରା ଆର୍ଦ୍ର । ପ୍ରଥମ କରି ବର୍ଷାରେ
ଓଦା ହେବାର ଚମକ ଖେଳୁନ'ଥିଲା
ମୋ ଭିତରେ ।

ହାତରେ ଷ୍ଟେସନ ଛକ ଚା' ଦୋକାନୀର
ଗରମ ଚା' କପ୍
ଓଠରେ ଦ୍ୱିତୀୟ ଟାଣ୍ ବେଳକୁ କପରେ
ଯେମିତି ମୁଠିଏ ବରଫ
ଓଠ ଥଣ୍ଡା, ଚା' ଥଣ୍ଡା,
କେଜାଣି କୁଆଡ଼େ ଗଲା
ଉଷ୍ମତା ଟିକକ !

ମୁଣ୍ଡ ଏଯାଏଁ ଭାରି ।
ମୋତେ ପ୍ରଚଣ୍ଡ ମୁକ୍ତି ଆବଶ୍ୟକ
ସେଇ ଗୋଟିଏ ପ୍ରଶ୍ନ ମୋ ମନରେ,
କେମିତି ?

ସାମ୍ନାରେ ସକାଳ
କାଁ ଭାଁ ଭିଡ଼ ଲାଗିଛି ପ୍ଲଫ୍ ରାସ୍ତା
ସଡ଼କ ଧାରରେ ବିଛେଇ ପଡ଼ିଥିବା
ନୀଳକୁରିଞ୍ଜି
ହାତ ଠାରି ଡାକୁଥିଲା
ମାଟିରୁ ଗୋଟିଏ ଉଠେଇ ନେଇ
ଶୁଙ୍ଘିଲା ବେଳକୁ ଶୂନ୍ୟ,
ପର ପର ହୋଇ ଯାହାକୁ ବି ଆଘ୍ରାଣ
କରିବା ବେଳକୁ
କାହାରି ଦେହରେ ବାସ୍ନା ନାହିଁ ।

ସେମାନଙ୍କୁ ଛୁଇଁ ପଥ ପ୍ରାନ୍ତରରେ ବହୁଥିବା
ବର୍ଷାର କ୍ଷୁଦ୍ର ଜଳଧାରାରେ ପ୍ରବାହିତ
ହେଉଛି ସୁଗନ୍ଧ ।

ହସୁଥିଲା ନୀଳକୁରିଞ୍ଜି
ଏ ଯେ ତା' ପାଇଁ ବିଦାୟର ଋତୁ, ତଥାପି
ତା' ହସ କେଡ଼େ ଛଳ ଛଳ, କେଡ଼େ
ସହଜ ସରଳ !

ପୁନଶ୍ଚ ସେଇ ପ୍ରଶ୍ନ ମୋ ମନରେ,
କିନ୍ତୁ କେମିତି ?
ଫିସ୍ ଫିସ୍ କରି
ନୀଳକୁରିଞ୍ଜି ମୋ କାନରେ କହୁଥିଲା...
'ଆଗକୁ ଯାଇପାରୁନାହଁ ?
କାହାକୁ ନିଶ୍ଚୟ ଛୁଇଁଦେଇ ଆସିଛ,
ଯାଅ, ପଛକୁ ଯାଇ ଥରେ ସେ ସ୍ପର୍ଶ
ଅନୁଭୂତିର ଦାଗ
ଲିଭେଇଦେଇ ଆସିବ।'

ଏଥର ପୂର୍ବାପେକ୍ଷା ହାଲୁକା ଲାଗୁଥିଲା,
ଆଗକୁ ଚାଲୁଥିଲି ...
ପଛରୁ ଠୋ ଠୋ ହସୁଥିଲା
ନୀଳକୁରିଞ୍ଜି ।


♥ ସୁନ୍ଦରୀ, ସୁନହଟ, ବାଲେଶ୍ୱର
(ମୋ)୯୮୬୧୧୧୬୩୮୦


### ଆମେ ସ୍ୱପ୍ନଦ୍ରଷ୍ଟା
**ଲତିକା ମହାପାତ୍ର**



ମନରେ କ୍ଷୋଭ, ପୁଞ୍ଜିଭୂତ ଅସନ୍ତୋଷ
ବିଦ୍ରୋହ, ବ୍ୟବସ୍ଥା ବିରୁଦ୍ଧରେ...
ବିଦ୍ରୋହ, ମାନସିକତା ବିରୋଧରେ ...

ମାନସିକତା
ମିଳିମିଶି ଠକିବାର ମାନସିକତା
ପରସ୍ପର ସକ୍ରିୟ ସହଯୋଗରେ

କେତେ ଆଉ ଲଢ଼ିହେବ ଯୁଦ୍ଧ ଏକା ଏକା ?
ମହଣ ମହଣ ଚିନ୍ତାର ବୋଝ ମଥାରେ
ଗଦା ଗଦା ଆବର୍ଜନା ଆଘାତର
କେମିତି ଲଢ଼ିହେବ ଏ ଯୁଦ୍ଧ
କେଉଁ ଅସ୍ତ୍ର କେଉଁ ସୈନିକ ବଳରେ ?

କେତେ ସବୁ ଦିବସର ଶପଥ ପାଠ
ନିତି ନୂଆ ମନ୍ତ୍ର, ନୂତନ ଆହ୍ୱାନ
ନୀତି ଓ ନିୟମ ସଂହିତା
ଆବାହନୀ ଆଗାମୀକାଲିର ।

କ୍ଳାନ୍ତି ନାହିଁ, ଅଶ୍ୱସ୍ତି କି ବିରକ୍ତି ନାହିଁ,
ଅଭିଯୋଗ ନାହିଁ, ପ୍ରତିରୋଧ ନାହିଁ
କେବଳ ଆଦେଶ ପାଳନ କରିବାକୁ
ଅଛୁ ହଜୁର...

ଶିକ୍ଷକ ନୁହେଁ ଆମେ, ଏ ଦେଶର

ନୂଆ ମଜଦୂର
ଆମ ହାତେ ଗଢ଼ା ହେବେ
ଭାଗ୍ୟ ଓ ଭବିତବ୍ୟ ଏ ଦେଶର
ଆମେଇ ଭରିଦେବୁ ଉଦ୍ଦାମତା
ସୁନେଲି ସପନ, ଶିହରଣ, ଜାଗରଣ
ପ୍ରାଣରେ ସ୍ପନ୍ଦନ
ଆତ୍ମାରେ ଅତନ୍ଦ୍ର ଆହ୍ୱାନ
ଏ ମାଟିର ଶିଶୁଙ୍କ ଆଖିରେ ବୁକୁରେ
ପ୍ରତିଟି ଲୋମକୂପରେ
ସମୟର ସକଳ ସଂଘାତ ସନ୍ତ୍ରାସ ସହି
ଆତ୍ମାର ଅଲଂଘ୍ୟ ଡାକରେ..

ସକଳ ଷଡଯ. ଅତ୍ୟାଚାର
ପାରିବନି ନାଶି ଆମ ଦିବ୍ୟ ଆତ୍ମିକ ତେଜ
ଆମେ ଏ ଦେଶର ରୂପକାର

ସ୍ୱପ୍ନଦ୍ରଷ୍ଟା, ପ୍ରାଣ ପ୍ରତିଷ୍ଠାତା
ଆଗାମୀ କାଲିର ପ୍ରତିଭୂ
ଚିର ଜାଗ୍ରତ, କର୍ତ୍ତବ୍ୟର ଜ୍ୱଳନ୍ତ ମଶାଲ
ତୁଙ୍ଗ ହିମାଳୟ ସମ ବିଶାଳ
ଆମେ ଉଦ୍ଦୀପ୍ତ ଚେତନାର ରୂପକାର
ଆମେ ଶିକ୍ଷକ
କାଳ କାଳ ନବ ନିର୍ମାଣର ନୂତନ ଊର୍ଜା
ମହାନ ଭାଷ୍ୟକାର ।


♥ ତାଳଚେର
(ମୋ)୯୮୬୧୩୮୫୫୩୯

# ପ୍ରତିଭାହୀନ ସାହିତ୍ୟିକଟିଏ ପୁରସ୍କୃତ ହେଲେ ପୁରସ୍କାରର ମର୍ଯ୍ୟାଦା ହାନି ହୁଏ : କମଳ କୁମାର ମହାନ୍ତି

**କମଳ କୁମାର ମହାନ୍ତି** ଓଡିଆ କବିତା ଜଗତରେ ଗୋଟେ ସ୍ୱଷ୍ଟ ପାଦଚିହ୍ନ । ତାଙ୍କ କବିତାମାନଙ୍କରେ ଅନୁଭବ, ଅନ୍ତର୍ଦୃଷ୍ଟି ଓ ନିଆରା ଦୃଷ୍ଟିଭଙ୍ଗୀ ହିଁ ତାଙ୍କର ସ୍ୱତନ୍ତ୍ରତା । ସାହିତ୍ୟ ସମ୍ପାଦନାକୁ ନିଜର ପରମ ଭାଗ୍ୟ ବୋଲି ବିଚାରୁଥିବା କବିଙ୍କ କବିତା କେବେ ଶୀତ ସକାଳର କାକର ପରି ତ କେବେ କାକର ପିଠିରେ ଚିକ୍‌ମିକ୍ ଖରା ପରି ସମ୍ମୋହିତ କରେ ପାଠକଙ୍କୁ । ନିଜ ସଂସ୍କୃତି ଓ ପରମ୍ପରାର ଛାପରେ କବିତା ଲେଖାଯିବା ଉଚିତ୍ ବୋଲି କହୁଥିବା ଏହି କବିଙ୍କ ସହ ଏଥରର ଆଳାପ...



ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ପ୍ରଥମେ ପ୍ରଥମେ ଲେଖିବାବେଳେ ନିଜ ଉପରେ ଭରସା ରହୁ ନଥିଲା । ମୁଁ ଯାହା ଲେଖୁଛି, ତାହା କ'ଣ ସତରେ କାହା ମନକୁ ଛୁଇଁବ ! କିଏ କାଳେ ପଢ଼ିଦେବ, ତାକୁ ବହିଖାତା ଭିତରେ ଲୁଚାଇ ରଖୁଥିଲି ଅନ୍ୟମାନଙ୍କ ସ୍ୱଷ୍ଟ ନଜରରୁ । ଦିନେ ଅଚାନକ କେହି ସାଙ୍ଗ ହଷ୍ଟେଲ ରୁମ୍‌କୁ ଆସି ମୋ ବହି ଖାତା ଖେଳାଉ ଖେଳାଉ ମୋର କୌଣସି କବିତା ଉପରେ ଆଖି ବୁଲାଇ ନେଇ କହିଦେଲା, 'ଆରେ ଏଇ କବିତାଟା କେମିତି ଲେଖିଦେଲୁ, ଭଲ ଲାଗୁଛି ତ !' ତା'ପରେ ତାକୁ ଅନ୍ୟ କାହାକୁ ପଢ଼ି ଶୁଣାଇବାକୁ ଆଉ ଲାଜ ଲାଗୁ ନଥିଲା । ପ୍ରଥମ କବିତାର ନାଁ ମନେନାହିଁ । ହେଲେ ଛାପା ଅକ୍ଷରରେ ଦେଖିଥିବା ମୋର ପ୍ରଥମ କବିତାର ନାଁ 'ମୋ' ଗାଆଁ' । ଯେଉଁ ପତ୍ରିକାରେ ପ୍ରକାଶ ପାଇଥିଲା, ତା'ର ନାଁ 'ଗାଆଁ ଗଣ୍ଡା' । ତା'ର ସମ୍ପାଦକ ରତ୍ନାକର ପଣ୍ଡା ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ସାହିତ୍ୟ ଲେଖାର ପ୍ରଥମ ପ୍ରେରଣା କିଏ, ନିର୍ଦ୍ଦିଷ୍ଟ ଭାବରେ କହି ପାରିବି ନାହିଁ । ହେଲେ ପିଲାବେଳେ ମୋ ବୋଉର ଗୀତଖାତା ପଢ଼ି ହେଉ, ଅଥବା ପତ୍ର ପତ୍ରିକାରୁ ସଚ୍ଚି ରାଉତରାୟ ,ରାଧା ମୋହନ ଗଡ଼ନାୟକ, ରମାକାନ୍ତ ରଥ, ରବି ସିଂ ଏବଂ ମୋ ମାଟିରେ ଜନ୍ମିତ ଜାତୀୟ ସଙ୍ଗୀତର ରଚୟିତା ଯୋଗଜନ୍ମା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଓ ନିତ୍ୟାନନ୍ଦ ପତିଙ୍କ କବିତା ପଢ଼ି ହେଉ, ମନ ନିଭୃତରେ କେଉଁଠି ଟିକେ ଲେଖିବାର ପ୍ରେରଣାଟେ ହୁଏତ ଗଜୁରି ଥିଲା । ଏହି କବିମାନେ ନିଶ୍ଚୟ ମୋ ପ୍ରେରଣା । ହେଲେ ମୋ' ମାଟିର ବିଲମାଳ, ନଈ, ନୟନଜୋରି, ଶାଗୁଆ କ୍ଷେତ - ଯେଉଁମାନେ ମୋ' ଓଠରେ ଭାଷା ଦେଇଛନ୍ତି ଓ ଲେଖିବାକୁ ଉସକାଇଛନ୍ତି, ସେମାନେ ମୋ ସାହିତ୍ୟର ଆଦ୍ୟଗୁରୁ ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ? ସେଥି ମଧ୍ୟରୁ କେଉଁଟି ଆପଣଙ୍କର ପ୍ରିୟ ଓ କହିଁକି ?

■■ ସାହିତ୍ୟ ଜଗତଟି ମୋ ଲାଗି ଗୋଟିଏ ରୋମାଞ୍ଚକର ଯାତ୍ରାର ଅନୁଭୂତି । ୧୯୮୬-୮୭ ମସିହାରୁ ଲେଖାଲେଖିରେ ପାଦ ପକାଉଥାଏ ସିନା, ପାଦ ଥାପିବାର ସାହସ ନଥିଲା । ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶ ପାଇଥିବା ମୋର କବିତାସବୁକୁ ସନ୍ନିବେଶିତ କରି ୨୦୦୧ ମସିହା ଉତ୍କଳ ଦିବସର ଶୁଭ ଅବସରରେ 'ଚିହ୍ନାମାଟି' ଶୀର୍ଷକରେ ସଙ୍କଳନଟିଏ ଉନ୍ମୋଚିତ ହୋଇଥିଲା । ପ୍ରଥମ ପୁସ୍ତକ ପାଠକାର୍ପିତ ହେବାର ପୁଲକ ଅଭୁଲା । ତାହା ହିଁ ଥିଲା କବି ଭାବରେ ସାହିତ୍ୟରେ ଛୋଟିଆ ପରିଚିତିଟିଏ ପାଇବାର ଅନୁଭୂତି । ଆଜି ପର୍ଯ୍ୟନ୍ତ ମୋର ଆଠଗୋଟି କବିତା ସଙ୍କଳନ ଓ ତିନିଗୋଟି ସମ୍ପାଦିତ ସଙ୍କଳନ ପ୍ରକାଶ ପାଇଛି । ସଙ୍କଳନ ଭାବରେ ଚିହ୍ନାମାଟି,ବାହୁଡ଼ା ବେଳ, ଶବ୍ଦ ଯେସନେ ମାୟାମୃଗ, ନିଜ ନିଜ ଇନ୍ଦ୍ରପ୍ରସ୍ଥ, ମୂହୂର୍ତ୍ତେ ମହକ, ସହରରେ ଜହ୍ନ ନାହିଁ, ହୃଦୟରାଗ ଓ ରାଗ ଦରଦ । ସମ୍ପାଦନାରେ ଓଡ଼ିଆ କବିତାରେ 'ବାପା' ଓ ତା'ର ହିନ୍ଦି ରୂପାନ୍ତର ଏବଂ ଓଡ଼ିଆ କବିତାରେ 'ବୋଉ' । କବିତାଗ୍ରନ୍ଥ ସବୁ ମୋର ମାନସ-ସୃଷ୍ଟି । ତେଣୁ ସବୁ ମୋର ପ୍ରିୟ ।



ସମ୍ବର୍ଦ୍ଧିତ ହେବାର ସ୍ମରଣୀୟ ମୁହୂର୍ତ୍ତ....

■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଆପଣ ଭାବନ୍ତି ?

■■ ଓଡ଼ିଆ ସାହିତ୍ୟର ବୁନିୟାଦୀ ମହାନ । ଭାରତବର୍ଷରେ ଓଡ଼ିଆ ଭାଷା ଓ ସାହିତ୍ୟର ଗରିମା ଅସୁମାରି । ଦେଶରେ ସମୁଦାୟ ଛଅଗୋଟି ଭାଷା ଶାସ୍ତ୍ରୀୟତା ଲାଭ କରିଥିବା ବେଳେ ଓଡ଼ିଆ ଭାଷା ସେଥିରୁ ଅନ୍ୟତମ । ଯେଉଁ ଭାଷା ଏତେ ଉନ୍ନତ, ତା'ର ସାହିତ୍ୟର ସ୍ଥିତିଶୀଳତାକୁ ନେଇ ମୁଁ ଲେଶ ମାତ୍ର ସନ୍ଦେହ କରିବି ନାହିଁ । ମୁଁ ବରଂ ଗଭୀର ଭାବେ ଆଶା କରିବି ଯେ, ଓଡ଼ିଆ ସାହିତ୍ୟ ସର୍ବଭାରତୀୟ ସ୍ତରରେ ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିବା ସଙ୍ଗେସଙ୍ଗେ ସବୁଠୁଁ ଆଗରେ ରହିଥିବ । ସାହିତ୍ୟ ସଦାକାଳ ସାଧାରଣ ଲୋକର କଥା ହିଁ କହିଥାଏ । ପ୍ରେମଚାନ୍ଦଙ୍କ 'ଗୋଦାନ' କହନ୍ତୁ ଅବା ଗୋପୀନାଥଙ୍କ 'ମାଟି ମଟାଳ', ସଚ୍ଚି ରାଉତରାୟଙ୍କ 'ଛୋଟ ମୋର ଗାଆଁଟି', ରମାକାନ୍ତଙ୍କ 'ଶ୍ରୀରାଧା', ଫକୀର ମୋହନଙ୍କ 'ଛଅମାଣ ଆଠଗୁଣ୍ଠ' ଅବା 'ଭାଗବତ କଥା', ଏସବୁ କେବଳ ସାଧାରଣ ଲୋକଙ୍କ ପାଇଁ ଲେଖା ହୋଇଛି ଓ ଏସବୁର ପାଠକ ଅଗଣନ । ଏବର କବି ଓ ଲେଖକମାନେ ସେହି ସାଧାରଣ ଲୋକର କଥାକୁ ନେଇ ଲେଖନ୍ତୁ, ସାହିତ୍ୟ ପାଠକଙ୍କ ସନ୍ନିକଟ ହୋଇ ରହିବ ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ମାତୃଭାଷା ଯଦି ବଞ୍ଚିରହିଛି, ତାହା ସାଧାରଣ ଲୋକଙ୍କ ଭାଷାରେ ତଥା ସାରସ୍ୱତ ସ୍ରଷ୍ଟା ମଣିଷଙ୍କ ସାହିତ୍ୟ-ସୃଷ୍ଟିରେ କେବଳ । ଯଦି ଏହା ସଙ୍କଟରେ ରହିଛି ଅବା ଆଗକୁ ସଙ୍କଟରେ ରହିବାର ସମ୍ଭାବନା ଅଛି, ତେବେ ତାହାର କାରଣ ହେଉଛି, ସରକାରୀ ଦପ୍ତର ଓ କୋର୍ଟ-କଚେରିରେ ଓଡ଼ିଆ ଭାଷାର ପ୍ରଚଳନ ନାହିଁ ବୋଲି । ଯେଉଁଦିନ ଏହିକଥାଟି ହୋଇଯିବ, ସେଦିନଠୁଁ ଏମିତି ସନ୍ଦେହ ଅବା ଗ୍ଲାନି ରହିବ ନାହିଁ । ତେଣୁ ସାହିତ୍ୟକୁ ଆଧାର କରି କିଛି ଫଳ ମିଳିବ ନାହିଁ ବରଂ ସରକାର ଓ ଲୋକମାନଙ୍କ ମନୋବୃତ୍ତି ଓ ଦୃଢ଼ ସଙ୍କଳ୍ପ ବଳରେ ହିଁ ମୁକ୍ତିର ମାର୍ଗ ଖୋଲିଯିବ ।

■ ଭଲ କବିତାର ସଂଜ୍ଞା କଣ ? ସାହିତ୍ୟ ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?

■■ ମୋ' ମତରେ ତାହା ହିଁ କବିତା ଯାହା ବୋଧଗମ୍ୟ ହେଉଥିବା ମଞ୍ଜୁଳ ଶବ୍ଦ ଓ ଭାବରେ କଳାର ପୁଟ ଦେଇ ଲେଖାଯାଏ । ତାହା ପୁଣି ନିଜ ସଂସ୍କୃତି ଓ ପରମ୍ପରାର ଛାପରେ । ଯେତେ ନୂଆବାଗରେ ଅଥବା ଶୈଳୀରେ ଲେଖିଲେ ବି ପରମ୍ପରା ହିଁ ମୂଳାଧାର । ଖାଲି ପରମ୍ପରାକୁ ଧରି ଶୈଳୀରେ ସ୍ୱତନ୍ତ୍ରତା ନ ଆଣିଲେ ବି କବିତାର ଆସ୍ୱାଦନ ରହିବ ନାହିଁ । ସାହିତ୍ୟ ମାଧ୍ୟମରେ କାହାର ମାନସିକତାକୁ ବଦଳାଇ ଦେବା ହୁଏତ ସମ୍ଭବ ହୋଇପାରେ, ହୋଇ ବି ନପାରେ । ହେଲେ ସାହିତ୍ୟ ମନ ଭିତରେ କେଉଁଠି ଟିକିଏ ରେଖାପାତ କରିଥାଏ ନିଶ୍ଚୟ । ଏମିତି କେହି ଲୋକଟିଏ ଜନ୍ମ ହୋଇନାହିଁ, ଯିଏ ଫକୀର ମୋହନଙ୍କର ପ୍ରତିଟି କବିତା, ଗପ ଓ ଉପନ୍ୟାସ, ସେକ୍ସପିୟରଙ୍କ ନାଟକ, ଗୀତା, ଭାଗବତ, ରାମାୟଣ ଓ ମହାଭାରତ ପଢ଼ିଲେ ତା' ମନରେ ଟିକେ ବି ରେଖାପାତ ହେବ ନାହିଁ ।

■ ଗୋଟିଏ ସାହିତ୍ୟ ପତ୍ରିକାର ସଂପାଦକ ଭାବରେ ଓଡିଆ ଭାଷା, ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ?

■■ ଓଡ଼ିଶାରେ ଜନ୍ମହୋଇ ଓଡ଼ିଆ ଭାଷାରେ ଲେଖିବା ତଥା ସାହିତ୍ୟ ସମ୍ପାଦନାରେ ରହିବା ମୋ'ର ପରମ ଭାଗ୍ୟ ବୋଲି ମୁଁ ମନେକରେ । ଏହି ପରିପ୍ରେକ୍ଷୀରେ ଏହି ଭାଷା ଓ ସାହିତ୍ୟ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଅନେକ ସୁଖ୍ୟାତି ବହନ କରିବ ବୋଲି ମୁଁ ଆଶାବାଦୀ ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ପ୍ରତିଭା ଥିଲେ ପୁରସ୍କାର ସ୍ୱତଃ ପ୍ରାପ୍ତ ହୋଇଥାଏ । ହେଲେ ପ୍ରତିଭାହୀନ ସାହିତ୍ୟିକଟିଏ ପୁରସ୍କୃତ ହେଲେ ପୁରସ୍କାରର ମର୍ଯ୍ୟାଦା ହାନି ହୁଏ । ଏହାଦ୍ୱାରା ଅସଲ ପ୍ରତିଭାଟି ତିରସ୍କୃତ ହେବା ସଙ୍ଗେ ସଙ୍ଗେ ସାହିତ୍ୟ ପଣ୍ୟ ଭାବରେ ଗଣ୍ୟହୁଏ । ସାହିତ୍ୟ ସାଧନାରେ ମଗ୍ନ ରହୁଥିବା ଲେଖକଟିଏ ତପସ୍ୱୀ ପରି । ସେ କଦାଚିତ୍ ପୁରସ୍କାର ଅଥବା ଅଭିନନ୍ଦନିକାର ଦାସତ୍ୱ ସ୍ୱୀକାର କରିବା କଥା ନୁହେଁ । ଅତଏବ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କିଛି ନ ରହିବା ଉଚିତ୍ । ଆଜିକାଲି ଯେ କେହି ବି ବ୍ୟକ୍ତି ସାହିତ୍ୟ ରଚନାରେ ଲିପ୍ତ ରହି ସୁବିଧାରେ କିଛି ନାମ କମେଇବାକୁ ନିଜର ଲକ୍ଷ୍ୟ ମଣୁଛି । ଅବସର ପରେ ପ୍ରାୟ ଅଶୀଭାଗ ଲୋକ କିଛି ଲେଖି ଲେଖକତ୍ୱ ଦାବି କରିବା ତଥା ଅର୍ଥ ବିନିମୟରେ କିଛି ସ୍ୱୀକୃତି ହାତେଇବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛନ୍ତି । ଯାହା ସାହିତ୍ୟ ପାଇଁ ଶୁଭ ସଙ୍କେତ ନୁହେଁ । ଅଥଚ ଯେଉଁ ଅଳ୍ପସଂଖ୍ୟକ ତରୁଣ ତଥା ନବପ୍ରତିଭା ସାହିତ୍ୟରେ ସ୍ୱତଃ ପ୍ରବେଶ କରୁଛନ୍ତି, ସେମାନେ ନିଃସନ୍ଦେହରେ ଆମ ସାହିତ୍ୟର ଭବିଷ୍ୟତ । ସେମାନଙ୍କୁ ସ୍ୱାଗତ କରାଯାଉ ।

♥♥

■ **ଅକ୍ଷରରେ କମଳ କୁମାର ମହାନ୍ତି**



ଜନ୍ମ ତାରିଖ - ୧୨- ୦୮- ୧୯୬୦
ଜନ୍ମସ୍ଥାନ : ଆରସା, ତିହିଡ଼ି, ଭଦ୍ରକ-୭୫୬୧୩୯
ଯୋଗାଯୋଗ ଠିକଣା : ଫ୍ଲାଟ୍ ନଂ ୧୧୯ , ଭି.ଏସ୍.ଏସ୍. ଆପାର୍ଟମେଣ୍ଟ, ରଙ୍ଗବଜାର, ପୋ: ସତ୍ୟଭାମାପୁର, ଭାୟା- ବାଲକାଟି, ଭୁବନେଶ୍ୱର - ୭୫୨୧୦୦

**ପ୍ରକାଶିତ ପୁସ୍ତକ**

୧- ଚିହ୍ନାମାଟି (୨୦୦୧)
୨- ବାହୁଡ଼ାବେଳ (୨୦୦୩)
୩- ଶବ୍ଦ ଯେସନେ ମାୟାମୃଗ (୨୦୦୫)
୪- ନିଜନିଜ ଇନ୍ଦ୍ରପ୍ରସ୍ଥ (୨୦୧୦)
୫- ମୁହୂର୍ତ୍ତେ ମହକ ( ୨୦୧୨ )
୬- ସହରରେ ଜହ୍ନ ନାହିଁ (୨୦୧୭)
୭- ହୃଦୟରାଗ (୨୦୨୧ )
୮- ରାଗ ଦରଦ ( ୨୦୨୩ )
୯- 'ବାପା' ଶୀର୍ଷକରେ ସଙ୍କଳନ ( ସମ୍ପାଦନା -୨୦୧୫)
୧୦- 'ବାପା'ର ହିନ୍ଦି ଅନୁବାଦ ସଙ୍କଳନ, (ସମ୍ପାଦନା-୨୦୧୯)
୧୧- 'ବୋଉ' ଶୀର୍ଷକରେ ସଙ୍କଳନ (ସମ୍ପାଦନା-୨୦୨୨)
୧୨-ସାହିତ୍ୟ ପତ୍ରିକା 'ପାହାଚ'ର ସମ୍ପାଦନା ୨୦୦୪ ମସିହାରୁ ଆଜି ପର୍ଯ୍ୟନ୍ତ ।



କଟକର ଲିଟରେଚର ପାର୍କରେ କବି ଜୟନ୍ତ ମହାପାତ୍ର, କବି ଅମରେଶ ପଟ୍ଟନାୟକଙ୍କ ସହିତ କବି କମଳ କୁମାର...



ନିଜ ପରିବାର ତଥା ପତ୍ନୀ, ପୁତ୍ର ଓ ପୁତ୍ରବଧୂଙ୍କ ସହ କବି କମଳ କୁମାର ମହାନ୍ତି...




କଳିଙ୍ଗ ଲିଟରାରୀ ଫେଷ୍ଟିଭାଲ କବିତା ପାଠୋତ୍ସବରେ ବିଶିଷ୍ଟ କବି ବଂଶୀଧର ଷଡ଼ଙ୍ଗୀ ଓ ସହକବିମାନଙ୍କ ଗହଣରେ କବି....

ଆଲୋଚନା

# ସାମ୍ପ୍ରତିକ କବିତାରେ ମୃତ୍ୟୁଚେତନା :ଏକ ମୁଖ୍ୟ ଦୃଷ୍ଟି



ଡ. ପତିତପାବନ ଗିରି

ଉଗ୍ର ଆଧୁନିକ ବସ୍ତୁ ଜଗତରେ କବି ଗୋଟେ ଚେତନଶୀଳମଣିଷ । କବିତାର ଭାଷା ଶୈଳୀ ପାଇଁ ଶବ୍ଦ ସଂଯୋଜନା ଖୁବ ତାତ୍ପର୍ଯ୍ୟପୂର୍ଣ୍ଣ । କବି ହରପ୍ରସାଦ ଦାସଙ୍କ କବିତାର ଶବ୍ଦ ସଂଯୋଜନାରେ ଆବେଗ ଓ ଅନୁଭୂତିର ଏକ ବସ୍ତୁନିଷ୍ଠ ଦୃଷ୍ଟିଭଙ୍ଗୀ ରହିଛି। ବାଲେଶ୍ୱର ବାହାନଗା ରେଳ ଦୁର୍ଘଟଣାରେ କବି ମୃତ୍ୟୁ ଏତେ କ୍ରୁର ଓ କଦର୍ଥପୂର୍ଣ୍ଣ ବୋଲି ସ୍ୱୀକାର କରନ୍ତି। ତାଙ୍କ ମନ୍ତବ୍ୟରେ - *-ଗନ୍ଧାଏ ମଣିଷ, ଦେହ ସହ ଦେହରେ ଜମାଟ ହୋଇଥିବା ଧୂଳିମଳି ପଚିଶ ପ୍ରକୃତି ପାଞ୍ଚ ବିକାର ସବୁ ସଢ଼ିଗଲେ।*

ମୃତ୍ୟୁର ସାର୍ବଜନୀନ ଚିତ୍ର କବି ରମାକାନ୍ତ ରଥଙ୍କ ବିମାନ ଦୁର୍ଘଟଣାରେ ମୃତ୍ୟୁ କବିତାରେ ଅଛି । କବି ଦୀପକ ମିଶ୍ରଙ୍କ ଅରଣା ମଇଁଷି, ସୀତାକାନ୍ତଙ୍କ ଆରଦୃଶ୍ୟ କବିତାରେ ମୃତ୍ୟୁ ପ୍ରତି ମଣିଷର ଅସହାୟତା ଓ ଅକ୍ଷମତା ପ୍ରକାଶ ପାଇଛି। ଧନୀ ଗରିବ ସବୁମଣିଷ ଭାଗ୍ୟରେ ମୃତ୍ୟୁ ସମାନ ମାନବିକ ଗୁଣ ପ୍ରଦର୍ଶନ କରେ।

ଗୁରୁପ୍ରସାଦ ମହାନ୍ତି 'ଅଙ୍କୁର ଉବାଚ' କବିତାରେ ନିଜେ ଅଙ୍କୁର ଭୂମିକା ଗ୍ରହଣ କରି ଅଙ୍କୁର ମୁହଁରେ ନିଜ କଥା କହିଛନ୍ତି ଓ ମୃତ୍ୟୁର ପର୍ଯ୍ୟାପ୍ତ ଚିତ୍ର ଆଙ୍କିଛନ୍ତି। କବି ଇଲିୟଟଙ୍କ ଅନ୍ତର୍ମନ ସମ୍ପନ୍ନ କବିତାରେ **Doctrine of Equality**କୁ ମୃତ୍ୟୁ ଭିତରେ ଦେଖିହୁଏ।

ମୃତ୍ୟୁ ହିଁ ମଣିଷକୁ ଫମ୍ପା ମଣିଷ, **Stuffed man** କରିଦିଏ ବୋଲି ସେ ସ୍ୱୀକାର କରନ୍ତି।

ଚିତ୍ରଧର୍ମୀ ଭାଷା ଓ ପ୍ରଶ୍ନ ସୃଷ୍ଟିକାରୀ ଭାଷା ପ୍ରୟୋଗ ଧର୍ମୀ କବିତାରେ ସ୍ପଷ୍ଟ ଦେଖି ହୁଏ।

ଏହା ଦୁଃଖ ଅନୁଭୂତି ଜୀବନରେ ଗଭୀର ମାନବୀୟ ସମ୍ବେଦନଶୀଳତା ଭରିଦିଏ।

କବି ଅମରେନ୍ଦ୍ର ଖଟୁଆଙ୍କ କାବ୍ୟ ଭାଷାରେ - ସମୟ ସମୟରେ ପରାସ୍ତ ହବାର ଦୁଃଖକୁ ବାଣ୍ଟି ଦେଇଛି ତମମାନଙ୍କ ଭିତରେ ସଂରକ୍ଷିତ ବ୍ୟକ୍ତିଗତ ମହା ଭାରତରେ। କବିତାର ସମୟ, ମୃତ୍ୟୁର ସମୟ, ଗଛରୁ ହଳଦିଆ ପତ୍ରଟିଏ ଝରିଗଲା ଭଳି ଖୁବ ସ୍ୱଭାବିକ ଓ ନିରପେକ୍ଷ ମନେହୁଏ।

ମାୟା ମରୀଚିକା ପୂର୍ଣ୍ଣ ସଂସାରରେ ଜୀବନ ଅନିଶ୍ଚିତ, ଅନିତ୍ୟ । ମୃତ୍ୟୁର ପୁଷ୍ପ କୋମଳ ସ୍ପର୍ଶ ଅସହାୟ ମଣିଷକୁ ଅବଚେତନ ସ୍ତରରେ କିଛି ସମୟ ପ୍ରକୃତିସ୍ଥ କରିଦିଏ। କବି ଆଶୁତୋଷ ପରିଡାଙ୍କ ମନ୍ତବ୍ୟରେ - ଗୁଳି ଖାଇ ମରୁଥିବା ମଣିଷ /ଭୋକରେ ମରୁଥିବା ମଣିଷ / ଅପମାନରେ ମରୁଥିବା ମଣିଷ /ଏମାନଙ୍କ ଭିତରେ ଥାଏ କଣ ପାର୍ଥକ୍ୟ ?

କବି ଇନ୍ଦିରା ଦାଶ ମହାମାରୀ କରୋନା ସମୟରେ ମୃତ୍ୟୁକୁ ଦେଖିଛନ୍ତି ନିଜ ଆଖିରେ। ତାଙ୍କ ମନ୍ତବ୍ୟରେ - ଜଣା ଅଛି ଶବ୍ଦ ସହିତ ଅନୁଭବକୁ ଯୋଡିବା ଛଡା ଏ କବିତା ଦେଇପାରିବନି /ମହାମାରୀରେ ଅକାଳରେ ଝଡି ପଡ଼ିଥିବା ଯୋଦ୍ଧାଙ୍କୁ ତାର ଜୀବନ /ଭୟରେ ଗୃହ ବନ୍ଦୀ ଥିବା କାକୁସ୍ଥଙ୍କୁ ନିର୍ଭୟ ମାନବିକତାର ନୈତିକ ଜ୍ଞାନ।

ଆଜିର କବିତାରେ ଜୀବନମୟତା ଓ ମଣିଷ ପଣିଆ ଅଧିକରୁ ଅଧିକ ସ୍ପଷ୍ଟ ବାରିହୁଏ। ଆଜିର କବିତା ଓଡିଶାର ଇତିହାସ, କିମ୍ବଦନ୍ତୀ, କଳା, ସଂସ୍କୃତିର ପୁନଃ ଜାଗରଣ ବା ନବୀକରଣ (Revival of art and culture) ଘଟାଇ ପ୍ରତୀକର ସର୍ବଶ୍ରେଷ୍ଠ ପ୍ରତିଫଳନ ଘଟାଇଛି।

**ପ୍ରବାସିନୀ ମହାକୁଡ଼, ମମତା ଦାଶ, ଗିରିବାଳା, ଗାୟତ୍ରୀ, ଇନ୍ଦିରା, ଇପସିତା, ସରୋଜିନୀ, ଅପର୍ଣ୍ଣା, ସୀମା, ସ୍ୱୟଂପ୍ରଭା, ସାବିତ୍ରୀ ଏମିତି ଅନେକ କବିଙ୍କ କବିତାରେ ମାଟି ଓ ମଣିଷର ନିବିଡ଼ପଣ, ସାମାଜିକ ଦାୟିତ୍ୱ ବୋଧ, ସାଧରଣ ମଣିଷର ସ୍ୱର, ସଂଘର୍ଷପୂର୍ଣ୍ଣ ଜୀବନର ଗାଥା, ଭୟ, ବିଷାଦ, ଯନ୍ତ୍ରଣା, ମୃତ୍ୟୁର ଅଭିବ୍ୟକ୍ତି ଦେଖିବାକୁ ମିଳେ।**

ପ୍ରଭାତୀ ମାଝୀଙ୍କ ଶ୍ଳେଷ ଧର୍ମୀ ମିଥ୍ ଚେତନାରେ -ଅନ୍ଧତ୍ୱର ଉତ୍ତରାଧିକାରରେ ବାଟଭୂଲି ଓ ରକ୍ତ ନଦୀରେ ବୁଡି ଯାଇଥିବା ମୋ ପୁତ୍ରମାନଙ୍କ ପାଇଁ / ଅସରନ୍ତି ଶୋକର ମୁଁ କେବଳ ଉତ୍ତରାଧୀକାରିଣୀ । ଗାନ୍ଧାରୀ ଏକ ମିଥ୍ ଚରିତ୍ର। ଗାନ୍ଧାରୀ ଏକ ଉଦାର ମାତୃ ଚରିତ୍ର । ନିଜ ଅହଂକାର ଓ ଗର୍ବ ପାଇଁ ଦିନେ କୁରୁ ବଂଶ ଲୋପ ପାଇ ଥିଲା । ଏହି ଅବକ୍ଷୟକୁ ଗାନ୍ଧାରୀ ସହିଥିଲେ।

ନିଜ ଅହଂକାର ଓ ଗର୍ବ ପାଇଁ ଓଡିଶା ମାଟିରେ କେତେ କେତେ ସରକାର ଓ ଶାସନ ଧ୍ୱଂସ ହୋଇଛି। ଏହା କବିତାକୁ ପ୍ରାଣମୟ କରିଛି।

କବି ହୃଷିକେଶ ମଲ୍ଲିକ ବସୁସେଣ କବିତାରେ କର୍ଣ୍ଣଙ୍କୁ ମିଥ୍ ରୂପେ ନେଇ ଦେଶର ବିକାଶ ପଥରେ ଯୁବ ଶକ୍ତିଙ୍କୁ ଆଗେଇ ଆସିବାକୁ ପ୍ରେରଣା ଦେଇଛନ୍ତି। ସମୟର ଜଖମ ରଥ ଚକ ତଳେ ଚାପି ହୋଇଥିବା ଯୁଗ ଯୁଗର ସ୍ୱପ୍ନକୁ ଶିଳ୍ପୀ ନବ ଯୁଗର ସାର୍ଥକ ରୂପ ଦେଉ ଏହା ହିଁ କବିର ପ୍ରାର୍ଥନା । କବି ଦେବଦାସ ଛୋଟରାୟ ସ୍ୱଦେଶ ଭକ୍ତିକୁ ପ୍ରତ୍ୟକ୍ଷ କରିଛନ୍ତି । ତାଙ୍କ ଭାଷାରେ - କେବେ ନିଆଁ କେବେ ପାଣି/ ଓଡିଶା ମାଆକୁ ଖାଉଛି ମୋହର/ ଟିକି ଟିକି କରି ହାଣି ।

ଯୁଦ୍ଧ, ମହାବତ୍ୟା, ମହାମାରୀ, ବୋମା ମାଡ଼ ଏମିତି କେତେ କ୍ଷୟକ୍ଷତି ଭିତରେ ବି ମଣିଷ ବଂଚି ରହିଛି।

ଓଡିଶା ଏକ ପବିତ୍ର ଭୂଇଁ । ନାନା ଝଡ଼ ଝଞ୍ଜା ସହି ଏହାର ଶିଳ୍ପ ପ୍ରାଣ ଓ ସାମାଜିକ ମୂଲ୍ୟ ବୋଧ କାଳ କାଳକୁ ବଂଚିଛି । ଜୀବନ ବାଦୀ କାବ୍ୟ ଶିଳ୍ପୀ ବହୁ ଉପମା, ଚିତ୍ରକଳ୍ପ, ପ୍ରତୀକରେ ଏମାଟିର ମଣିଷ ପାଇଁ ଗଭୀର ଆଶ୍ୱାସନା ଖୋଜିଛି ।

ସମୟ, ଜୀବନ ଜିଜ୍ଞାସା, ମୃତ୍ୟୁ ବୋଧ, ଆଧ୍ୟାତ୍ମିକତା, ପ୍ରକୃତି ପ୍ରାଣତା, ବାସ୍ତବବାଦୀ ଚେତନା ପ୍ରତି କବିର ପ୍ରତିକ୍ରିୟା ଖୁବ ସୁସ୍ପଷ୍ଟ ।

ପ୍ରବାସିନୀ ମହାକୁଡ଼, ମମତା ଦାଶ, ଗିରିବାଳା, ଗାୟତ୍ରୀ, ଇନ୍ଦିରା, ଇପସିତା, ସରୋଜିନୀ, ଅପର୍ଣ୍ଣା, ସୀମା, ସ୍ୱୟଂପ୍ରଭା, ସାବିତ୍ରୀ ଏମିତି ଅନେକ କବିଙ୍କ କବିତାରେ ମାଟି ଓ ମଣିଷର ନିବିଡ଼ପଣ, ସାମାଜିକ ଦାୟିତ୍ୱ ବୋଧ, ସାଧରଣ ମଣିଷର ସ୍ୱର, ସଂଘର୍ଷପୂର୍ଣ୍ଣ ଜୀବନର ଗାଥା, ଭୟ, ବିଷାଦ, ଯନ୍ତ୍ରଣା, ମୃତ୍ୟୁର ଅଭିବ୍ୟକ୍ତି ଦେଖିବାକୁ ମିଳେ। ଗ୍ରାହମ ହଗ କହନ୍ତି -poetry implies a story, ଜଗତ ଓ ଜୀବନକୁ ଅନୁଶୀଳନ, ଅଧ୍ୟୟନ କରିବାହିଁ କବିର ଅଭିଜ୍ଞତା ପ୍ରସୂତ କବିତାର ମୂଳ ପ୍ରୟାସ।

♥ କରଞ୍ଜିଆ, ମୟୂରଭଂଜ
ମୋ: ୭୬୦୬୯୯୫୬୯୯

# ଓଡ଼ିଆ ଭାଷା ସୁରକ୍ଷାର ଆହ୍ୱାନ

କମଳଲୋଚନ ପଣ୍ଡା



ଓଡ଼ିଆ ଭାଷା ଏକ ପ୍ରାଚୀନ ଭାଷା, ଏହାର ସ୍ୱତନ୍ତ୍ରତା ଥିଲେ ମଧ ଅତୀତରେ ଏହି ଭାଷା ଉପରେ ପଡ଼ୋଶୀଙ୍କ ପକ୍ଷରୁ ଅନେକବାର ଆକ୍ରମଣ ହୋଇଛି। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ଦୁର୍ବଳ କରିଦେବା ପାଇଁ ବିଭିନ୍ନ ପ୍ରକାର ଷଡ଼ଯନ୍ତ୍ର କରାଯାଇଛି। ଓଡ଼ିଆ ଭାଷାକୁ ସମୃଦ୍ଧ କରିବା ପାଇଁ ବ୍ୟାସକବି ଫକୀରମୋହନ ସେନାପତି, ସ୍ୱଭାବକବି ଗଙ୍ଗାଧର ମେହେର, ଉତ୍କଳ ଗୌରବ ମଧୁସୂଦନ ଦାସ, ବିଛନ୍ଦ ଚରଣ, କବିବର ରାଧାନାଥ ରାୟ, ଭକ୍ତିକବି ମଧୁସୂଦନ ରାଓ ପ୍ରମୁଖଙ୍କର ଅତୁଳନୀୟ ଭୂମିକା ରହିଛି।

୨୦୧୪ ମସିହା ମାର୍ଚ୍ଚ ୧୧ତାରିଖ ପ୍ରତ୍ୟେକ ଓଡିଆଙ୍କ ପାଇଁ ସ୍ମରଣୀୟ ଦିବସ । ଏହି ଦିନ ଆମ ଓଡିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଲା । ଶାସ୍ତ୍ରୀୟ ମାନ୍ୟତା ପାଇବାରେ ଓଡିଆ ହେଉଛି ଷଷ୍ଠ ଭାରତୀୟ ଭାଷା ଓ ପ୍ରଥମ ଆର୍ଯ୍ୟ ଭାଷା । ଖାଲି ସରକାରୀ ମାନ୍ୟତା ପାଇଗଲେ ଭାଷାର ଅଭିବୃଦ୍ଧି ଓ ସଂରକ୍ଷଣ ହୋଇପାରିବ ଏହା ଭାବିବା ଠିକ୍ ନୁହେଁ । ଆଧୁନିକ ଭାରତରେ ଅନ୍ୟାନ୍ୟ ରାଜ୍ୟ ଓ ଭାଷା ତୁଳନାରେ ଆମ ଭାଷାର ପ୍ରଚାର ଓ ପ୍ରସାର ଆଶାନୁରୂପ ହୋଇପାରିନାହିଁ ।

ଅଧୁନା ବିଶ୍ୱର ଶତକଡା ୯୫ ଭାଗ ଲୋକ ମାତ୍ର ୧୦୦ଟି ଭାଷାରେ କଥାବାର୍ତ୍ତା ହେଉଛନ୍ତି। ଆହୁରି ଆଶ୍ଚର୍ଯ୍ୟର କଥା ଯେ ବିଶ୍ୱରେ ପ୍ରାୟ ଅଧିକାଂଶ ଲୋକ ମାତ୍ର ୮ଟି ଭାଷାରେ କଥାବାର୍ତ୍ତା ହେଉଛନ୍ତି । ଏପରିସ୍ଥଳେ ଭାଷାର ସୁରକ୍ଷା ପାଇଁ ପ୍ରତ୍ୟେକ ଦେଶ ନିଜକୁ ପ୍ରସ୍ତୁତ କରୁଛନ୍ତି ।

ଓଡ଼ିଶାରେ ପ୍ରାୟ ସାଢେ ଚ଼ାରିକୋଟି ଲୋକଙ୍କର ମାତୃଭାଷା ଓଡ଼ିଆ ହୋଇଥିବାବେଳେ ଓଡ଼ିଶାର ସୀମା ସଲଗ୍ନ ପଶ୍ଚିମବଙ୍ଗର ମେଦିନପୁର, ଝାଡ଼ଖଣ୍ଡ ରାଜ୍ୟର ପୂର୍ବ ସିଂଘଭୂମ, ପଶ୍ଚିମ ସିଂହଭୂମ, ଖରସୁଆଁ, ସିମଡ଼େରା, ଗୁମଳା, ଖୁଣ୍ଟି, ରାଞ୍ଚି, ଆନ୍ଧ୍ର ପ୍ରଦେଶର ସିକାକୁଲମ, ବିଜୟନଗରମ, ଅଞ୍ଚଳ ସମେତ ଦେଶର ବିଭିନ୍ନ ପ୍ରଦେଶରରେ ପ୍ରାୟ ୩ କୋଟିରୁ ଉର୍ଦ୍ଧ୍ୱ ଲୋକ ଓଡ଼ିଆ ଭାଷାକୁ ବ୍ୟବହାର କରନ୍ତି। ଝାଡ଼ଖଣ୍ଡରେ ଓଡ଼ିଆଭାଷା ଦ୍ୱିତୀୟ ଭାଷା ଭାବେ ସ୍ୱୀକୃତି ଲାଭ କରିଛି। ଅତୀତରେ ଓଡ଼ିଶାର ସାଧବପୁଅ ନେ ?ବାଣିଜ୍ୟ କରିବାପାଇଁ ବଙ୍ଗଳାଦେଶ, ଇଣ୍ଡୋନେସିଆ, ଜାଭା , ସୁମାତ୍ରା, ବାଲିଦ୍ୱୀପ ଯାଉଥିବା ବେଳେ ସେଠାରେ ଅନେକ ପରିବାର ଓଡ଼ିଆ ଭାଷାକୁ ଆପଣାଇ ନେଇଛନ୍ତି। ଏବେବି ଓଡ଼ିଆ ଭାଷାକୁ ସେମାନେ ବ୍ୟବହାର କରୁଥିବାର ଦେଖାଯାଏ।

ଓଡିଶାରେ ଅନେକ କଥିତ ଭାଷା ପ୍ରଚଳିତ ଅଛି । ରାଜ୍ୟର ପ୍ରାନ୍ତୀୟକ୍ଷେତ୍ର ପଶ୍ଚିମ ଓଡିଶାରେ ସମ୍ବଲପୁରୀ (କୋଶଳି) ଓ ମିଶ୍ର ହିନ୍ଦୀ ଭାଷା, ଦକ୍ଷିଣ ଓଡିଶାରେ ବ୍ରହ୍ମପୁରୀ ଓ ମିଶ୍ର ତେଲଗୁ ଭାଷା, ଉତ୍ତର ଓଡିଶାରେ ମିଶ୍ର ବଙ୍ଗଳା ଭାଷାର ପ୍ରଚଳନ ଦେଖାଯାଏ । ରାଜ୍ୟରେ ଥିବା ଆଦିବାସୀମାନଙ୍କର ନିଜସ୍ୱ ଭାଷା ଯଥା ସାନ୍ତାଳି, ମୁଣ୍ଡା, କନ୍ଧ, କୋୟା, ବଣ୍ଡା ଇତ୍ୟାଦି ରହିଛି । ଏହା ବ୍ୟତୀତ ଅନ୍ୟାନ୍ୟ ଭାଷା ମଧରେ ଅସମୀୟ, ହିନ୍ଦୀ, ବଙ୍ଗଳା, ଉର୍ଦ୍ଦୁ, ତେଲଗୁ ଆଦି ଭାଷା ମଧ ବ୍ୟବହୃତ ହୁଏ ।

ପରିବର୍ତ୍ତିତ ପରିସ୍ଥିତିରେ ଭାଷାର ପ୍ରସାର ପ୍ରଚାର ତ ଦୂରର କଥା ଓଡିଆ ଭାଷାରେ କଥାବାର୍ତ୍ତା ହେଉଥିବା ଲୋକଙ୍କ ସଂଖ୍ୟା ବେଳକୁ ବେଳ କମିବାରେ ଲାଗିଛି । ସତେଯେମିତି ଭାଷା ଆମପାଇଁ ଅଲୋଡା ହୋଇଯାଇଛି।

ଆମ ଭାଷା ପ୍ରତି ଆମର ମମତା ନାହିଁ । ଭାଷାର ପ୍ରସାର ପ୍ରଚାର ଦୂରର କଥା, ଓଡିଆ ଭାଷାରେ ପ୍ରକାଶିତ ଦୁର୍ଲଭ ଗ୍ରନ୍ଥ ସବୁ ପଢିବାରେ ଆମର ଆଗ୍ରହ ନାହିଁ । ଭାଷା କେବଳ ସରକାରୀ ହୋଇଗଲେ ବଞ୍ଚିଯିବ, ଏହା ଭାବିବା ଭୁଲ୍ । ଭାଷା ପ୍ରତି ଆମ ହୃଦୟରେ ମମତା ରହିବା ଆବଶ୍ୟକ।

ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ବିକାଶ ଦିଗରେ, ଓଡ଼ିଶାର ଭାଷା ଓ ସଂସ୍କୃତି ବିଭାଗ ଦୃଷ୍ଟି ଦେବାର ମଧ ଆବଶ୍ୟକତା ରହିଛି।

♥ ନୀଳଗିରି, ବାଲେଶ୍ୱର
ମୋ: ୭୩୨୭୦୨୮୯୭୮

ପଢିଲା ପରେ...

# କେଜାଣି କାହା ଅପେକ୍ଷାରେ...




ଈଶ୍ୱର ଯଦି କେହି ଥାଆନ୍ତି ଓ ମୋ ସହ ଯଦି ତାଙ୍କର କେବେ ଭେଟ ହୁଏ ତେବେ 'ମୋ ଈଶ୍ୱର କେବେ ବି ମୋତେ ପଚାରିବେନି ଯେ ତୁ କେତେ ପାପ କଲୁ ଓ କେତେ ପୁଣ୍ୟ ଅରଜିଲୁ । ବରଂ ସେ ପଚାରିବେ ତୋତେ ମୁଁ ଜୀବନ ଦେଇଥିଲି, ଯାହା ପ୍ରତି ମୁହୂର୍ତ୍ତରେ ସମ୍ଭାବନାମୟ । ତୁ କହ, ତୁ କେତେ ଭୋଗିଲୁ, କେତେ ଜଗିଲୁ ?'

ଏହା ତାଲମୁଦର କଥା, ଦୁଃସଂଯୋଗ ବଶତଃ ମୋ ଭାବନା ବି ଏହିପରି । ସୁତରାଂ ଏ ଜୀବନ ସମ୍ଭାବନାମୟ ଅର୍ଥାତ ଏ ଜୀବନ ଜାଣତରେ ହେଉ କି ଅଜାଣତରେ ହେଉ, ପ୍ରତିମୁହୂର୍ତ୍ତରେ ଅପେକ୍ଷା ରଖେ କିଛି ଘଟିବାର... ଘଟଣା ଓ ଦୁର୍ଘଟଣାର ।

ସେମିତି ଅସରନ୍ତି ଅପେକ୍ଷାକୁ ନେଇ ଏହି କବିତା ସଂକଳନ 'କେଜାଣି କାହା ଅପେକ୍ଷାରେ' କବି : ସୁମିତ ପଣ୍ଡା, ପ୍ରକାଶକ : ଟାଇମ ପାସ, ପ୍ରଥମ ପ୍ରକାଶ କାଳ : ୨୦୨୧ । ମୋଟ ୫୪ଟି କବିତା ଫୁଲ ସହ ୧୦୩ ପୃଷ୍ଠାରେ ଗଢ଼ା ତାଙ୍କର ଏଇ କବିତା ବଗିଚା ।

ସୁମିତ ସମୟ ସହ, ଯେମିତିକୁ ସେମିତି ଭାସି ଯାଇ ପାରୁଥିବା କଳାକାର । କୌଣସି ଅନୁକୂଳ କିମ୍ବା ପ୍ରତିକୂଳ ସମୟ ପ୍ରତି ତାଙ୍କର ସେମିତି କୌଣସି ଅଭିଯୋଗ ନଥାଏ ବରଂ ସମୟ, ସ୍ଥିତିର ବିଡମ୍ବନା ସବୁକୁ ବି ସେ ସଜେଇ ପାରନ୍ତି ଶବ୍ଦରେ । ପ୍ରେମିକା ସହ ବସିଥିଲା ବେଳେ ବି ସେ ଭାବି ପାରନ୍ତି ଘରକୁ ବାପା ଫେରି ଆସି ମୋତେ ଖୋଜୁଥିବେ ନିହାତି, ଠାକୁ ମା ଖାଇ ନଥିବ ମୋତେ ଚାହିଁ, ବାଲକୋନୀକୁ ପାରା ଆସି ପାଣି ପିଇଥିବ ନା ନାହିଁ, ସାନ ଭାଇ ହୁଏତ ଅସଜଡ଼ା ବହି ଥାକକୁ ସଜାଡି ଆଜି ବି ଗାରୁ ଗାରୁ ହୋଇଥିବ ନିହାତି । ତାଙ୍କ ଜୀବନ ହିଁ ଗୋଟିଏ କଞ୍ଚାମାଲ କବିତାର ଆଉ ତାଙ୍କ କବିତା ଖୁବ ଜୀବନ ମନସ୍କ, ଯେଉଁଥିରେ କଥାରେ ପରଦା ଓ ଶବ୍ଦରେ ଏତେ ଛଳନା ନଥାଏ ।

'ଜଗନ୍ନାଥଙ୍କ ଭାଗ୍ୟ ଗଢୁଛି ବୋଉ / ଚଉରା ଆଗରେ ମୁରୁଜ ପକେଇ / ପଞ୍ଝୁକ କରୁଛି ବୋଉ !!

ବୋଉ ନିଜ ହାତରେ ତାକୁ ଗଢି / ପୁଣି ତାକୁ ହିଁ ମୁଣ୍ଡିଆ ମାରୁଛି /

ସେ ଯାହା ବି ହେଉ / ମୋ ବାଲକୋନୀରେ ଆଜି କାଲିଆର ମେଳଣ ପଡିଛି ।'

( ପୃ :୨୦/ବାଲକୋନୀ -୪)

ଜୀବନ ମନସ୍କ କବି ସୁମିତ । ଯାହାଙ୍କ ଅନୁସନ୍ଧାନ, ଅନୁଶୀଳନ ଓ ଅନୁଧ୍ୟାନ ଭାରି ଖୁଦ୍ର। ସେ ବିନ୍ଦୁରେ ମାପି ଦିଅନ୍ତି ସିନ୍ଧୁ । ତାଙ୍କ ପାଇଁ ଆକାଶ କଣ ଜାଣିବା ଅପେକ୍ଷା ଝରକା ଖୋଲା ରଖିବା ଗୁରୁତ୍ୱପୂର୍ଣ୍ଣ ।

'ସାଙ୍ଗ ଆଣିଛି ଆକ୍ୱାରିଅମ, ସ୍ୱପ୍ନ ଯାଚିଛି ଦୁଇଟା ସୁନା ମାଛଙ୍କୁ /

ଭଗବାନ କରନ୍ତୁ ସେମାନେ ନଜାଣନ୍ତୁ / ପାଣି ବାହାରେ ବି ଗୋଟିଏ ଦୁନିଆ ଅଛି / ନହେଲେ ପ୍ରେମ ପାଇଁ ଛୋଟ ପଡ଼ିଯିବ

ଆକ୍ୱାରିଅମ ।'

(ପୃ : ୨୨/ଆକ୍ୱାରିଅମ)

ସବୁ କବିତାରେ ଗୋଟିଏ ଗପ ଓ ପ୍ରତ୍ୟେକ ଗପରେ ଗୋଟିଏ କବିତା ଥାଏ । କିନ୍ତୁ ଲେଖକ ଜାଣେ ଗପ ପଛରେ ଗୋଟିଏ ଗପ ଥାଏ, କବିତା ପଛରେ ବି ଗୋଟିଏ ଗପ ଥାଏ । ଉଭୟ କବିତା ଓ ଗପର ହାତ ଧରି ଚାଲୁଥିବା ସୁମିତ ସବୁବେଳେ ଗପ ଓ କବିତା ପ୍ରତି ଏକ ସମାନତା ରକ୍ଷା କରନ୍ତି ।

'ଆଇ ଦେଇ ଯାଇଛି ସାଢେ ସାତ ହଜାର ଟଙ୍କା ବୋଉକୁ / ସଜାଡି ହେଇଯାଏ ଜୀବନ, ହେଲେ ତା ଫୋନ ନୁହେଁ / ବିରକ୍ତ ହେଲେ କୁହେ, ସାଢେ ସାତ ହଜାରରେ ଗୋଟିଏ ନୂଆ ଫୋନ୍ କିଣିଦେବାକୁ।'

ଘଡିଏ ଗଲେ କୁହେ ଥାଉ ଅଛ ତ ସବୁ ପାଖରେ / ଆଉ ଫୋନ କଣ ଦରକାର / ତା' ବିଶ୍ୱ ତା ପାଖରେ ଥାଉ । ସାଢେ ସାତ ହଜାର ସେମିତି ଲୁଚେଇ ରଖିଥାଉ ।'

(ପୃ : ୩୬/ସାଢେ ସାତ ହଜାର )

ଅଭିଯୋଗହୀନ ହୃଦୟ କେବଳ କବିର। ସେଇ ଦୃଷ୍ଟିକୋଣରୁ ସୁମିତ ଖୁବ ସମୃଦ୍ଧ । ତାଙ୍କର ଉକ୍ତ କବିତା ବହିକୁ ଭେଟିଲେ ଆପଣ ଜାଣିବେ କଣ୍ଟାରେ ବି ଗଢ଼ା ଯାଇପାରେ ଘର, ନିଖୋଜ ପ୍ରେମିକାର ଫିକା ପଡି ଆସୁଥିବା ଚିଠିରେ ବି ଆସି ପାରେ ଝଡ଼ । ମିଛରେ ତିଆରି ହେଇ ପାରେ ତାଜମହଲ, ସ୍ୱପ୍ନର ଇନ୍ଦ୍ରଧନୁ ବାସ୍ତବଠାରୁ ଆହୁରି ସୁନ୍ଦର ।

'ରଫଖାତାରେ ମନା ଥୋଇ ସଫା ସଫା ଫାଙ୍କିଦେଲା / ଭାରି ମିଛ କୁହେ ସୀମା ଦାସ, ହଁ ସୀମା ଦାସ ବହୁତ ମିଛ କୁହେ / ହେଲେ ମୁଁ ତୁମକୁ ଭଲ ପାଏ କହିବାଟା ଜମା ମିଛ ନୁହେଁ ।'

(ପୃ : ୯୬/ ଶିମା ଦାସ -୩)

ହଜିଯିବାକୁ ସମ୍ପର୍କ, ଅପ୍ରାପ୍ତିକୁ ପ୍ରେମ ମଣିଥିବା ସୁମିତ ହୁଏତ ଜୀବନ ଚାଲିବା ଆଗରୁ ହିଁ ଜାଣିଛନ୍ତି ରାସ୍ତା କେବେ କେଉଁଠି ପହଞ୍ଚେ ନାହିଁ ବରଂ ରାସ୍ତା କେବଳ ପାଦଙ୍କର ଭିଡ଼ ଯାହା ଖୁବ ବାଟବଣା ।

'ସେ ଉପପାଦ୍ୟ ନୁହେଁ ଯେ, ତାକୁ ପ୍ରମାଣିତ କରିବାକୁ ହେବ ଦୁନିଆ ଆଗରେ / ସିଏ ଏକ ସାରଳାର୍ଥ / ବୁଝି ହେଲା ଯଦି ଗୁଡ଼ି ଟିଏ / ଅବୁଝାଙ୍କ ପାଇଁ ଅଲେଖା କାଗଜର ଧାଡିଟିଏ ।'

(ପୃ :୧୦୨/ ସୀମା ଦାସ : ଏକ ସାରଳାର୍ଥ )

ସୁମିତ ସଫଳ କବିତା ଲେଖୁଥିଲେ ବି ଜଣେ ବିଫଳ କବି। ଏତେ ସୁନ୍ଦର ଫୁଲ ବଗିଚାରେ ଫୁଲକୁ, କଣ୍ଟାକୁ, ଗଛକୁ ମନ ନଦେଇ ପ୍ରଜାପତିର ଡେଣାକୁ ପୁଣି ଯୋଡିବାର ପ୍ରୟାସ କରୁଥିବା ମଣିଷ ପାଖରେ ବିଫଳ କବି ହେବା ଛଡା ଅନ୍ୟ କି ବିକଳ୍ପ ବାକି ରୁହେ ଯେ !!!

ଶୁଭେଚ୍ଛା, ଶୁଭକାମନା ଓ ଭଲ ପାଇବା । ♥



ଆଲେଖ୍ୟ : ପ୍ରଣୟ ସୁଧା
ଚେରାମୁହାଁ, ଧର୍ମଶାଳା, ଯାଜପୁର
(ମୋ) : ୮୩୩୯୮୧୮୪୧୧

ପୂଜା ପତ୍ରିକା ସମୀକ୍ଷା

## ଶାଶ୍ୱତ ପାହାଚ

ସମ୍ପାଦକ **କମଳ କୁମାର ମହାନ୍ତି**
ଠିକଣା : ଭିଏସଏସ ଆପାର୍ଟମେଣ୍ଟ, ରଙ୍ଗବଜାର, ସତ୍ୟଭାମାପୁର, ପାଣିଟାଙ୍କି ରୋଡ୍, ଭୁବନେଶ୍ୱର
(ମୋ) : ୮୨୪୯୩୩୬୫୮୭
ହ୍ୱା.ଅପ୍ ନଂ : ୯୪୩୯୦୪୭୨୮୩
ମୂଲ୍ୟ : ୨୦୦/-




'ସମାଜରେ ସବୁବର୍ଗର ମଣିଷ ଥାଆନ୍ତି। ସେମାନେ ସମସ୍ତେ ଗୋଟିଏ ଗୁଣର ହୋଇନଥାନ୍ତି। କିଛି ମଣିଷ ଜନ୍ମରୁ ଜଙ୍ଘା ନେଇ ଧରା ବକ୍ଷରେ ଜନ୍ମ ନେଇଥା'ନ୍ତି। ଆଉ କିଛି ଉପାଦେୟ ପରିବେଶ ଓ ପରିବେଷ୍ଟନୀ ଯୋଗୁଁ ନିଜ ଭିତରର ପ୍ରତିଭାକୁ ବିକଶିତ କରିଥା'ନ୍ତି। ସେମାନେ ଉଚ୍ଚମନା ଓ କର୍ମନିଷ୍ଠ। ସାହିତ୍ୟ, ସଙ୍ଗୀତ, କଳା, କାରିଗରୀ, ଗଣିତ, ବିଜ୍ଞାନ, ଅର୍ଥନୀତି, ରାଜନୀତି, ବୈଷୟିକ ଜ୍ଞାନ କୌଶଳ ଇତ୍ୟାଦି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଆହରଣ କରି କେହିକେହି ପ୍ରତିଭାର ଶିଖର ଛୁଅନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କୁ ରାଷ୍ଟ୍ର ଅଥବା ବିଭିନ୍ନ ସାମାଜିକ ଅନୁଷ୍ଠାନ ମାଧ୍ୟମରେ ସମ୍ମାନିତ ଅବା ପୁରସ୍କୃତ କରାଯାଇଥାଏ। କତିପୟ ବ୍ୟକ୍ତି ପୁରସ୍କାର ପାଇବାର ସମସ୍ତ ଯୋଗ୍ୟତା ଥାଇ ବି ପୁରସ୍କୃତ ଅବା ସମ୍ବର୍ଦ୍ଧିତ ହେବାରୁ ବଞ୍ଚିତ ହୁଅନ୍ତି। ଆଉ କିଛି ବ୍ୟକ୍ତି ସାମାଜିକ ଚାପ ପ୍ରୟୋଗ କରି ନିଜର ଦକ୍ଷତା ନଥିଲେ ହେଁ ପୁରସ୍କାର ହାତେଇବା ପାଇଁ ନାନାବିଧ କୌଶଳ ଅବା ଶକ୍ତିର ଅବଲମ୍ବନ କରିଥା'ନ୍ତି। ଅନ୍ୟକାନ୍ଧରେ ପାଦଥାପି ଫଳପ୍ରାପ୍ତିର ନିକଟତର ହଅନ୍ତି। ଜଣେ ଅନୁପଯୁକ୍ତ ଲୋକକୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇଦେବା ପାଇଁ ଅନ୍ୟ ଜଣେ ଉପଯୁକ୍ତ ଲୋକକୁ ବଳୀ ପଡ଼ିବାକୁ ହୁଏ। ଏହା ଫଳରେ ପୁରସ୍କାରର ହକ୍ ଉପଯୁକ୍ତ ଲୋକର ହାତରୁ ଖସିଯାଏ। ଏପରି ବିଡ଼ମ୍ବନା ଆଜିକାଲିର ପ୍ରମୁଖ ଘଟଣା ବୋଲି ପ୍ରତିଭା ଓ ପୁରସ୍କାର ଶୀର୍ଷକରେ ସମ୍ପାଦକ କମଳ କୁମାର ମହାନ୍ତି ସମ୍ପାଦକୀୟରେ ନିଜ ବକ୍ତବ୍ୟ ରଖିଛନ୍ତି।

ଏଥିରେ ଦିଲ୍ଲୀପ କୁମାର ସ୍ୱାଇଁ ଭଗବାନ ଜୟସିଂହଙ୍କ କବିତା ଉପରେ ସୁନ୍ଦର ଆଲୋଚନା ଲେଖିବା ସହ ତାଙ୍କ ସହିତ କାବ୍ୟାଳାପ କରିଛନ୍ତି ଯାହା ପତ୍ରିକାଟିକୁ ଆକର୍ଷଣୀୟ କରିବାର ଭୂମିକା ଗ୍ରହଣ କରିଛନ୍ତି।

ଏଥିରେ ଗାଳ୍ପିକର ମର୍ମକଥା ଶୀର୍ଷକରେ ରମେଶ ପଟ୍ଟନାୟକ ଓ କମଳା ପାଣିଗ୍ରାହୀ, କବି ହୃଦୟର ଭାଷାରେ କିଶୋର ପାଣିଗ୍ରାହୀ ଓ ସୁପ୍ରଭା ପରିଜାଙ୍କ ଆଲେଖ୍ୟ ବେଶ୍ ଦୃଷ୍ଟିଆକର୍ଷଣକାରୀ। ଏଥିରେ ସଚ୍ଚି ରାଉତରାୟଙ୍କ କବିତା ପାହାଚ ସ୍ତମ୍ଭରେ ବିପିନ୍ ନାୟକ, ଅପର୍ଣ୍ଣା ମହାନ୍ତି, ଅଶ୍ୱିନୀ କୁମାର ମିଶ୍ର, ଶ୍ରୀଦେବ, ରାମକୃଷ୍ଣ, ସେନାପତି ପ୍ରଦ୍ୟୁମ୍ନ କିଶୋରୀ, ସ୍ୱରୂପ ମହାପାତ୍ର, ଚିତ୍ତ ମିଶ୍ର, କୃଷ୍ଣ କୁମାର ମହାନ୍ତି, ଅମୀୟ ରଂଜନ ମହାପାତ୍ର, ଶକ୍ତି ମହାନ୍ତି, ବିରଜା ରାଉତରାୟ, ସରୋଜ ବଳ, ଚିତ୍ତରଂଜନ ନାୟକ, ସୁଶୀଲ ପାଣିଗ୍ରାହୀ, କାମଦେବ ମହାରଣା, ଦୀପୁନ ପୁହାଣ, ପ୍ରତିଭା ଖିଲାର, ଆଶିଷ ମହାପାତ୍ର, ଐଶ୍ୱର୍ଯ୍ୟା ରାଉଳ, ଦେବଦତ୍ତ ମିଶ୍ର, ଦୀପଙ୍କର ଦାସ, ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସଙ୍କ କବିତା ସ୍ଥାନ ପାଇଥିବା ବେଳେ ଗଡ଼ନାୟକ କବିତା ପାହାଚରେ ଆଶୁତୋଷ ପରିଡ଼ା, ହୃଷିକେଶ ମଲ୍ଲିକ, ପ୍ରଦୀପ କୁମାର ପଣ୍ଡା, ଶ୍ରୀହରି ଧଳ, ଚକ୍ରପାଣି ପରିଚ୍ଛା, ରକ୍ଷକ ନାୟକ, ବୀଣାପାଣି ଦେବତା, ହେମନ୍ତ କୁମାର ରାଉତ, ଡ. ଅବନୀ କୁମାର ପ୍ରଧାନ, ଅକ୍ଷୟ ପାତ୍ର, ଡ. କମଳାକୃଷ୍ଣ ତ୍ରିପାଠୀ, ଉମାକାନ୍ତ ରାଉତ, ବିଜନ ରାୟ, ସୂର୍ଯ୍ୟସ୍ନାତ ତ୍ରିପାଠୀ, ଶ୍ରୀ ଗୋବିନ୍ଦ ପ୍ରମୁଖଙ୍କ କବିତା ପ୍ରକାଶ ପାଇଛି। ମାନସିଂ କବିତା ପାହାଚରେ ମମତା ଦାଶ, ଅମରେଶ ପଟ୍ଟନାୟକ, ଦୁର୍ଗାଚରଣ ଷଡ଼ଙ୍ଗୀ, ଅର୍ଣ୍ଣପୂର୍ଣ୍ଣା ମହାନ୍ତି, ଅକ୍ଷୟ ବେହେରା, ସୁରେନ୍ଦ୍ର ପାଣିଗ୍ରାହୀ, ସାବିତ୍ରୀ କବିତ, ଇପସିତା ଷଡ଼ଙ୍ଗୀ, ସୁସ୍ମିତା ରାଉତ ପ୍ରମୁଖଙ୍କ କବିତା ସ୍ଥାନ ପାଇଥିବା ବେଳେ ଫକୀରମୋହନ କଥା ପାହାଚରେ କାଶୀନାଥ ନନ୍ଦି, ଗୋଲାପମଞ୍ଜରୀ କର, ଶ୍ରୀନିବାସ ସେଠୀ, କମଳିନୀ ମଲ୍ଲିକ, ବନମାଳୀ ସେନାପତି, ନନ୍ଦିତା ମହାନ୍ତି, କେ. ବିପ୍ଳବ ଓ ଗୋଦାବରୀଶ କଥା ପାହାଚରେ ଝରଣା ପଟ୍ଟନାୟକ, କ୍ଷୀରୋଦ ଦାସ, ଅରବିନ୍ଦ ଦାସ, ସ୍ମୃତି ପଟ୍ଟନାୟକ, ଚନ୍ଦ୍ରମୋହନ ମହାପାତ୍ର, ସୀମାଞ୍ଚଳ ଦାସ, ଚିନ୍ମୟୀ ପଣ୍ଡା ପ୍ରମୁଖଙ୍କ କବିତା ପ୍ରକାଶ ପାଇଛି।

ଏଥିରେ ଚିତ୍ତରଞ୍ଜନ ପ୍ରବନ୍ଧ ପାହାଚରେ ୭ଟି ପ୍ରବନ୍ଧ, ନୀଳମଣି ମିଶ୍ର ଅନୁବାଦ ପାହାଚ ସ୍ତମ୍ଭରେ ବଙ୍ଗାଳୀ ନନ୍ଦ ଓ ବିଜୟ କୁମାର ପ୍ରଧାନଙ୍କ ଅନୁବାଦ ଗଳ୍ପ ପ୍ରକାଶ ପାଇଥିବାବେଳେ ଅନୁବାଦ କବିତାରେ ମାନସ ମହାପାତ୍ର, ଗୀତାରାଣୀ ଆଇଚ, ଆଲୋକ କୁମାର ରାୟ ପ୍ରମୁଖଙ୍କ ୬ଟି କବିତା ପ୍ରକାଶ ପାଇଛି। ସେହିପରି ଜୀବନାନନ୍ଦ ଗୀତି କବିତା ପାହାଚରେ ନନ୍ଦ କିଶୋର ସିଂହ, ଧନଞ୍ଜୟ ସ୍ୱାଇଁ, ହଂସନାଥ ମୁଦୁଲି, ମାନସ ରଂଜନ ପଣ୍ଡା, ସୁରଂଜନ ପାତ୍ର, ଭରତ ଚନ୍ଦ୍ର ଦାସ ପ୍ରମୁଖଙ୍କ ଗୀତି କବିତା ସ୍ଥାନ ପାଇଛି। ଏଥିରେ ଶ୍ରୀନିବାସ ସେଠୀ, କମଳିନୀ ମଲ୍ଲିକ ଓ ସତ୍ୟରଂଜନ ସାହୁଙ୍କ ବହିକୁ ଯଥାକ୍ରମେ ମମତା ପ୍ରିୟଦର୍ଶନୀ ସାହୁ, ଅମ୍ବିକା ପ୍ରସାଦ ବାରିକ ଓ ଶୁଭନାରାୟଣ ସ୍ୱାଇଁ ଆଲୋଚନା କରିଛନ୍ତି। ୨୭୬ ପୃଷ୍ଠା ବିଶିଷ୍ଟ ପୂଜା ପତ୍ରିକାଟି ପାଠକଙ୍କ ପାଇଁ ବେଶ୍ ସଂଗ୍ରହଣୀୟ।

♥ ସମୀକ୍ଷା :
ଧ୍ୱନି ପ୍ରତିଧ୍ୱନି ବ୍ୟୁରୋ

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୦୮ ଡିସେମ୍ବର ୨୦୨୪

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



ଚେତନାର ଦର୍ପଣ - ୫୧

# ସ୍ୱଭାବ



♥ ଲଳିତ ମୋହନ ମିଶ୍ର

ସମସ୍ତ ପ୍ରାଣୀ ନିଜର ସ୍ୱାଭାବିକ ପ୍ରକୃତି ଅନୁସାରେ ପରିଚାଳିତ ହୁଅନ୍ତି। ଜ୍ଞାନୀମାନେ ସେମାନଙ୍କର ସ୍ୱଭାବ ଅନୁଯାୟୀ କାର୍ଯ୍ୟ କରିଥାଆନ୍ତି । ତତ୍ତ୍ୱଜ୍ଞାନୀମାନେ ସେମାନଙ୍କର ଅନନ୍ତ ପୂର୍ବ ଜନ୍ମର ସଂସ୍କାର (ସ୍ୱଭାବ ଓ ଧାରଣା), ବର୍ତ୍ତମାନ ଜନ୍ମର ପ୍ରାରବ୍ଧ କର୍ମ, ଏବଂ ମନ ବୁଦ୍ଧି ଓ ପ୍ରବୃତ୍ତିକୁ ନେଇ କାର୍ଯ୍ୟ କରିଥାନ୍ତି । ମହାତ୍ମା ଅବୁଲ ହାସନ ନୁରୀ ବାଗଦାଦର ଜଣେ ପ୍ରସିଦ୍ଧ ପଣ୍ଡିତ ଏବଂ ସୁଫି ସନ୍ଥ ଥିଲେ । ସେ ଧ୍ୟାନ ଏବଂ କଠୋର ତପସ୍ୟା ମାଧ୍ୟମରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ସେ ଭକ୍ତିରେ ଏତେ ଲିପ୍ତ ଥିଲେ ଯେ ତାଙ୍କ ଉପରେ ବାହ୍ୟ ଦୁଃଖର ପ୍ରଭାବ ପଡି ନ ଥିଲା ।

ଥରେ ଜଣେ ବ୍ୟକ୍ତି ସନ୍ଥ ଅବୁଲ ହାସନଙ୍କ ପାଖକୁ ଆସିଥିଲେ। ସେ କହିଲେ, ଗୃହସ୍ଥ ଜୀବନ ଏବଂ ପରିବାରର ଅବ୍ୟବସ୍ଥାକୁ ନେଇ ମୁଁ ବହୁତ ବ୍ୟଥିତ । ମୋର ପତ୍ନୀ ଏବଂ ମୋର ପିଲାମାନେ ମୋର କଥା ଶୁଣିବାକୁ ନାରାଜ । ମୁଁ ସବୁକିଛି ଛାଡି ସାଧୁ ହେବାକୁ ଚାହୁଁଛି । ତେଣୁ ଆପଣ ପିନ୍ଧିଥିବା ପୋଷାକ ମୋତେ ଦିଅନ୍ତୁ , ଯାହାଦ୍ୱାରା ମୁଁ ଆପଣଙ୍କ ପରି ଜଣେ ସାଧୁ ହୋଇପାରିବି। ଅବୁ ହାସନ ହସି ହସି କହିଲେ, ପୁରୁଷଙ୍କ ପୋଷାକ ପିନ୍ଧି କ'ଣ ଜଣେ ମହିଳା ପୁରୁଷ ହୋଇପାରିବ କି... ନା ଜଣେ ପୁରୁଷ ମହିଳାଙ୍କ ପୋଷାକ ପିନ୍ଧି ମହିଳା ହୋଇପାରିବ ? ସନ୍ଥ ତାଙ୍କୁ ବୁଝାଇଲେ, ସାଧୁ ହେବାକୁ ହେଲେ ପୋଷାକ ନୁହେଁ, ନିଜର ସ୍ୱଭାବ ଚରିତ୍ର ଗୁଣ ବଦଳାଇବାକୁ ପଡ଼ିବ। ନିଜ ସ୍ୱଭାବକୁ ବଦଳାଇ ଦିଅନ୍ତୁ। ତା'ହେଲେ ଆପଣଙ୍କୁ ଘରେ କୌଣସି ଅସୁବିଧା ହେବ ନାହିଁ। ଲୋକଟି ବୁଝିପାରିଲା । ନିଜ ସ୍ୱଭାବ ବଦଳାଇବାର ସଂକଳ୍ପ ନେଇ ଘରକୁ ଫେରି ଯାଇଥିଲା ।

♥ କୁରାଳ, ନୟାଗଡ
(ମୋ) ୯୪୩୭୯୮୫୮୬୬

# ଅବତାର ନିତାନ୍ତ ଆବଶ୍ୟକ

ଇଂ.ସଚ୍ଚିଦାନନ୍ଦ ନନ୍ଦ

ଯେଉଁ ଅବତାର ନ ଆସିଥିଲେ ଆଜିର ମାନବ ସମାଜ ଦାନବ ସମାଜ ପାଲଟିଯାଇଥାନ୍ତା ଯିଏ ଅବତରୀ ନଥିଲେ ମାନବ ଜାତିର ଉଦ୍ଧରଣ ସମ୍ଭବ ହୋଇନଥାନ୍ତା, ଯିଏ ଆର୍ବିଭାବ ହୋଇନଥିଲେ ଧର୍ମଗୁରୁମାନେ ତାଙ୍କ ଶିଷ୍ୟବର୍ଗଙ୍କୁ ମାର୍ଗ ଦର୍ଶନ କରାଇପାରି ନଥାନ୍ତେ, ଯିଏ ଉଚିତ ସମୟରେ ଉପଯୁକ୍ତ ଶକ୍ତି ସାମର୍ଥ୍ୟସମ୍ପନ୍ନ ଐଶ୍ୱର୍ଯ୍ୟ ଧାରଣ କରି ଯଦି ଆସିନଥାନ୍ତେ ଅନୈତିକ ଚାକଚକ୍ୟରେ ଆକର୍ଷିତ ହୋଇଯାଉଥିବା ଜନମାନସକୁ ପୁନଃ ଧର୍ମାନୁମୋଦିତ ସଂସ୍କୃତି ସମ୍ପନ୍ନ କରାଇବା ଅସମ୍ଭବ ହୋଇଥାନ୍ତା। ଯିଏ ନ ଆସିଥିଲେ ସମଗ୍ର ବିଶ୍ୱର ଅବସ୍ଥା ହିଂସ୍ରଜନ୍ତୁପୂର୍ଣ୍ଣ ଜଙ୍ଗଲରେ ପରିଣତ ହୋଇଯାଇଥାନ୍ତା। ଯିଏ ନ ଆସିଥିଲେ ପରିବାରର ସଦସ୍ୟମାନେ ସେମାନଙ୍କ ସମୁଚିତ କର୍ତ୍ତବ୍ୟ କ'ଣ ଜାଣିପାରି ନଥାନ୍ତେ। ଯିଏ ନ ଆସିଥିଲେ ତଥାକଥିତ ପଣ୍ଡିତମାନେ ଆପ୍ତବାକ୍ୟର ପ୍ରକୃତ ଅର୍ଥ ବ୍ୟାଖ୍ୟା କରି ନପାରି ତାହାକୁ କଦର୍ଥ କରୁଥାନ୍ତେ। ଯାହାଙ୍କ ଅନୁପସ୍ଥିତିରେ ମଣିଷ କେବଳ ଆକାର ମଣିଷ ହୋଇ ଅମଣିଷ ଭଳି ଅପକର୍ମ ଗୁଡ଼ିଏ କରୁଥାନ୍ତା। ଯାହାଙ୍କ ବିନା ଭାରତୀୟ ସଂସ୍କୃତି ମଧ୍ୟ ତାହାର ମହତ୍ୱ ହରାଇ ପୁରାଣ ଇତିହାସ ଭଳି ଅଲୋଡ଼ା ହୋଇପଡ଼ିଥାନ୍ତା। ଯାହାଙ୍କ ଆଗମନ ହୋଇ ନଥିଲେ ଏ ଭୂଖଣ୍ଡରେ ଥିବା ସହସ୍ର ସହସ୍ର ଦେବଦେବୀ ମନ୍ଦିରରେ ଦିଅଁମାନେ ସେମାନଙ୍କର ପ୍ରାପ୍ୟ ପୂଜା ଆରାଧନା ହରାଇ ବସିଥାନ୍ତେ। ଦିଅଁ ଦେବତା ଜ୍ଞାନ ନଥିବା ସମାଜର ଗତି ଯେଉଁଆଡ଼କୁ ଯାଉଥାନ୍ତା ତାକୁ ବାଧା ଦେଇ ପୁନଃ ପ୍ରତିଷ୍ଠା କରାଇବାରେ କିଏ ସମର୍ଥ ହୋଇଥାନ୍ତା ? ଗୃହସ୍ଥ ମାନେ ତାଙ୍କ ଜୀବନର ସମସ୍ତ କିଛି ଦେଇ ଯେଉଁ ବାସଗୃହ ଖଣ୍ଡେ ନିର୍ମାଣ କରିଥିଲେ ସନ୍ତାନମାନେ ତାହାକୁ କରାୟତ୍ତ କରିନେଇ ବୃଦ୍ଧ ବୟସ୍କ ମାନଙ୍କୁ ସିଡିଘର ତଳକୁ ପଠାଇ ଦେଇଥାନ୍ତେ। ଅବତାର ତାଙ୍କର ଅଲୌକିକ ଶକ୍ତି ବଳରେ ଆଖି ଥାଇ ଅନ୍ଧ ପାଲଟିଥିବା ମାନବ ସମାଜକୁ ପୁନଃ ଦୃଷ୍ଟିଶକ୍ତି ପ୍ରଦାନ କରି ତାଙ୍କର କର୍ତ୍ତବ୍ୟ ପ୍ରତି ସଚେତନ କରାଇ ପୁରୁଷ ପରେ ପୁରୁଷ ଧରି ଯେଉଁ ସଦୟ କୃପା ପ୍ରଦାନ କରନ୍ତି ତାହା ଅଚିନ୍ତନୀୟ।

ପରିବାରର ପବିତ୍ରତା, ମାନବ ବସତିର ନିରୋଳ ଭକ୍ତିପୂର୍ଣ୍ଣ ବାତାବରଣ, ଗୁରୁଜନ ମାନଙ୍କର ସ୍ନେହପୂର୍ଣ୍ଣ ଶାସନ, ଯୁବକମାନଙ୍କ ଦାବି ସହିତ ସେମାନଙ୍କର ଦାୟିତ୍ୱ ଜ୍ଞାନ, ମହିଳା ମାନଙ୍କ ଠାରେ ଥିବା ସହଜାତ କୋମଳତା, ସେବା ଭାବ, ଅତିଥି ପରାୟଣତା, ଗୃହାଙ୍ଗନକୁ ସ୍ୱର୍ଗରେ ପରିଣତ କରିବାର ଦକ୍ଷତା, ଶିଶୁମାନଙ୍କ ଠାରେ ଆଜ୍ଞାନୁବହତା, ଅଧ୍ୟବସାୟ, ଶିକ୍ଷା ଆହରଣ କରିବାର ଉତ୍ସୁକତା, ବନ୍ଧୁମାନଙ୍କ ଠାରେ ପାରସ୍ପରିକ ସ୍ନେହ, ବଡ଼ାଣିଆ ଭାବ ପରିବର୍ତ୍ତେ ପ୍ରେମାର୍ଦ୍ରଭାବ ଅବତାରଙ୍କ ବ୍ୟତୀତ କିଏ ପୁନସ୍ଥାପିତ କରାଇପାରନ୍ତା ?

ପୃଥିବୀରେ ଯେତେ ଭିନ୍ନ ଭିନ୍ନ ଦେଶ ଅଛି, ସେଠାକାର ପୂର୍ବଜ ମାନଙ୍କ ସାଧନା ବଳରେ ତାଙ୍କ ଭୂଖଣ୍ଡର ଯେ ଗୋଟାଏ ସଂସ୍କୃତି ଅଛି ଏବଂ ତାହାର ପାଳନ ଓ ଅନୁସରଣ ସେ ଦେଶବାସୀଙ୍କୁ ନିଜ ପିତାଙ୍କ ଭଳି ସୁରକ୍ଷା ପ୍ରଦାନ କରେ ତାହାର ବିପରୀତ ହେଲେ ତାହା ପରିଣାମ କିପରି ବିଷମୟ ହୁଏ ସେ ଶିକ୍ଷା କିଏ ଦେଇଥାନ୍ତା ? ନିଜ ନିଜର ସଂସ୍କୃତିକୁ ଭଲ ପାଇବା ଓ ତାହାର ପ୍ରଭାବରେ ନିଜେ ସଂସ୍କାରିତ ହେବାର ଦୀକ୍ଷା ଦେବାଭଳି କଠିନତମ ଦାୟିତ୍ୱ ଅବତାରଙ୍କ ବ୍ୟତୀତ କିଏ ଆପଣା ଛାଏଁ ବହନ କରନ୍ତା ?

ଭଗବାନଙ୍କର ଏ ସୃଷ୍ଟି ଏହାର ଅନ୍ତରାଳରେ ନିହିତ ଥିବା ସେ ସତ୍ୟକୁ ଜାଣିବା ଓ ବୁଝିବାର ଶକ୍ତି, ସତ୍ୟକୁ ବୁଝି ତାହାକୁ ଦୈନନ୍ଦିନ ଜୀବନରେ ପାଳି ସେଥିରୁ ଲାଭବାନ ହେବା ପରିଶେଷରେ ଏକ ଲାଭପ୍ରଦ ମୃତ୍ୟୁ ହାସଲ କରିବାର କଳା ଅବତାରଙ୍କ ଭିନ୍ନ ଆଉ କିଏ ଆମ ହାତ ଧରି ଶିଖାଇ ଦେଉଥାନ୍ତା ? ମାନବ ଜୀବନ, ମାନବ ଶରୀର, ମାନବ ଜନ୍ମ ଲାଭ କରିବାର ଉଦ୍ଦେଶ୍ୟ, ଜୀବନର ଲକ୍ଷ୍ୟ, ଲକ୍ଷ୍ୟ ହାସଲ କରିବାର ପଥ ନିର୍ବାଚନ ସେ ପଥର ଆବଶ୍ୟକ ରକ୍ଷଣାବେକ୍ଷଣ ଓ ମରାମତି କରାଇ ଅବାଟରେ ଯାଉଥିବା ଲୋକମାନଙ୍କୁ ସଠିକ ମାର୍ଗରେ ଚଳାଇବା ଭଳି ଦୁରହବ୍ୟାପାର କାହାକୁ ସରଳ ମନେହୁଅନ୍ତା ଅବତାରଙ୍କ ବିନା ?

ପୁରାକାଳର ଦିବ୍ୟଦ୍ରଷ୍ଟା ଯୋଗୀଋଷିମାନେ ତାଙ୍କ ତପସ୍ୟା ବଳରେ ଯେଉଁ ଦୁର୍ଲ୍ଲଭ ଅଭିଜ୍ଞତା ହାସଲ କରିଥିଲେ, ଯେଉଁ ଅବ୍ୟର୍ଥ ମନ୍ତ୍ରମାନ ହାସଲ କରିଥିଲେ, ମାନବ ସମାଜର ଉପକାର ପାଇଁ ଅକାତରେ ନିଃସ୍ୱାର୍ଥ ଭାବ ସହ ପ୍ରଦାନ କରିଦେଇ ଯାଇଛନ୍ତି। ତାହାସବୁ ଅବମାନିତ ହୋଇ ଅନାବଶ୍ୟକ ତତ୍ତ୍ୱ ହିସାବରେ ମାନବ ସମାଜର ଅଗୋଚରରେ ନଷ୍ଟ ହୋଇଯିବାକୁ ବସିଥିଲାବେଳେ ଅବତାର ପୁରୁଷମାନେ ଆସି ତାହାର ପୁର୍ନରତ୍ଥାନ କରାଇ ମଣିଷର ଅଶେଷ ଉପକାର ସାଧନ କରାଇଥାନ୍ତି। ଉପନିଷଦ, ସଂହିତା, ସ୍ମୃତିଶାସ୍ତ୍ର ଓ ବିଭିନ୍ନ ସ୍ଥାନୀୟ ଭାଷାରେ ଲିଖିତ ବହୁ ଅମୂଲ୍ୟରତ୍ନମାନ ସାଉଁଟି ଆଣି ପୁର୍ନବାର ଲୋକ ସମାଜରେ ପ୍ରବର୍ତ୍ତନ କରାଇ ଲୋକ ମର୍ଯ୍ୟାଦା, ଋଷି ମର୍ଯ୍ୟାଦା, କବି ମର୍ଯ୍ୟାଦା, ଶାସ୍ତ୍ର ମର୍ଯ୍ୟାଦା, ମନ୍ତ୍ର ମର୍ଯ୍ୟାଦାକୁ ଫେରାଇ ଆଣି ପୁରାତନକୁ ସନାତନ କରାଇବାର କ୍ଷମତା କେବଳ ଅବତାରଙ୍କର ହିଁ ଥାଏ। ଏହାଦ୍ୱାରା ସେ ତାଙ୍କ ନିଜ ସୃଷ୍ଟିର ପରମ ମଙ୍ଗଳ ସାଧନ କରିବା ସହ ଯୁଗ ଯୁଗ ପାଇଁ ପୂଜନୀୟ ଓ ସ୍ମରଣୀୟ ହୋଇ ଅମରତ୍ୱ ପ୍ରାପ୍ତ ହୋଇଯାଆନ୍ତି। ପର୍ବପର୍ବାଣୀ ପାଳନ ଅନ୍ତରାଳରେ ଥିବା ନିହିତ ତାତ୍ପର୍ଯ୍ୟ ଜ୍ଞାପନ କରାଇ ଲୋକମାନଙ୍କର ଜୀବନଯାପନର ଶୈଳୀ ତ୍ୱରାନ୍ୱିତ କରାଇ ପର୍ବପର୍ବାଣୀକୁ ପାଳନ ପୂର୍ବକ ତାହାର ଆଧ୍ୟାତ୍ମିକ ଉତ୍ତରଣକୁ ସୁନିଶ୍ଚିତ କରାଇ ମର୍ତ୍ତ୍ୟଲୋକ ତଥା ଦେବଲୋକରେ ଭଗବାନଙ୍କ ପ୍ରିୟ ହେବାର କଳାକୌଶଳ ଅବତାରଙ୍କ ବିନା କିଏ ବା ଶିଖାଇ ପାରିଥାନ୍ତା। ପର୍ବପର୍ବାଣୀ ଦୂରେ ଥାଉ ପ୍ରତ୍ୟେକଟି ଦିବସକୁ କିପରି ପାଳନ କରିବାକୁ ହୁଏ ତାହା ଶିଖାଇବା ମଧ୍ୟ ଅବତାର ଛାଡ଼ନ୍ତି ନାହିଁ। ପରସ୍ପର ଭିତରେ କଥାବାର୍ତ୍ତାରେ, ସଂଯମ ଅଭାବରୁ କେବଳ ପରିବାର ଭାଙ୍ଗି ଯାଉନାହିଁ, ଗାଁ ଗାଁ, ସାହି ସାହି ଏପରିକି ଦେଶ ଦେଶ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଯାଉଛି। ଏହାର ସମାଧାନ କୌଣସି ରାଷ୍ଟ୍ରମୁଖ୍ୟଙ୍କ ଦ୍ୱାରା ସମ୍ଭବ ହେଉନାହିଁ। କେବଳ ଅବତାରଙ୍କ ପ୍ରଦତ୍ତ ଶିକ୍ଷା ଅବଲମ୍ବନରେ ହିଁ ତାହାର ପ୍ରଶମନ ସମ୍ଭବ। ସର୍ବୋପରି ସବୁଠାର ଦୁର୍ବୋଧ୍ୟ ତତ୍ତ୍ୱ (ଈଶ୍ୱର, ପ୍ରକୃତି, ଜୀବଜଗତ) ଯାହାକୁ ଏ ପର୍ଯ୍ୟନ୍ତ କେହି ପରିଷ୍କାର ଭାବେ ବୁଝି ବୁଝାଇ ପାରିନାହାନ୍ତି ତାହା ମଧ୍ୟ କେବଳ ଅବତାର କରିପାରନ୍ତି। ଭଗବାନ ଶ୍ରୀ ସତ୍ୟସାଇ ବାବା ସେଭଳି ଜଣେ ଅବତାର ଭାରତ ଭୂଖଣ୍ଡରେ ଜନ୍ମି ଭାରତକୁ ଚିର ଗୌରବାନ୍ୱିତ କରି ଏହି ମାତ୍ର ନିକଟ ଅତୀତରେ ଇହଲୀଳା ସମ୍ବରଣ କରି ପାରଲୌକିକ ଲୀଳାରେ ନିୟୋଜିତ। ସେ ତାଙ୍କ ପ୍ରେମଶକ୍ତି ବଳରେ ଉପଯୁକ୍ତ ସାଧକମାନଙ୍କୁ ଦୈବତ୍ୱ ମଣ୍ଡିତ କରି ତାଙ୍କ ନିଜ ସଂକଳ୍ପକୁ ସାକାର କରିବାରେ ଦିବ୍ୟାନନ୍ଦ ଉପଭୋଗ କରୁଛନ୍ତି।

♥ ଅଲିଶା ବଜାର, କଟକ,
ମୋ : ୯୩୩୭୨୪୨୯୫୫

॥ ଆତ୍ମଜୀବନୀ ॥

# ମୋ ମାଆ ସୁବର୍ଣ୍ଣରେଖା

ଡ. ଶ୍ରୀକାନ୍ତ ଚରଣ ପାତ୍ର

## ଆମର ନଈକୂଳିଆ ଗାଆଁ
(ପୂର୍ବ ପ୍ରକାଶିତ ଉତ୍ତାରୁ)

(୫୧)

## ଆମପାଇଁ କଳାଦିବସ

କ୍ରମେକ୍ରମେ ନୂତନ ଅଧ୍ୟାପକମାନଙ୍କୁ ନିଯୁକ୍ତି ଦିଆଗଲା । (ତଥାପି ଇଂରାଜୀ ବିଭାଗରେ ସ୍ଥାୟୀ ଅଧ୍ୟାପକ ମିଳୁ ନଥାନ୍ତି )। ଏମାନେ ପ୍ରାୟ ସମସ୍ତେ ଦୀନକୃଷ୍ଣ ମହାବିଦ୍ୟାଳୟରେ ଆମର ଛାତ୍ରଥିଲେ।

ହରେକୃଷ୍ଣ ବାବୁ, ଲକ୍ଷ୍ମୀଧର ବାବୁ ଓ ମୋ କାମର ବୋଝ ହାଲୁକା ହୋଇଗଲା ।

ଅଧ୍ୟାପକମାନେ ତେଘରିର ହରେକୃଷ୍ଣ ଦତ୍ତଙ୍କ ଗୃହରେ ମେସ୍ କରି ରହିଲେ । ଆମେ ସେମାନଙ୍କୁ ଅତି ଅଳ୍ପ ପରିମାଣର ଅର୍ଥ ଦେଉଥିଲୁ। ତଥାପି ସେମାନେ ବିନା ପ୍ରତିବାଦରେ ନିଜ ନଜର ଶିକ୍ଷାଦାନ କାର୍ଯ୍ୟ ନିଷ୍ଠାର ସହିତ କରି ଯାଉଥିଲେ।

ଇତି ମଧ୍ୟରେ କଲେଜର ଗୃହ ନିର୍ମାଣ କାର୍ଯ୍ୟ ଶେଷହେବାରୁ ଆମ କଲେଜର ପରୀକ୍ଷାର୍ଥୀମାନେ ନିଜ କଲେଜ ସେଣ୍ଟରରେ ପରୀକ୍ଷା ଦେଉଥାନ୍ତି।

ବହୁ ଆଲୋଚନାପରେ ଆମେ ଆର୍ଥିକ ସମ୍ବଳର ଅଭାବ ଦୃଷ୍ଟେ +୨ ବିଜ୍ଞାନ ଓ ବାଣିଜ୍ୟ ଶ୍ରେଣୀ ନଖୋଲି +୩ କଳା ଶ୍ରେଣୀ ଖୋଲିବାର ସିଦ୍ଧାନ୍ତ ନେଲୁ । ଖୋଲିଲୁ ବି । ସମୟକ୍ରମେ ଏ କଲେଜର ପିଲା ଗଡିଆ ଓ ଔପଦା କଲେଜ ଅଧୀନରେ ପ୍ରି ଡିଗ୍ରୀ ଓ ଶେଷବର୍ଷର ପରୀକ୍ଷାବି ଦେଲେ । ପରିଚାଳନା ସମିତି ପ୍ରଭିଜନାଲ କନକାରେନ୍ସ ପାଇଁ ଦରଖାସ୍ତ କଲା ।

୦୫.୯.୯୨ତାରିଖ ଶନିବାର ଦିନ ଦୀନକୃଷ୍ଣ କଲେଜର ଅଧ୍ୟକ୍ଷ ଆମକୁ ଜଣାଇଲେଯେ ସରକାରୀ ନିର୍ଦ୍ଦେଶ ଅନୁସାରେ ସେ ରାଇବଣିଆ କଲେଜ, ତେଘରି ଯାଇ Provisional Concurrence ପାଇଁ ଖାତାପତ୍ର ତନଖିକରି ରିପୋର୍ଟ ଦେବେ । ଆମେ ବହୁତ ଖୁସି ହେଲୁ । ତେଘରି କଲେଜର କାଗଜପତ୍ର ଠିକ୍ କରାହେଲା ।

ଅଧ୍ୟକ୍ଷ ନବକୃଷ୍ଣ ମହାନ୍ତି, କିରାଣୀ ହାରାଧନ ଭୂୟାଁ ଓ ଅବସରପ୍ରାପ୍ତ କିରାଣୀ ଅଜୟ କୁମାର ଘଡେଇଙ୍କୁ ସାଥିରେ ନେଇ ୨୨.୧୧.୧୯୯୨ ତାରିଖ ରବିବାର ଦିନ ସା.ଚ. କଲେଜକୁ ଆସି ଖାତାପତ୍ର ତନଖି କଲେ। ଅସୁବିଧା ବଶତଃ ସଂପାଦକ ଜୟ ନାରାୟଣ ମହାନ୍ତି ଆସି ନପାରିଲେବି Resolution ଖାତା ଅ.ତପନ ପାତ୍ରଙ୍କ ହାତରେ ପଠାଇ ଦେଇଥିଲେ। ତାଙ୍କ ସାଥିରେ ଜଳେଶ୍ୱରର ସତ୍ୟବ୍ରତ ଦାସ ମଧ୍ୟ ଆସିଥିଲେ । ପରିଚାଳନା ସମିତିର ସଭାପତି, ଅନ୍ୟ ସଦସ୍ୟମାନେ ଓ ଦାତା ସେଦିନ ସମସ୍ତେ ଉପସ୍ଥିତ ଥିଲେ ।

ତନଖି କାର୍ଯ୍ୟ ଶେଷ ହେବାପରେ ଅଧ୍ୟକ୍ଷ ପ୍ର. ମହାନ୍ତି, ଦାତା ଶ୍ରୀଯୁକ୍ତ ସାଧୁ ଚରଣ ଜେନା ଓ ଆଉ କେତେଜଣ ମଧ୍ୟାହ୍ନ ଭୋଜନ କରୁଥିଲେ । ହଠାତ୍ ବାହାରେ ଭୀଷଣ ଧସ୍ତାଧସ୍ତି ଓ କୋଳାହଳର ଶବ୍ଦ ଶୁଣି ଆମେ ବାହାରକୁ ଆସିଲୁଁ । ସେ ଦୃଶ୍ୟ ଦେଖି ଆମେ ତଟସ୍ଥ ହୋଇଗଲୁ । ଦଳେ ଯୁବକ ବିଭିନ୍ନ ମାରଣାସ୍ତ୍ର ଧରି ଅ. ପାତ୍ର ଓ ଶ୍ରୀ ଦାସଙ୍କୁ ଅକ୍ତିଆର କରିନେଇ ସେମାନଙ୍କଠୁଁ ଜବରଦସ୍ତ Resolution ଖାତା ଛଡାଇ ନେଇ ଚାଲିଗଲେ। ସେତେବେଳକୁ ଅଧ୍ୟକ୍ଷ ପ୍ର. ମହାନ୍ତି ଭୋଜନ ତ୍ୟାଗକରି ବାହାରକୁ ଆସି ସମସ୍ତ ଘଟଣା ଅବଗତ ହୋଇ ସାରିଥିଲେ । ଏଭଳି ଗୁଣ୍ଡାମୀର ତୀବ୍ର ଭାବରେ ନିନ୍ଦାକଲେ । ଆମେ ମଧ୍ୟ ଏକତ୍ରିତ ହୋଇ ସେ ଘଟଣାର ନିନ୍ଦାକରି ପ୍ରସ୍ତାବ ଗ୍ରହଣକଲୁ। ଲଜ୍ୟାରେ ଆମର ମଥା ତଳକୁ ହୋଇଗଲା ।

ତହିଁ ପରଦିନ ହରେକୃଷ୍ଣ ବାବୁ, ଲକ୍ଷ୍ମୀଧର ବାବୁ ଓ ମୁଁ ଅଧ୍ୟକ୍ଷ ମହାନ୍ତିଙ୍କ ବାସଗୃହକୁ ଯାଇ ଗତକାଲିର ଅଶୋଭନୀୟ ପରିସ୍ଥିତି ପାଇଁ କ୍ଷମା ପ୍ରାର୍ଥନା କରିବା ସହିତ ଦୟାକରି ସା.ଚ.କଲେଜର +୩ କନକାରେନ୍ସ ପାଇଁ ସୁପାରିଶ କରିବାକୁ ଅନୁରୋଧ କଲୁ । ସେ କଲେ ବି ।

ମାତ୍ର, ଏହାପରେ ଆମର ଆଉ ଆଗ୍ରହ ରହିଲାନି। ଅଭିମାନରେ ଜୟ ନାରାୟଣ ବାବୁ ଆଉ ଆସିଲେନି। ଆମେ ବି। କେତେଜଣ ରାଜନେତା ଉପର ଠାଉରିଆ ଭାବରେ ମିଳାମିଶା ଉଦ୍ୟମକରି ସମୟ ଗଡାଇଚାଲିଲେ। କୌଣସି ସିଦ୍ଧାନ୍ତ କାର୍ଯ୍ୟକାରୀ କରାଗଲାନି । ଏହାପରେ ପରିଚାଳନା ସମିତି ଭାଙ୍ଗି ଦେଇ ନୂତନ ପରିଚାଳନା ସମିତି ଗଠନ କରାଗଲା । ଜୟ ନାରାୟଣ ବାବୁ କେବଳ ସମ୍ମାନ ରକ୍ଷାପାଇଁ ହାଇକୋର୍ଟରେ କେଶଟାଏ କରି ଚିରତରେ ଏ ଅନୁଷ୍ଠାନରୁ ବିଦାୟ ନେଇଗଲେ । ଆମେ ଆଶା କଲୁଁ ନୂଆ ପରିଚାଚାଳନା ସମିତି ନିଶ୍ଚିତ ଭାବରେ କଲେଜକୁ ଉନ୍ନତି ପଥରେ ଆଗେଇ ନେଇଯିବେ।

ମାତ୍ର ନୂତନ ପରିଚାଳନା ସମିତିର ପ୍ରଥମ କାର୍ଯ୍ୟ ହେଲା +୩ ପ୍ରଥମ ବର୍ଷ ଶ୍ରେଣୀରେ ଆଉ ଛାତ୍ର ଗ୍ରହଣ କଲେନି । +୩ କଲେଜ ବନ୍ଦ ହୋଇଗଲା । ଏଥିରେ ନିଯୁକ୍ତି ପାଇଥିବା ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀମାନେ ଏଠାରୁ ବିଦା ହୋଇଗଲେ । ସେମାନଙ୍କର କେତେବର୍ଷର ପରିଶ୍ରମ ବ୍ୟର୍ଥ ହେବା ସହିତ ଆଶା ଧୂଳିସାତ ହୋଇଗଲା । ଦୁଃଖର ବିଷୟ ଯେ ରାଇବଣିଆ ଅଞ୍ଚଳରେ ପ୍ରତିଷ୍ଠା ହୋଇଥିବା ପ୍ରଥମ ଡିଗ୍ରୀ କଲେଜକୁ ତାର ଶୈଶବରେ ବିନାଶ କରାଗଲା ।

ଗତ ୨୦୨୪ ସାଧାରଣ ନିର୍ବାଚନ ସମୟରେ କେତେଜଣ ଉତ୍ସାହୀ ବନ୍ଧୁ ରାଇବଣିଆ ଅଞ୍ଚଳରେ ଡିଗ୍ରୀକଲେଜ ଖୋଲିବା ପାଇଁ ସ୍ୱର ଉତ୍ତୋଳନ କରିଥିଲେ । ଏହା ଅତି ପ୍ରଶଂସାଯୋଗ୍ୟ ଉଦ୍ୟମ । ସେମାନଙ୍କ ପଦକ୍ଷେପର ସଫଳତା କାମନା କରୁଛି।

ଏତେସବୁ ପରେବି ୨୦୦୯ ମସିହାର ସାଧାରଣ ନିର୍ବାଚନ ପରେ ଶ୍ରୀକାନ୍ତ କୁମାର ଜେନା, ମାନ୍ୟବର ସାଂସଦ ଓ ଶ୍ରୀ ଦେବୀପ୍ରସନ୍ନ ଚନ୍ଦ, ମାନ୍ୟବର ବିଧାୟକ ରାଇବଣିଆ ଆସିଥିବା ଅବସରରେ ରାଇବଣିଆ କଲେଜ, ତେଘରିକୁ ଆଣି ଅଧ୍ୟକ୍ଷ, ଅଧ୍ୟାପକ ଓ ମୁଁ କଲେଜର ଗୃହ ନିର୍ମାଣ ନିମନ୍ତେ ସେମାନଙ୍କ ଲେଡ୍ ଫଣ୍ଡରୁ ଅର୍ଥ ପ୍ରଦାନ ନିମନ୍ତେ ଅନୁରୋଧ କରିଥିଲୁ । ସେମାନେ ସଦୟ ହୋଇ ପ୍ରାୟ ୦୯ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ।



ଆଜି ବୟସର ସାୟାହ୍ନରେବି ସେ କଲେଜରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ରାସ୍ତାରେ ଯାଉଥିବାର କେବେ ଯଦି ଦେଖେ, ଗର୍ବରେ ମୋ ଛାତି ଫୁଲି ଉଠେ।

ସେହିପରି କଲେଜ ପାଖଦେଇ ଯିବାବେଳେ ଭାବେ ଏଇ ଅନୁଷ୍ଠାନ ପ୍ରତିଷ୍ଠା ନିମନ୍ତେ ଗୁଣ୍ଡୁଚିମୂଷା ପରି ମୁଁ ମୋର ଶ୍ରମ ଓ ସମୟ ଦାନ କରିଛି । ଆନନ୍ଦରେ ଆଖିରୁ ଦୁଇଟୋପା ଲୁହ ଝରିଆସେ।

କିନ୍ତୁ ସେ କଲେଜ ଆଜି କଲେଜ ନୁହେଁ, ସରକାରଙ୍କ ନିର୍ଦ୍ଦେଶରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ ହୋଇସାରିଛି । ଦୁଃଖରେ ମୋ ହୃଦୟ ଭେଦକରି ଦୀର୍ଘଶ୍ୱାସ ବାହାରି ଆସେ।

(କ୍ରମଶଃ)

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
(ମୋ) ୭୮୯୪୬୭୯୪୪୧

ଗଳ୍ପ

# ଭରସା

ଘନଶ୍ୟାମ ପଲେଇ





ଆଉ କେଇଟା ବର୍ଷପରେ ଗୋକୁଳିବାବୁ ନେବେ ଚାକିରୀରୁ ଅବସର। ଚାକିରୀ ଥାଉ ଥାଉ ଘରଟେ କରିଦେଲେ ରିଟାର୍ଡ ପରେ ନଥିବ ଚିନ୍ତା। ଚତୁର୍ଥ ଶ୍ରେଣୀ ଚାକିରିଆ ସେ... କେତେ ବା ପଇସା। ସହରରେ ଜାଗା କିଣି ଘର କରିବା ତାଙ୍କ ପାଇଁ ସାତ ସପନ। ତେଣୁ ତ ସପନ ବୁଣିବାକୁ ଗାଁ ଭୂଇଁକୁ ବାଛିଲେ। କିଛି ନ ହେଲେ ଭିଟାମାଟିରେ ଥିବା ଚାଳଛପରକୁ ଭାଙ୍ଗି ଭଲ ଛାତଘର ଖଣ୍ଡେ କରିବେ।

ଚାକିରୀରୁ ଯାଇ ଗାଁରେ ଘର ତୋଳେଇବା ତାଙ୍କ ପାଇଁ କାଠିକର ପାଠ। ବିଲ୍ଡର କି ବଡ କଣ୍ଟ୍ରାକ୍ଟର ମିଳିବା ବି ବଡ ମୁସ୍କିଲ୍ ଗାଁରେ। ତେଣୁ ଭଲ ମିସ୍ତ୍ରୀଟେ ମିଳିଗଲେ ବଡକଥା। ସିଏ ଲୋକ ଯୋଗାଡ କରି କରିଦେବ ଘର। ଧରିଲେ ରାଜମିସ୍ତ୍ରୀ ଦିବାକରକୁ। ତା' ସହ ଯୋଗାଯୋଗ ହେଲା ପରେ ତାଙ୍କ ମନକୁ ମିଳିଲା ଶାନ୍ତି। ତା' କଥାରୁ ଜାଣିଲେ... ସିଏ ବାପ ମା' ଛେଉଣ୍ଡ ଛୋଟବେଳୁ। ପେଟ ପାଇଁ ଛାଡିଥିଲା ଭିଟାମାଟି... ପଳେଇଗଲା ପିଉସୀ ବାହା ହେଇଥିବା ଗାଁ... ଖଣି ଅଞ୍ଚଳକୁ। ଛୋଟବେଳୁ ମେହନତ୍ କଲା... କାମ ଶିଖିଲା। ସିଏ ଏବେ ଏକ ନମ୍ବର ରାଜମିସ୍ତ୍ରୀ...ଆଖପାଖ ଅଞ୍ଚଳରେ। ଏଣିକି ବଡ ବଡ ଘର ବି ଧରିଲାଣି।

ତା' କଥାରୁ ଅନୁମାନ କରି ଜାଣିଲେ- ଆଖପାଖର ଅନେକ କୋଠା ସିଏ ଗଢିଛି। ଡିଜାଇନ୍ ବି ଭଲ। ତା' ବିଶ୍ୱାସ ଓ ଉତ୍ସାହରେ ତାଙ୍କ ମନ ଭରିଗଲା। କାଳବିଳମ୍ବ ନ କରି ଘର ତିଆରି ପାଇଁ କଥାଟା ତା' ସହ ପକ୍କା କରି ଦେଲେ। ମାସ କେଇଟାରେ ଚାହୁଁ ଚାହୁଁ ଘରଟାର କାନ୍ଥ ଛିଡା ହେଇଗଲା।

ମଝିରେ ମଝିରେ ସହରରୁ ଗାଁକୁ ଦିନେ ଦି'ଦିନ ପାଇଁ ଆସି ଘରକାମ ତଦାରଖ କରି ଯାଆନ୍ତି। ପୁତରା ହିସାବ ହେବ ରାମୁକୁ କହିଥିଲେ ବେଳେ ବେଳେ ଆସି ବୁଝାବୁଝି କରିଦେବାକୁ... ବାଦ ବାକି ନିଜେ ବୁଝେ ମିସ୍ତ୍ରୀ। ଛୁଟି କମ ଥିବାରୁ ଛାତ ପଡିଲାବେଳେ ଆସି ପାରିଲେ ନାହିଁ। ତା'ଛଡା ପୂରା ବିଶ୍ୱାସ ଥିଲା ମିସ୍ତ୍ରୀ ଉପରେ। ଛାତଟା ପଡିଗଲା। ପାଣି ଖାଇଲା ପରେ ଖୋଲାହେଉଛି ସେଣ୍ଟ୍ରିଙ୍ଗ୍। ଏଇଥିପାଇଁ ସହରରୁ ଗୋକୁଳିବାବୁ ଧାଇଁ ଆସିଥିଲେ ସକାଳୁ ସକାଳୁ... ଦେଖିବାକୁ ତାଙ୍କ ସ୍ୱପ୍ନର ରାଜ ମହଲ। ସବୁ ଆଡେ ବୁଲିବୁଲି ଦେଖୁଥାନ୍ତି... ନଜର ଗଲା ପାରାପିଟ୍ କାନ୍ଥଟି ଛାତ ପାଖକୁ ବଙ୍କା ଦିଶୁଛି। ଦୁଃଖରେ କାନ୍ଥକୁ ଅନେଇ ବସିଲେ ଘଡିଏ। ଅଖିରୁ ଲୁହ ଟପ୍ ଟପ୍ ଝରି ଆସିଲା ଆପେ ଆପେ। ଦେଖି ପାରିଲେ ନି ବେଶି ସମୟ କାନ୍ଥର ବିକଳାଙ୍ଗ ଅବସ୍ଥାକୁ...ଉଠି ଚାଲିଗଲେ ଗାଁମୁଣ୍ଡ ଆମ୍ବତୋଟା ଆଡେ ।

ଢେର ସମୟ ଗଲାଣି। ଖରା ବି ଟାଣ ହେଲାଣି। ରାଗ ତମ ତମ ହେଇ ଫେରିଲେ ଘରକୁ। କାମ ଚାଲିଥିଲା। ଦେଖିଲେ ଦିବାକର ଝାଳନାଳ ହେଇ ଚଢିଛି ଉପରେ... କାଟିକୁଟି ପ୍ଲାଷ୍ଟର ମାରି ସିଧା କରୁଛି କାନ୍ଥକୁ। ପାଖରେ ଛିଡା ହୋଇ କାମ ଦେଖୁଛି ପୁତୁରା ପିଲା ରାମୁ।

ରାଗିବେ ଭାବୁଥିଲେ... ହେଲେ ବାହାରିଲାନି ପାଟିରୁ। ବରଂ ଧୀର ଗଳାରେ କହିଲେ--- ଦିବାକର ! କ'ଣ କିରେ କାନ୍ଥଟା ବଙ୍କା କରିଦେଲୁ ?

ପୁତୁରା ରାମୁ ନିଜର ପତିଆରା ଦେଖେଇବାକୁ ଯାଇସଙ୍ଗେ ସଙ୍ଗେ ମିସ୍ତ୍ରୀକୁ ତାଗିଦ୍ କଲା ଢଙ୍ଗରେ କହିଲା, ତୋତେ ବାରମ୍ବାର କହୁଛି ନା... ଟିକିଏ ବି ଓଲମ ବିଲମ କରୁବୁନି... ଏହା କକାଙ୍କ ପରିଶ୍ରମର ଫଳ। ମାନିଲୁ ନାହିଁ ଏଣିକି ଶୁଣ ଗାଳି...

ମିସ୍ତ୍ରୀ ବି ଟିକିଏ ହଡବଡେଇ ଗଲା। ଗୋଟିଏ ହାତରେ କପାଳରେ ଲାଗିଥିବା ଝାଳକୁ ପୋଛୁ ପୋଛୁ କହିଲା, ବାବୁ ! କ୍ଷମା କରିଦିଅ... ପ୍ଲାଷ୍ଟର ମାରି ମେକଅପ୍ କରିଦେବି ...

ରାମୁ ଚଡାଗଳାରେ କହିଲା --- ହୁଁ...କହିଲା କ'ଣ ମେକପ୍ କରିଦେବ..ଆଉ ଛେନାଗୁଡ ହେବ ଯେ... ବଙ୍କା ରହିଯିବ କାନ୍ଥ ସବୁଦିନକୁ...

ମିସ୍ତ୍ରୀ ଡରିଗଲା। ଥରି ଥରି କହିଲା -- ବାବୁ ! ବିଶ୍ୱାସ କରନ୍ତୁ... ମୋର କିଛି ବି ଭୂଲ୍ ନାହିଁ। ସବୁ ଭୂଲ୍ ସେଇ ସୂତାର... ନୂଆ ସୂତାଟା ମୁଁ ସେଇ ଦିନ ରବିବାର ହାଟରୁ ଆଣିଥିଲି... ଦୋକାନୀ ବଙ୍କା ସୂତାଟା ଦେଇ ମୋତେ ବୋଧେ ଠକି ଦେଇଛି...। ମୁଁ ପ୍ରାଣପଣେ ଚେଷ୍ଟା କରି ମେକଅପ୍ କରିଦେବି...ଆଜ୍ଞା।

ଗୋକୁଳିବାବୁ ରାଗିବେ କ'ଣ... ହସିଲେ ତା'ର ବୋକାଙ୍କ ଭଳି ସରଳିଆ କଥା ଶୁଣି। ତା' ପିଠିରେ ହାତ ଥାପୁଡେଇ ଦମ୍ଭ ଦେଇ ଖୁସିରେ ଗଦ ଗଦ ହେଇ କହିଲେ... ଠିକ୍ ତ କରି ସାରିଲୁଣି... କାଟି... ପ୍ଲାଷ୍ଟର କରି। ହଁ ! ଆଉ ଶୁଣ-ସୂତା କେବେ ବଙ୍କା ନଥାଏରେ.... ସୂତାକୁ ଟାଣି ଧରିଲେ ଆପେ ଆପେ ସିଧା ହେଇଯାଏ। ଆମ ଜୀବନ ବି ଠିକ୍ ସୂତା ଭଳି। ସଳଖି ଚାଲିଲୁ ତ ଠିକ୍....ଟିକିଏ ହୁଗୁଳା ଛାଡିଦେଲେ ଜୀବନ ବି ବଙ୍କା... ମାଡି ଆସିବ ବିପଦ। ତା' ଛଡା ଜଣେ କାମ କଲେ ତ ଭୂଲ ହେବ... ଅନ୍ୟକୁ ଦୋଷ ନ ଦେଇ, ଯିଏ ନିଜ ଭୂଲକୁ ମାନି ତାକୁ ସୁଧାରି ପାରେ ସିଏ ହିଁ ଆଗକୁ ବଢେ... ସିଏ ହିଁ ତ ଭଲ ମଣିଷ।

ତାଙ୍କ ସ୍ନେହ ବୋଳା କଥା ଦି'ପଦରେ ମିସ୍ତ୍ରୀ ଆଖିର ଦୁଇ କୋଣରେ ଲୁହ ଜକେଇ ଆସିଲା। ଏଣେ ରାମୁର ଆଖି ବି ଛଳଛଳ ଦିଶିଲା।

♥ ଟେନ୍‌ସା, ସୁନ୍ଦରଗଡ-୪୨,
ମୋ-୯୪୩୭୭୧୮୫୦୦

# ଦେବା ଯୋଗ୍ୟ

ଶିବାଶିଷ ପାଢ଼ୀ





ପତ୍ନୀଙ୍କ ବରାଦ ଥିଲା ଆସିଲାବେଳେ କିଛି ଗାମୁଛା ନେଇକି ଆସିବ। ଶ୍ରାଦ୍ଧରେ କାମକୁ ଆସିବ ସେଇଥିପାଇଁ ଦୋକାନକୁ ଯାଇଥିଲି ମୁଁ। ଯଦିଓ ଜାଣିଥିଲି ମୁଁ ଯାହା ବି ନେବି ତାକୁ ନାପସନ୍ଦ କରିଦେବେ ସେ। ସେଇଥିପାଇଁ ଦୋକାନକୁ ଯାଉଯାଉ ଭିଡିଓ କଲର ସାହାଯ୍ୟ ନେଇଥିଲି। ଆଉ ବି ଗୋଟିଏ ଉପାୟ କରିଥିଲି ଦୋକାନୀ ଯାହା ବି ଦାମ କହୁଥିଲା ତା ଠୁଁ କିଛି କମ କହୁଥିଲି ମୁଁ। ଏଣୁ ସାଙ୍ଗେସାଙ୍ଗ କିଣାକିଣି ସରିଗଲା।

ଆଶ୍ୱସ୍ତ ହୋଇ ଦୋକାନ ସାମ୍ନାରେ ଥିବା ଚା ଦୋକାନକୁ ଯାଇ ଚା'ଟିଏ ଅର୍ଡର କରି ବସିଥିବା ବେଳେ ପୁଣି ଆସିଥିଲା ପତ୍ନୀଙ୍କ ଫୋନ। ଆଉ ଠିକ ସେତିକି ବେଳେ ହିଁ ଆସିଥିଲା ସେ ପିଲାଟି। ସାତ ଆଠ ବର୍ଷୀୟ ହେବ। ତାର ଚେହେରା ଆଉ ବେଶଭୁଷା କହିଦେଉଥିଲା ସେ ନିଶ୍ଚୟ ଆଖପାଖ କେଉଁ ବସ୍ତିର ପିଲା ଥିବ। ଚା ଦୋକାନ ଟେବୁଲରେ ଥିବା କାଚ ଜାରର ବିସ୍କୁଟକୁ ଦେଖାଇ କହିଥିଲା-ଏଥିରୁ ଗୋଟିଏ ମୋ ପାଇଁ କହିଦିଅନ୍ତୁ ଆଜ୍ଞା। ମୁଁ କିଛି କହିବା ଆଗରୁ କିନ୍ତୁ ମନା କରିଦେଉଥିଲା ଦୋକାନୀ।

କହିଥିଲା -ଯା ଏଇଠୁ। ଏମାନଙ୍କୁ ଦିଅନ୍ତୁ ନାହିଁ ଆଜ୍ଞା। ଯାକୁ ଦେଲେ ସେ ଆଉ କିଛିଙ୍କୁ ଧରି ଆସିବ। ପତ୍ନୀ ବି ସେହି କଥା ହିଁ କହୁଥିଲେ ଫୋନରେ କିନ୍ତୁ ସେ ପିଲାର ଚେହେରା କହୁଥିଲା ଅନେକ କିଛି ନିରବରେ ଆଉ ସେ ନୀରବତାର ଭାଷାକୁ ବୁଝି ସାରିଥିଲି ମୁଁ। ସେ ଯେତିକି ମାଗୁଥିଲା ତା ଠୁଁ ଦୁଇଗୁଣ ଦେବାପାଇଁ କହିଥିଲି ମୁଁ। ଦୋକାନୀର କଥା ମିଛ ନଥିଲା ସେ ପିଲା ଯାଉଯାଉ ଆସି ଯାଇଥିଲେ ଆଉ ଚାରି ପାଞ୍ଚଜଣ ପିଲା। ପ୍ରାୟ ସମାନ ଅବସ୍ଥା।

ଦୋକାନୀ କହିଥିଲା -ଦେଖିଲେ ଆଜ୍ଞା ସେ ହିଁ ପଠାଇଛି ଏମାନଙ୍କୁ। ତଡିବାକୁ ଉଦ୍ୟତ ହେଉଥିଲା ସେ।

ମୁଁ ଚା ପିଇ ସାରିଥିଲି। ସେମାନଙ୍କ ପାଇଁ ବି ଟଙ୍କା ଦେଇ ମୁଁ ବାହାରିଗଲି।

ଫୋନ ସେପଟେ ଥିବା ପତ୍ନୀ ବି ବିରକ୍ତ ହେଉଥିଲେ। ମୋର ସ୍ୱଭାବକୁ ତ ଜାଣିଥିଲେ ସେ। ତଥାପି କହିଥିଲେ - ଅଯଥାରେ ପଇସା ସାର ତମେ। ପଚାଶ ଷାଠିଏ ସାରି ତ ନିଜକୁ ଦାନୀ କଣ ଭାବୁଥିବ ଆଉ। ଭାରି ଖୁସି ଲାଗୁଛି ନା ?

ଖୁସି ତ ଲାଗେ ଅଞ୍ଜଳି, କିନ୍ତୁ ଟଙ୍କା ପାଇଁ ନୁହେଁ। ଦୁନିଆଁରେ ଦୁଇ ପ୍ରକାର ଲୋକ ଅଛନ୍ତି। କିଛି ଦେବା ଯୋଗ୍ୟ ଆଉ କିଛି ନେବାବାଲା। ଭଗବାନ ମୋତେ ପ୍ରଥମ ଗୋଷ୍ଠୀରେ ରଖିଛନ୍ତି। ହେଉ ପଛେ ଅଳ୍ପ ମୁଁ ଲୋକଙ୍କୁ ସାହାଯ୍ୟ କରି ପାରୁଛି ସେ କଣ କମ କଥା ?

ମୁଁ ଜାଣିଥିଲି ଉତ୍ତର ମିଳିବନାହିଁ କାରଣ ମୋ ଭାଷଣ ଶୁଣିବାପାଇଁ ଆଉ ସେପଟେ ଅଞ୍ଜଳି ନଥିଲେ। ଫୋନ କାଟି ସାରିଥିଲେ ସେ। ମୁଁ ଆକାଶକୁ ଦେଖୁଥିଲି ଯେମିତି ସ୍ୱର୍ଗକୁ ଚାହିଁ ଧନ୍ୟବାଦ ଜଣାଉଥିଲି ।

♥ହେମଗିର, ସୁନ୍ଦରଗଡ଼
ମୋ: ୯୭୭୮୧୭୪୯୭୮

# ଏବିଭିପି ପକ୍ଷରୁ ବାଲେଶ୍ୱର ବିଭାଗ ଅଭ୍ୟାସ ବର୍ଗ



ବାସୁଦେବପୁର, ୦୭/୧୨ (ନି.ପ୍ର): ବାସୁଦେବପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ବାଲେଶ୍ୱର ବିଭାଗ ଅଭ୍ୟାସ ବର୍ଗ କାର୍ଯ୍ୟ କ୍ରମ ଆଜି ଉଦଘାଟିତ ହୋଇ ଯାଇଛି । ଏହି ଉତ୍ସବରେ ବିଭାଗ ପ୍ରମୁଖ ତଥା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ପୂର୍ବତନ ରାଜ୍ୟ ସଭାପତି ଅଧ୍ୟାପକ ରମେଶ ଚନ୍ଦ୍ର ବେହେରା, ରାଜ୍ୟ ସମ୍ପାଦକ ଅରିଜିତ ପଟ୍ଟନାୟକ, ରାଜ୍ୟ ସହ ସମ୍ପାଦକ ଶୁଭ୍ର ସମ୍ବିତ ନାୟକ, ବିଭାଗ ସହ ପ୍ରମୁଖ ଲକ୍ଷ୍ମୀ ନାରାୟଣ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ଛାତ୍ର ଛାତ୍ରୀ ମାନଙ୍କୁ ମାର୍ଗ ଦର୍ଶନ କରାଇ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଏହି ଉତ୍ସବରେ ଭଦ୍ରକ ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ, ବ୍ୟବସ୍ଥା ପ୍ରମୁଖ ପୁରୁଷୋତ୍ତମ ବେହେରା, ବିଭୁ କିଶୋର ରାଉତ, ଗୀତାଞ୍ଜଳି ସେଠି, ପାର୍ବତୀ ମିଶ୍ର, ନଗର ଉପ ସଭାପତି ମନୋଜ ମଲ୍ଲିକ, ପୁରାତନ କାର୍ଯ୍ୟ କର୍ତ୍ତା ପ୍ରତାପ କୁମାର ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ । ୧୫୦ ଜଣ ଛାତ୍ର ଛାତ୍ରୀ ଏହି ଉତ୍ସବରେ ଯୋଗ ଦେଇଥିଲେ । ଆସନ୍ତା କାଲି ଡିସେମ୍ବର ଆଠ ତାରିଖ ଏହି ଅଭ୍ୟାସ ବର୍ଗ ଉଦଯାପିତ ହେବ।

# ଓଡ଼ିଶାରେ ଆରମ୍ଭ ହୋଇଛି ଯକ୍ଷ୍ମା ଦୂରୀକରଣ ଅଭିଯାନ

ଭୁବନେଶ୍ୱର, ୦୭/୧୨ (ନି.ପ୍ର): ଓଡ଼ିଶାରେ ଆରମ୍ଭ ହୋଇଛି ଯକ୍ଷ୍ମା ଦୂରୀକରଣ ଅଭିଯାନ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସରକାର ଭାରତର ୧୯ ଟି ଯକ୍ଷ୍ମା ବହୁଳ ଜିଲ୍ଲା ଗୁଡିକରେ ଆଜିଠୁ ଆରମ୍ଭ ହୋଉଛି ସଚେତନତା ଅଭିଯାନ। ୨୦୨୫ ସୁଦ୍ଧା ଭାରତ ହେବ ଟିବି ମୁକ୍ତ । ଏହି ଅଭିଯାନରେ ପ୍ରମୁଖ ଫୋକସ୍ ରଖାଯାଇଛି ଆଧୁନିକ ନିଦାନ, ଅଧିକ ସଂକ୍ରମିତ ହେବାର ଆଶଙ୍କା ଥିବା ନିର୍ଦ୍ଦିଷ୍ଟ ଲୋକଙ୍କ ମଧ୍ୟରେ ପ୍ରାଥମିକ ପରୀକ୍ଷା, ଅଧିକ ପୀଡ଼ିତ ହେବାର ଆଶଙ୍କା ଥିବା ଲୋକଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସା ଓ ସୁଷମ ପୁଷ୍ଟିକର ଖାଦ୍ୟ ବଂଟନ। ଯେଉଁଥିପାଇଁ ଆଜି ଏକ ସ୍ୱତନ୍ତ୍ର ଭେଇକିଲ ଲଂଚ ହୋଇଛି । ଏହା ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ କରାଯିବ ,ଯେଉଁଠି ରୋଗୀ ଚିହ୍ନଟ ହୋଇଛି ସେଠି ମେଡିସିନ ଦେବା କାର୍ଯ୍ୟକ୍ରମ ରହିବ ଏବଂ ଏକ ବ୍ୟାପକ ଜନ ସଚେତନତା କାର୍ଯ୍ୟକ୍ରମ କରାଯିବ ଯେଉଁଥିରେ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ଠୁ ନେଇକି ଆଶାକର୍ମୀ ,ବିଭାଗୀୟ ମନ୍ତ୍ରୀ ଏଥିରେ ସହଯୋଗ କରିବେ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ। ଏପଟେ ତଥ୍ୟ ଅନୁସାରେ, ୨୦୧୫ ଠାରୁ ବାର୍ଷିକ ଯକ୍ଷ୍ମା ରୋଗ ହାର ୧୮ ପ୍ରତିଶତ ହ୍ରାସ ପାଇଛି। ୨୦୨୩ ସୁଦ୍ଧା ମୃତ୍ୟୁ ହାର ୨୨ ପ୍ରତିଶତ ହ୍ରାସ ପାଇଛି। ଏକ ଲକ୍ଷ ଜନସଂଖ୍ୟାରେ ୨୦୧୫ ମସିହାରେ ୨୩୭ ଟି ଏବଂ ୨୦୨୩ ମସିହାରେ ୧୯୫ କୁ ହ୍ରାସ ପାଇଛି। ସେହିପରି ଭାବରେ ଲକ୍ଷ ଜନସଂଖ୍ୟାରେ ୨୦୧୫ ମସିହାରେ ୨୮ ଜଣଙ୍କ ଏବଂ ୨୦୨୩ ମସିହାରେ ୨୨ ଜଣଙ୍କ ମୃତ୍ୟୁ ଘଟିଛି।

# ଅଟୋ ପାର୍ଟସ୍ ନାରେ ଚାଲିଛି ନକଲି ଚା' ବେପାର






ଜଳେଶ୍ୱର , ୦୭/୧୨ (ନି.ପ୍ର): ଆଗରେ ଲାଗିଥିଲା ଅଟୋ ପାର୍ଟସ୍ ଦୋକାନର ସାଇନ୍ ବୋର୍ଡ ଆଉ ପଛରେ ଚାଲିଥିଲା ନାମିଦାମୀ ଚା କମ୍ପାନିର ନକଲି ଲୋଗୋ ଲଗାଇ ପ୍ୟାକିଂ ଏନେଇ ଅଭିଯୋଗ ହେବା ପରେ ଆଜି ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଓ ଜଳେଶ୍ୱର ପୁଲିସ ମିଳିତ ଭାବେ ଜଳେଶ୍ୱର ବ୍ଲକ୍ ଗୋବର ଘାଟା ଗ୍ରାମ ପଞ୍ଚାୟତର ଅଗ୍ରୱାଲା ଛକ ନିକଟରେ ଚାଲିଥିବା ନକଲି ଚା ପାକିଂ ଉପରେ ଚଢ଼ାଉ କରିଥିଲେ । ବଜାରରୁ ଶସ୍ତା ଦରରେ ଚା' କ୍ରୟ କରାଯିବା ପରେ ଏହାକୁ ନାମିଦାମୀ କମ୍ପାନିର ଲୋଗୋ ସହ ପ୍ୟାକେଜିଂ କରି ବିକ୍ରି କରାଯାଉଥିଲା। ଏନେଇ ଟାଟା ଟି ପକ୍ଷରୁ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରାଯିବା ପରେ ଅଦାଲତଙ୍କ ନିର୍ଦ୍ଦେଶରେ ଗଠିତ ଏକ ଟିମ୍ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଗତ କାଲି ଅପରାହ୍ନରେ ଉପରୋକ୍ତ ଅଟୋ ପାର୍ଟସ ଦୋକାନ ଉପରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଦୋକାନ ଭିତରେ ପ୍ୟାକେଜିଂ ମେସିନ, ବିଭିନ୍ନ ଚା' କମ୍ପାନିର ଲୋଗୋ ଥିବା ଖାଲି ପଲିଥିନ୍ ବ୍ୟାଗ, ଚା ପ୍ୟାକେଟ୍, ଖୋଲା ଚା ଥିବା ଏହି ଟିମ୍ ଦେଖିବାକୁ ପାଇଥିଲେ । ୧୫ ବର୍ଷ ଧରି ଅଗ୍ରୱାଲା ଛକରେ ଏହି ଅଟୋ ପାର୍ଟସ ଦୋକାନ ଚାଲିଥିବା ବେଳେ ଏ ଏଠାରେ ପ୍ୟାକିଂ ହେଉଥିବା ନକଲି ଚା ସବୁ ସ୍ଥାନୀୟ ବଜାରରେ ଖୋଲାଖୋଲି ବିକ୍ରି କରାଯାଉଥିଲା ।

# ରାଜ୍ୟରେ ଖୋଲିବ ଆଉ ୮ଟି କେନ୍ଦ୍ରୀୟ ବିଦ୍ୟାଳୟ

ଭୁବନେଶ୍ୱର, ୦୭/୧୨ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଶିକ୍ଷା ନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ରାଜ୍ୟରେ ଆଉ ୮ଟି ନୂଆ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ନେଇ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଭାରତ ସରକାର ଦେଶରେ ୮୫ଟି ନୂଆ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ପ୍ରାୟ ୫୮୭୨ କୋଟି ଟଙ୍କା ଏବଂ ୨୮ଟି ନବୋଦୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରାୟ ୨୩୫୯ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା ରଖିଛନ୍ତି। ଓଡ଼ିଶା ସମେତ ଭାରତରେ ଶିକ୍ଷାର ବିକାଶ ଓ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ଦିଗରେ ନିଷ୍ପତି ନେଇଥିବାରୁ ପ୍ରଧାନମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ଉପମୁଖ୍ୟମନ୍ତ୍ରୀ।

# ସିଏଜି ଖୋଲିଲେ ଗୁମର: ମହାନଗରବାସୀଙ୍କୁ ବାଂଟିଛନ୍ତି ଦୂଷିତ ଜଳ ଓ ରୋଗ, ହଜାର ହଜାର କୋଟି ଅପବ୍ୟୟ

ଭୁବନେଶ୍ୱର, ୦୭/୧୨ (ନି.ପ୍ର): ସ୍ମାର୍ଟସିଟି ରାଜଧାନୀ ଭୁବନେଶ୍ୱରବାସୀଙ୍କୁ କୁଆଖାଇ ନଦୀରୁ ଅତ୍ୟନ୍ତ ଦୂଷିତ ଜଳ ଯୋଗାଣ କରାଯାଉଛି । ଏହି ଜଳ ଅତ୍ୟନ୍ତ ଦୂଷିତ ବୋଲି ରାଜ୍ୟ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବି କହିଲେ। ତଥାପି ସରକାର ଫାଙ୍କିଦେଲେ। ଖାଲି ସେତିକି ନୁହେଁ ରାଜ୍ୟର ଭୁବନେଶ୍ୱର ସମେତ ଅନ୍ୟ ୪ଟି ମହାନଗର ନିଗମ କଟକ,ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲାରେ ଦୂଷିତ ଜଳ ଯୋଗାଣ ଯୋଗୁ ୪୨.୨୩ଲକ୍ଷ ଲୋକ ସାଂଘାତିକ ଝାଡ଼ାବାନ୍ତି, ୪.୬୩ଲକ୍ଷ ଟାଇଫଏଡ୍ ଓ ୧୨ହଜାର ଲୋକ କିଡନୀ ରୋଗରେ ପୀଡ଼ିତ ହୋଇଛନ୍ତି। ସହରଗୁଡ଼ିକରେ ସ୍ୱେରେଜ ବ୍ୟବସ୍ଥା ଠିକ୍ ନଥିବା, ଡ୍ରେନଗୁଡ଼ିକ ଖୋଲା ପଡ଼ିବା ଓ ବର୍ଜ୍ୟବସ୍ତୁ ନିଷ୍କାସନର ଭିତ୍ତିଭୂମି ଅଭାବ ତଥା ବିସ୍ତୃତ ଉନ୍ନୟନ ଯୋଜନା(ସିଡିପି) ପ୍ରସ୍ତୁତ ନହେବା ଆଦି ସହ ମନମୁଖୀ ପାଣ୍ଠି ଖର୍ଚ୍ଚ ଯୋଗୁ ହଜାର ହଜାର କୋଟି ଟଙ୍କାର ଅପବ୍ୟୟ ହୋଇଛି। କେବଳ ସ୍ୱେରେଜ ପ୍ରକଳ୍ପ ପାଇଁ ଡିପିଆର ପ୍ରସ୍ତୁତିରେ ତ୍ରୁଟି ଯୋଗୁ ୩୦୪୫.୪୪କୋଟି ଟଙ୍କାର ଅନାବଶ୍ୟକ ବ୍ୟୟ ହୋଇଛି। ରାଜ୍ୟର ଏହି ୫ମହାନଗରର ବାସିନ୍ଦାମାନଙ୍କୁ କିଭଳି ଦୂଷିତ ଜଳ ଓ ରୋଗରେ ବଂଚିବାକୁ ଛାଡ଼ିଦିଆଯାଉଛି, ଆଜି ଏଭଳି ଢଙ୍ଗରେ ତା'ର ପୁରା ଗୁମରକୁ ପଦାରେ ଖୋଲିଛନ୍ତି ସିଏଜି। ଆଜି ବିଧାନସଭାରେ ଉପସ୍ଥାପିତ ସିଏଜି ରିପୋର୍ଟ ଅନୁସାରେ, କୁଆଖାଇ ନଦୀରୁ ପଳାଶୁଣି ପ୍ରବେଶ କୂଅ ଯୋଗେ ଯେଉଁ ଜଳ ରାଜଧାନୀବାସୀଙ୍କୁ ଦିଆଯାଉଛି ତାହା ବୁଢ଼ୀ ନାଳ ଓ କୁଆଖାଇ ନଦୀର ସଙ୍ଗମ ସ୍ଥଳ ହୋଇଥିବାରୁ ପ୍ରଦୂଷିତ ପରିମାଣ ବେଶ୍ ଅଧିକ ଥିଲା। ଏହି ଜଳ ଦୂଷିତ ଥିବାନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମଧ୍ୟ ସ୍ୱୀକାର କଲେ। ୨୦୨୨ ଜାନୁୟାରୀରୁ ଜୁଲାଇ ମାସ ମଧ୍ୟରେ ଏହି ଜଳର ମାନକୁ ଯାଂଚ କରାଯାଇଥିଲା। କିନ୍ତୁ ସରକାର ଏହାକୁ ଫାଙ୍କିଦେଲେ। ଜଳ ବିଶୋଧନପରେ ଲୋକଙ୍କୁ ଦିଆଯାଉଛି ବୋଲି ସଫେଇ ଦେଲେ। ଯଦିଓ ଭୁବନେଶ୍ୱର ସହରକୁ କୁଆଖାଇ ନଦୀରୁ ଯୋଗାଣ ହେଉଥିବା ଜଳରେ ବାୟୋକେମିକାଲ ଅମ୍ଳଜାନ ଚାହିଦା, ମୋଟ୍ କୋଲିଫର୍ମ ଓ ଫିକାଲ କୋଲିଫର୍ମ ଅନୁମୋଦିତ ସୀମାଠାରୁ ଅଧିକ ଥିଲା। ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ଖୋଲା ଡ୍ରେନ ଯୋଗୁ ୭ବର୍ଷରେ ୭ଜଣଙ୍କ ମୃତ୍ୟୁ ହୋଇଥିଲେ ମଧ୍ୟ ୬୬ଟି ସ୍ଥାନରେ ରାସ୍ତା ଓ ଡ୍ରେନ ଉପରେ ୧୦୭ଟି ବିଦ୍ୟୁତ ଖୁଂଟ ଓ ଟ୍ରାନ୍ସଫର୍ମର ରହିଛି। ଅନେକ ୫୯ଟି ସ୍ଥାନରେ ଜବରଦଖଲରେ ରହିଛି। ଦୟା ପଶ୍ଚିମ କେନାଲ ଉପରେ ୧୧୯୫ଟି ଘର ଅନଧିକୃତ ଜବରଦଖଲ ହୋଇ ନିର୍ମାଣ ହେବା ଯୋଗୁ କେନାଲ ପାଣି ଅଧିକ ପ୍ରଦୂଷିତ ହୋଇଥିଲା। ବିଏମସି ୧୧ଟି ସ୍ଥାନରେ କେନାଲରେ ସ୍ୱେରେଜ ଓ ନର୍ଦ୍ଦମା ଜଳ ମଧ୍ୟ ନିଷ୍କାସିତ କରୁଛି।


**OFFICE OF THE NOTIFIED AREA COUNCIL, NILGIRI, BALASORE.**

No. ୧୫୭୨ Date. ୦୬.୧୨.୨୪

**"e" Procurement Notice**

BID Identification No. NLGN_01/2024-25

Bid Documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract and other necessary documents can be seen in Government website i.e. www.tendersodisha.gov.in

| | | |
|---|---|---|
| 1. Name of the Work | : | Construction of Civil work. |
| 2. No. of works | : | 65nos. |
| 3. Estimated Cost | : | Rs 1.0 Lakh to 7 Lakh |
| 4. Period of Completion | : | 30days. |
| 5. Date &Time of availability | : | 09.12.2024 at 11.00 A.M. to 17.12.2024 up to 5P.M. of Bid documents in the Portal |
| 6. Last date & time for receipt of bids in the portal | : | 17.12.2024 up to 5 P.M. |
| 7. Bids received online shall be opened on | : | 18.12.2024 at 11.00 AM. |
| 8. Name and address of the officer inviting Bid | : | Executive Officer, Nilgiri NAC |

Further details can be seen from the procurement portal i.e. www.tendersodisha.gov.in

OIPR: 13179/11/0002/2425

Executive Officer
Nilgiri NAC


# ପୁଣି ଲିଙ୍ଗରାଜ ମନ୍ଦିରରେ ନୀତି ବିଭ୍ରାଟ

ଭୁବନେଶ୍ୱର, ୦୭/୧୨ (ନି.ପ୍ର): ପୁଣି ଲିଙ୍ଗରାଜ ମନ୍ଦିରରେ ନୀତି ବିଭ୍ରାଟ। ଉପବାସରେ ରହିଛନ୍ତି ମହାପ୍ରଭୁ ଲିଙ୍ଗରାଜ। ପୂଜା ଚାଲିଛି କିନ୍ତୁ ନୀତି ବନ୍ଦ ।ବଡୁ ସେବାୟତଙ୍କ ପାଇଁ ଏଭଳି ସ୍ଥିତି ଉପୁଜୁଥିବା କହିଛନ୍ତି ପୂଜା ପଣ୍ଡା। ଅଧିବାସ ପୂଜା ନୀତି ନ କରାଇ ଦେବା ଯୋଗୁଁ ଆଜି ଦିନକ ପାଇଁ ମନ୍ଦିରରେ ନୀତି ବନ୍ଦ ରହିଛି। ମନ୍ଦିର ନିର୍ମାଣ ହେବା ଠାରୁ ଅଧିବାସ ପୂଜା ଚାଲିଛି କିନ୍ତୁ ବଡୁ ସେବାୟତ କହୁଛନ୍ତି ଏ ବିଧି ନାହିଁ । ଏପରିକି ୨୦୧୦ ରୁ ଅଫିସିଆଲ୍ ସାଇଟରେ ମୃନ୍ମୟ ପୂଜାର ନୀତି ବାବଦରେ ଲେଖା ରହିଛି। କିନ୍ତୁ ବଡୁ ସେବାୟତ ଅଯଥା ଯୁକ୍ତି କରି ନୀତି ବନ୍ଦ କରିଥିବା ଅଭିଯୋଗ ଆଣିଛନ୍ତି ପୂଜା ପଣ୍ଡା। ପୂର୍ବରୁ ପଇତା ଲାଗି ନୀତିକୁ ଏବେବି ଥାନାରେ ମାମଲା ଚାଲିଥିବା ବେଳେ ପୁନର୍ବାର ଆଉ ଏକ ସମସ୍ୟା ଦେଖା ଦେଇଛି ।ତେବେ ଜଗନ୍ନାଥ ମନ୍ଦିର ପରି ଲିଙ୍ଗରାଜ ମନ୍ଦିରର ଏକ ସ୍ୱତନ୍ତ୍ର ଆକ୍ଟ ହେବା ଦରକାର। ନିତି କାନ୍ତିର ସମ୍ପୂର୍ଣ୍ଣ ଲେଖା ରହିବା ଦରକାର ବୋଲି କହିଛନ୍ତି ପୂଜାପଣ୍ଡା ।

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ....

## ରେଙ୍ଗାଲିରେ ଏନକାଉଣ୍ଟର...

ଜବାବରେ ପୁଲିସ ପାଲଟା ଗୁଳି କରିଥିଲା। ଗୋଟିଏ ଗୁଳି ସଞ୍ଜୀବ କରାଳିର ଗୋଡ଼ରେ ବାଜିଥିଲା। ଆହତ ସଞ୍ଜୀବ କରାଳିକୁ ପ୍ରଥମେ ରେଙ୍ଗାଲି ଡାକ୍ତରଖାନାକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ସେଠାରୁ ବୁର୍ଲା ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସଞ୍ଜୀବ ନାଁରେ ବିଭିନ୍ନ ଥାନାରେ ଚୋରି, ଡକାୟତି ଓ ଠକେଇ ଭଳି ପ୍ରାୟ ୨୩ଟି ମାମଲା ରହିଛି।

## ଏସିଏଫଙ୍କୁ ..

ଏଥିସହ ସମ୍ବଲପୁର ଟାଉନରୁ ଏକ ୩ ମହଲା ଘର ସମେତ ୩ଟି କୋଠା ଠାବ କରିଥିଲା ଭିଜିଲାନ୍ସ। ଭୁବନେଶ୍ୱରରେରେ ଗୋଟିଏ,ସମ୍ବଲପୁର ଟାଉନରୁ ୩ଟି ଫ୍ଲାଟ୍ ମଧ୍ୟ ମିଳିଥିଲା। ଏଥିସହ ଇଉରଙ୍କର ସମ୍ବଲପୁର ଓ ବରଗଡ଼ରେ ୭ଟି ପ୍ଲଟ ଥିବା ଜଣାପଡ଼ିଛି। ଇଉର ଘରୁ ୧୫୦ ଗ୍ରାମ୍ ସୁନା ଜବତ କରିଥିଲେ ଭିଜିଲାନ୍ସ ଅଧିକାରୀ। ଇଉର ଠୁଳ କରିଥିବା ସମ୍ପତ୍ତି ବାବଦରେ ଭିଜିଲାନ୍ସ ତାଙ୍କୁ ପଚରାଉଚରା କରିଥିଲେ। ହେଲେ ସେ ସମସ୍ତ ସମ୍ପତ୍ତି ବିଷୟରେ ସନ୍ତୋଷଜନକ ଉତ୍ତର ଦେଇ ପାରି ନଥିଲେ। ଭିଜିଲାନ୍ସ ଆଜି ତାଙ୍କୁ ଗିରଫ କରିଛି।

## ବାଙ୍ଗିରିପୋଷିକୁ ରାଷ୍ଟ୍ରପତିଙ୍କ...

୨୫୪୯ କୋଟି ଟଙ୍କା ବ୍ୟୟରେ ଏହି ଲାଇନ ନିର୍ମାଣ ହେବ । ସେହିପରି ୬୦ କିଲୋମିଟରର ବୁଢ଼ାମରା-ଚାକୁଲିଆ ନୂଆ ଲାଇନ ପ୍ରକଳ୍ପ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲା ଏବଂ ଝାଡ଼ଖଣ୍ଡର ସିଂହଭୁମ୍ ଜିଲ୍ଲାକୁ ଅନ୍ତର୍ଭୁକ୍ତ କରିବ । ୧୬୩୯ କୋଟି(ଆନୁମାନିକ) ଟଙ୍କାବ୍ୟୟରେ ଏହି ଲାଇନ ନିର୍ମାଣ ହେବ । ୮୨ କିଲୋମିଟରର ବାଦାମପାହାଡ଼-କେନ୍ଦୁଝରଗଡ଼ ନୂଆ ଲାଇନ ପ୍ରକଳ୍ପ ଓଡ଼ିଶାର ମୟୂରଭଞ୍ଜ ଓ କେଉଁଝର ଜିଲ୍ଲାକୁ ଅନ୍ତର୍ଭୁକ୍ତ କରିବ । ଏହି ପ୍ରକଳ୍ପ ୨୧୦୬ କୋଟି ଟଙ୍କା ବ୍ୟୟରେ ଏହି ଲାଇନନିର୍ମାଣ ହେବ । ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି ଯେ ସେ ସର୍ବଦା ଏହି ମାଟିର ଝିଅ ହୋଇଥିବାରୁ ଗର୍ବିତ। ଦାୟିତ୍ୱ ଏବଂ ବ୍ୟସ୍ତତା ତାଙ୍କୁ ନିଜ ଜନ୍ମସ୍ଥାନ ଏବଂ ନିଜ ଲୋକମାନଙ୍କଠାରୁ କେବେବି ଦୂରେଇ ରଖିନାହିଁ ବରଂ, ଲୋକଙ୍କ ପ୍ରେମ ତାଙ୍କୁ ସର୍ବଦା ନିଜ ଆଡକୁ ଆକର୍ଷିତ କରିଥାଏ। ସେ କହିଛନ୍ତି ଯେ ମାତୃଭୂମି ତାଙ୍କ ଚିନ୍ତାଧାରା ଏବଂ କାର୍ଯ୍ୟରେ ବାସ କରେ। ଏହି ଅଞ୍ଚଳର ଲୋକମାନଙ୍କର ପବିତ୍ର ଏବଂ ଗଭୀର ସ୍ନେହ ତାଙ୍କ ମନରେ ସର୍ବଦା ସ୍ୱର ଉଠାଏ। ରେଳ ପ୍ରକଳ୍ପ ଏବଂ ବିମାନବନ୍ଦର ଏହି ଅଞ୍ଚଳରେ ପରିବହନ, ବାଣିଜ୍ୟ ଏବଂ ବାଣିଜ୍ୟକୁ ବୃଦ୍ଧି କରିବ ବୋଲି ରାଷ୍ଟ୍ରପତି ଆତ୍ମବିଶ୍ୱାସ ବ୍ୟକ୍ତ କରିଛନ୍ତି। 'ମୋର ଅତି ପ୍ରିୟ ପରିବାର ସଦସ୍ୟ, ଆଜି ମୟୂରଭଞ୍ଜ ମାଟିରୁ, ୩ଟି ନୂତନ ରେଳ ଲାଇନ ପ୍ରକଳ୍ପ...ଯାହା ମୁଁ ଦେଶକୁ ଉତ୍ସର୍ଗ କରିବାର ସୌଭାଗ୍ୟ ପାଇଛି, ତାହା ବାଙ୍ଗିରିପୋଷି, ବାଦାମପାହାଡ଼, ବୁଢ଼ାମରା ଏବଂ ଓଡ଼ିଶାର ଆଖପାଖ ରାଜ୍ୟରେ ଅର୍ଥନୈତିକ ତଥା ସାମାଜିକ ବିକାଶ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ। ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟ, ବିକଶିତ ଓଡିଶା ବିକଶିତ ଭାରତ। ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଓଡିଶାର ୫୦ରୁ ଅଧିକ ରେଳ ଷ୍ଟେସନକୁ ନବୀକରଣ କରାଯାଉଥିବା ବେଳେ ବିଶ୍ୱ ସ୍ତରୀୟ ସୁବିଧା ସହ ଓଡିଶାରେ ରେଳ ଯାତ୍ରାକୁ ସୁଦୃଢ କରିବା ପାଇଁ ରାଜ୍ୟରେ ୬ଟି ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ ଚଳାଚଳ କରୁଛି,' ରାଷ୍ଟ୍ରପତି କହିଥିଲେ। ରାଷ୍ଟ୍ରପତି ଏହା ମଧ୍ୟ କହିଛନ୍ତି ଯେ ଭାରତ ସରକାରଙ୍କ ପୂର୍ବୋଦୟ ଦୃଷ୍ଟିକୋଣରୁ ଓଡିଶା ଉପକୃତ ହେଉଛି। ଶିକ୍ଷା, ଦକ୍ଷତା ବିକାଶ, ସ୍ୱାସ୍ଥ୍ୟ, ପର୍ଯ୍ୟଟନ ସଂଯୋଗ ଏବଂ ପରିବହନ ସୁବିଧା ସମେତ ବିଭିନ୍ନ କଲ୍ୟାଣକାରୀ ଯୋଜନା ମାଧ୍ୟମରେ ସମଗ୍ର ଅଞ୍ଚଳର ବିକାଶ ତ୍ୱରାନ୍ୱିତ ହେଉଛି । ଓଡ଼ିଶାର ଖଣିଜ ସଂପଦ ଅଂଚଳ ଉପରେ ତିନୋଟି ଲାଇନ ନିର୍ମାଣ ସହିତ ମାଲ ପରିବହନର ପରିସର ସୃଷ୍ଟି ହେବ, ଏହା ନିକଟସ୍ଥ ଶିଳ୍ପ କ୍ଷେତ୍ରକୁ ବୃଦ୍ଧି କରିବ । କ୍ରମାଗତ ଭାବରେ ସ୍ଥାନୀୟ ଲୋକଙ୍କ ପାଇଁ ନୂତନନିଯୁକ୍ତି ସମ୍ଭାବନା ସୃଷ୍ଟି ହେବ । ଏହା ବ୍ୟତୀତ ପରିବହନର ନୂତନ ଧାରା ସହିତ ଏହି ଅଂଚଳର ଚିକିତ୍ସା ଓ ଶିକ୍ଷାଗତ ସୁଯୋଗବୃଦ୍ଧି ପାଇବ ବୋଲି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଥିଲେ । "ରାଇରଙ୍ଗପୁର ଆଦିବାସୀ ଅନୁସନ୍ଧାନ ଏବଂ ବିକାଶ କେନ୍ଦ୍ର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ, ଯାହା ଶିକ୍ଷା, ଅନୁସନ୍ଧାନ ଏବଂ ବିକାଶ ମାଧ୍ୟମରେ ବିଶେଷ କରି ଆଦିବାସୀ ସମ୍ପ୍ରଦାୟଙ୍କୁ ସଶକ୍ତିକରଣ କରିବା ପାଇଁ ଏକ ସାମୂହିକ ପ୍ରୟାସରେ ସମସ୍ତଙ୍କ ପାଇଁ ପ୍ରେରଣା ଉତ୍ସ ଭାବରେ କାର୍ଯ୍ୟ କରିବ। ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ ଅନୁସନ୍ଧାନ ଏବଂ ବିକାଶ କେନ୍ଦ୍ର ଯାହା ମୟୂରଭଞ୍ଜ ଏବଂ ଉତ୍ତର ଓଡିଶାର ଅନ୍ୟାନ୍ୟ ଜିଲ୍ଲା (ମୟୂରଭଞ୍ଜ, ବାଲେଶ୍ୱର ଏବଂ କେନ୍ଦୁଝର) ର ଆଦିବାସୀ ସମ୍ପ୍ରଦାୟର ବିଶିଷ୍ଟ ଆବଶ୍ୟକତାକୁ ପୂରଣ କରିବ।," ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ । ନିଜ ଅବିଭାଷଣରେ ମାନ୍ୟବର କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଥିଲେ, ଏହି ୩ ନୂତନ ରେଳପଥରେ ସେବା ଆରମ୍ଭ ଦ୍ୱାରା ସ୍ଥାନୀୟବାସୀ ବହୁଭାବରେ ଉପକୃତ ହେବେ । ଏହି ନୂଆ ଲାଇନ ବ୍ୟବସାୟର ସୁଯୋଗକୁ ବଢାଇବ ଏବଂ ଏହା ଦ୍ୱାରା ସ୍ଥାନୀୟ ଅର୍ଥ ବ୍ୟବସ୍ଥା ବୃଦ୍ଧି ପାଇବ ।

## ବାଲେଶ୍ୱର ରେଲୱେ ଷ୍ଟେସନର...

ଏହି ନୂତନ ଫୁଟ ଓଭର ବ୍ରିଜର ଉଦଘାଟନ ସହିତ ଯାତ୍ରୀମାନେ ପ୍ଲାଟଫର୍ମକୁ ସୁରକ୍ଷିତ ଏବଂ ସୁବିଧାଜନକ ଭାବରେ ପରିବର୍ତ୍ତନ କରିପାରିବେ। ବାଲେଶ୍ୱର ଷ୍ଟେସନ, ହାଓ୍ -ଡା-ଚେନ୍ନାଇ ମାର୍ଗରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗ, ସମଗ୍ର ଭାରତରେ ରେଳ ଭିତ୍ତିଭୂମି ପରିବର୍ତ୍ତନ କରିବାକୁ ଲକ୍ଷ୍ୟ ରଖିଥିବା ଅମୃତ ଭାରତ ଷ୍ଟେସନ ଯୋଜନାର ଏକ ଅଂଶ । ଅମୃତ ଭରତ ଷ୍ଟେସନ ଯୋଜନା ଅଧୀନରେ ବାଲେଶ୍ୱର ଷ୍ଟେସନକୁ ପ୍ରାୟ ୨୦୦ କ୍ୱର କୋଟି ମୂଲ୍ୟର ଏକ ଅତ୍ୟାଧୁନିକ ସୁବିଧା ସହିତ ବିଶ୍ୱ ସ୍ତରୀୟ ସୁବିଧାରେ ପରିଣତ କରାଯାଉଛି।

## ଜଙ୍ଗଲରେ ଠାବ ...

ତିଆରି ଲେଦ ମେସିନ ଓ ୱେଲଡିଂ ପାଇଁ ରଖାଯାଇଥିବା ଗ୍ୟାସ, ସୋଲାର ପ୍ୟାନେଲ ଭଳି ଅନେକ ସାମଗ୍ରୀ ଜବତ କରିଥିଲେ। ଏଥିସହ ବହୁ ବିସ୍ଫୋରକ ସାମଗ୍ରୀ ଜବତ କରିଥିଲେ ସୁରକ୍ଷା କର୍ମୀ।ଏବେ ସେହି ଅଞ୍ଚଳରେ ଯବାନମାନେ ସର୍ଚ୍ଚ ଅପରେସନ୍ ଚଳାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ବନ୍ଧୁକ ତିଆରି କାରଖାନା ଠାବ ହେବାରେ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଲୋକଙ୍କ ଭିତରେ ଭୟର ବାତାବରଣ ଖେଳି ଯାଇଛି।

## କେନ୍ଦ୍ରୀୟ ଡେପୁଟେସନରେ...

ଅବସ୍ଥାପିତ କରାଯାଇଥିଲା। ହେଲେ ସେ ବିଜେଡି ନିର୍ବାଚନ ପ୍ରଚାର ପାଇଁ ରଣନୀତି ତିଆରି କରୁଥିବା ଅଭିଯୋଗ ହୋଇଥିଲା। ମେଡିକାଲ ଲିଭରେ ଥିବା ଆଶିଷ ସିଂଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଥିଲେ ଭାରତୀୟ ନିର୍ବାଚନ କମିଶନ। ଭୁବନେଶ୍ୱର ଏମ୍ସର ସ୍ୱତନ୍ତ୍ର ମେଡିକାଲ ବୋର୍ଡ ରିପୋର୍ଟ ଆଧାରରେ ଜଣାପଡ଼ିଥିଲା ଯେ, ଆଶିଷ ମିଛ କହି ଛୁଟିରେ ଥିଲେ। ତେଣୁ ତାଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ମୁଖ୍ୟ ଶାସନ ସଚିବଙ୍କୁ ଇସିଓଙ୍କ ନିର୍ଦ୍ଦେଶ ଦେଇଥିଲେ। ପରେ ଆଇପିଏସ ଆଶିଷ ସିଂଙ୍କୁ ଗୃହ ବିଭାଗର ଓଏସଡି ଭାବେ ବଦଳି କରିଥିଲେ ରାଜ୍ୟ ସରକାର।

## ବିଧାନସଭାରେ...

କରି ବହିଷ୍କାର କରାଯାଉ ବୋଲି ଦାବି କରିଛନ୍ତି । ଓଡ଼ିଶା ସାର୍ବଜନୀନ ପରୀକ୍ଷା ବିଲ୍ ୨୦୨୪ ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ କହିଥିଲେ ହାଟ ବଜାରରେ ଚାକିରି ମିଳୁଥିଲା। ୨୦ଲକ୍ଷ ୩୦ଲକ୍ଷ ଦେଲେ ଚାକିରି ମିଳୁଥିଲା। ପରିଶ୍ରମ କରି ଚାକିରି ପାଇଥିବା ଯୋଗ୍ୟ ପିଲାଙ୍କ ପ୍ରତି ଏହା ଘୋର ଅପମାନ। ଯେଉଁମାନେ ପ୍ରସ୍ତୁତି କରୁଛନ୍ତି ତାଙ୍କ ମନୋବଳ ଭାଙ୍ଗୁଛି। କିନ୍ତୁ ଏଣିକି ଆଉ ସେମିତି ହେବ ନାହିଁ।

## ଓଡ଼ିଶା କ୍ଷୁଦ୍ର ମାଧ୍ୟମ...

ଏହା ସହ କ୍ଷୁଦ୍ର ମାଧ୍ୟମ ସମ୍ବାଦପତ୍ର ଉପରେ ରାଜ୍ୟ ସରକାର ଯେଉଁ ଭଳି କ୍ରମାଗତ ଭାବେ ଅବହେଳିତ କରୁଛନ୍ତି ତାର ଦୃଢ ପ୍ରତିବାଦ କରିବା ସହିତ ସଂଘର ନ୍ୟାର୍ଯ୍ୟ ଦାବି ନେଇ ଆଗାମୀ ଦିନରେ ରାଜରାସ୍ତାକୁ ସଂଘ ଉଲ୍‌ହାଇବା ପାଇଁ ନିଷ୍ପତି ନିଆଯିବ। ଶେଷରେ ରମାକାନ୍ତ ପରିଜା ଧନ୍ୟବାଦ ଦେଇଥିଲେ।

## ସରକାରଙ୍କ ପକ୍ଷରୁ ...

ପଞ୍ଜାବ-ହରିୟାଣା ସୀମାନ୍ତ ଶମ୍ଭୁ ସୀମାରେ ଆଜି ପାନ୍ଧେର କହିଛନ୍ତି, ୧୬ ଜଣ ଚାଷୀ ଶୁକ୍ରବାର ପୁଲିସ ମାଡ଼ କରିଥିବା ଗ୍ୟାସ ଯୋଗୁ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ନିଜର ଶ୍ରବଣ ଶକ୍ତି ହରାଇଛନ୍ତି। ୪ ଜଣଙ୍କୁ ଛାଡ଼ି ଆଜି ବାକି ସମସ୍ତେ ହସ୍ପିଟାଲରୁ ଡିସଚାର୍ଜ ହୋଇଛନ୍ତି। ଆମେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ପ୍ରକାରର ଆଲୋଚନା ପାଇଁ ବାର୍ତ୍ତା ପାଇ ନାହୁଁ। ଆଲୋଚନା ପାଇଁ ନରେନ୍ଦ୍ର ମୋଦି ସରକାରଙ୍କର କୌଣସି ମୁଡ ନାହିଁ। ସଂଯୁକ୍ତ କି ?ଷାନ ମୋର୍ଚ୍ଚା ଓ କିଷାନ ମଜଦୁର ମୋର୍ଚ୍ଚା ରବିବାର ମଧ୍ୟାହ୍ନରୁ ପୁଣିଥରେ ପଦଯାତ୍ରା ଆରମ୍ଭ କରିବ। ପଦଯାତ୍ରା ସଂପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ରହିବ ବୋଲି ସେ କହିଛନ୍ତି। ଚାଷୀମାନେ ଏମଏସ୍ ?ପି ଉପରେ ଆଇନଗତ ମାନ୍ୟତା ଦାବି କରିବା ସହ ଋଣ ଛାଡ଼ ଓ ବର୍ଦ୍ଧିତ ବଜୁଳି ଟାରିଫରୁ ସୁରକ୍ଷା ଦାବି କରି ଦିଲ୍ଲୀ ଚଲୋ ଆନ୍ଦୋଳନର ଡାକରା ଦେଇଛନ୍ତି।

# ଘଟଗାଁରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର

ଘଟଗାଁ, ୦୭/୧୨ (ନି.ପ୍ର): ସ୍ଥାନୀୟ ତାରିଣୀ ବାଳିକା ଉଚ୍ଚ ବିଦ୍ୟାଳୟରେଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀ ଭାଗବତ ପ୍ରସାଦ ମହାପାତ୍ର ମୁଖ୍ୟ ଅତିଥି, ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ଚିତରଞ୍ଜନ ନାୟକ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭା ରମ୍ଭ କରିଥିଲେ । ଏହି ଶିବିରରେ ବିଭିନ୍ନ ବିଭାଗର ଡାକ୍ତର ପ୍ରଜ୍ଞାଦୀପ୍ତା ରାଉତ, ଡାକ୍ତର ରଶ୍ମୀ ରଞ୍ଜନ ଭଞ୍ଜ, ଡାକ୍ତର ନିହାର ରଞ୍ଜନ ରଥ, ଡାକ୍ତର ସଞ୍ଜୟ କୁମାର ବେହେରା, ମାନସ କୁମାର ମହାନ୍ତ ପ୍ରମୁଖ ଯୋଗ ଦେଇ ଭିନ୍ନକ୍ଷମ ରୋଗୀଙ୍କୁ ଚିହ୍ନଟ କରଥିଲେ । ସେମାନଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ମୁଖ୍ୟ ଅତିଥିଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା ।

ରବିବାର, ୦୮ ଡିସେମ୍ବର , ୨୦୨୪

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ତ୍ରୟୋଦଶ ପର୍ଯ୍ୟାୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ

ଜଳେଶ୍ୱର ୭/୧୨(ନିପ୍ର): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ,ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ,ବାଲେଶ୍ୱରଙ୍କ ସହଯୋଗରେ ପଞ୍ଚାୟତ ସମିତି ଓ ମ୍ୟୁନିସିପାଲଟି,ଜଳେଶ୍ୱରଙ୍କ ଆୟୋଜନରେ ଜଳେଶ୍ୱର ଶାନ୍ତିଆ ସରକାରି ଉ.ପ୍ରା.ବିଦ୍ୟାଳୟ ପରିସରରେ ତ୍ରୟୋଦଶ ପର୍ଯ୍ୟାୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି ଶିବିରରେ ଏକ ସାଧାରଣ ସଭା ବିଡ଼ିଓ ଗୌରାଙ୍ଗ ଚରଣ ଘୋଷଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ।ବ୍ଲକ ଅଧକ୍ଷ ମାନସ କୁମାର ଜେନା,ଜିଲ୍ଲା ପରିଷଦ ଉପାଧକ୍ଷା ଅନୁଶୟା ପ୍ରଧାନ,ସାଂସଦ ପ୍ରତିନିଧି ବ୍ରଜମୋହନ ପ୍ରଧାନ,ବ୍ଲକ ଉପାଧକ୍ଷା ସଞ୍ଜିତା ସେନାପତି,ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସଲିମା ରାଉତ,ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଚମ୍ପାମଣୀ ମୁର୍ମୁଙ୍କ ସହ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିବା ସହିତ ଅସ୍ଥିଶଲ୍ୟ,ରକ୍ତ ହୀନତା,ସ୍ନାୟୁ ଆଘାତ,ଦୃଷ୍ଟିବାଧିତ,ମାନସିକ ଅଗ୍ରସର,କର୍ଣ୍ଣ,ନାସା,ଗଳା ବିଭାଗର ଡ଼ାକ୍ତର ମାନେ ଉପସ୍ଥିତ ରହି ସବୁ ବିଭାଗର ହିତାଧିକାରୀ ମାନଙ୍କୁ ପରୀକ୍ଷା କରି ଚିହ୍ନଟ କରାଯାଇ ଥିଲା ।ସମସ୍ତ ପଞ୍ଚାୟତର ସରପଞ୍ଚ,ସମିତି ସଭ୍ୟ ସଭ୍ୟା,ଅଙ୍ଗନବାଡ଼ି, ଆଶାକର୍ମୀ,ଶାନ୍ତିଆ ସରକାରି ଉ.ପ୍ରା.ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ସ୍କୁଲ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ଏହି ତ୍ରୟୋଦଶ ପର୍ଯ୍ୟାୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରକୁ ସହଯୋଗ କରିଥିଲେ। ଏହି ଶିବିରରେ ଅସ୍ଥିଶଲ୍ୟ,ରକ୍ତ ହୀନତା,ସ୍ନାୟୁ ଆଘାତ ବିଭାଗ ପକ୍ଷରୁ-୫୭୬,ଦୃଷ୍ଟିବାଧିତ ବିଭାଗପକ୍ଷରୁ -୧୨୯,ମାନସିକ ଅଗ୍ରସର ପକ୍ଷରୁ -୧୩୫ ଓ କର୍ଣ୍ଣ,ନାସା,ଗଳା ବିଭାଗ ପକ୍ଷରୁ-୩୨୨ ଜଣ ମୋଟ-୧୧୭୨ ଜଣ ଏହି ସବୁ ବିଭାଗରେ ପଞ୍ଜିକରଣ କରି ଡ଼ାକ୍ତର ମାନଙ୍କ ଠାରୁ ପରୀକ୍ଷା କରେଇ ଥିଲେ। ଓ ଜଣେ ନାମ୍ପ ଗ୍ରାମ ପଞ୍ଚାୟତ ପାଣିଗ୍ରା ହୀ ଗ୍ରାମର ସେକ୍ଟୁପା ପାରାଲାଇଲିସ୍ ରୋଗରେ ଆକ୍ରାନ୍ତ ହୋଇ କ୍ୟାମ୍ପକୁ ଆସିଥିଲେ ସେଠାରେ ମୁଣ୍ଡ ବୁଲାଇ ତଳେ ପଡ଼ି ଯାଇଥିଲେ ଓ ବେହୁସ୍ ହୋଇଥିଲେ। ସଙ୍ଗେ ସଙ୍ଗେ ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ ଓ ସାମାଜିକ ସୁରକ୍ଷା ଅଧିକାରିଣୀ ସଲିମା ରାଉତ ତାଙ୍କ ପାଖକୁ ଆସି ସମସ୍ୟା ସମ୍ପର୍କରେ ତାଙ୍କ ସ୍ତ୍ରୀଙ୍କୁ ପଚାରି ବୁଝିଥିଲେ ଓ ତାଙ୍କୁ ଏକ ହୁଇଲ ଚେୟାର ପ୍ରଦାନ କରାଯିବା ର ପ୍ରତୃଶୃତି ଦେବା ସହିତ ତୁରନ୍ତ ବିକଳାଙ୍ଗ ପ୍ରମାଣ ପତ୍ର ପ୍ରଦାନ କରିବା ସହିତ ଭତ୍ତା ମଧ ଦିଆଯିବ ବୋଲି କହିଥିଲେ ।

## ନୀଳଗିରିରେ ଝାଡ଼ଖଣ୍ଡ ହାତୀପଲ: ଭୟ ଓ ଆଶଙ୍କାରେ ବନାଞ୍ଚଳବାସୀ



ନୀଳଗିରି , ୦୭/୧୨ (ନି.ପ୍ର): ଦୀର୍ଘ ୧୫ବର୍ଷରୁ ଉର୍ଦ୍ଧ୍ୱ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ଝାଡ଼ଖଣ୍ଡ ଦଲମା ଅଭୟାରଣ୍ୟର ୫୦ରୁ ଉର୍ଦ୍ଧ୍ୱ ହାତୀପଲ ଶନିବାର ପ୍ରତ୍ୟୁଷରେ ନୀଳଗିରି ବଣସୀମାରେ ପ୍ରବେଶ କରିଥିବା ଦେଖିବାକୁ ମିଳିଛି । ପ୍ରତିବର୍ଷ ନଭେମ୍ବର ଓ ଡିସେମ୍ବର ମାସ ଧାନଫସଲ ଅମଳ ସମୟରେ ଏହି ହାତୀପଲ ଆସୁଥିବାରୁ ଏହା ଏକ ରୁଟିନ୍ ରେ ପରିଣତ ହୋଇଛି । ଏହାର ସ୍ଥାୟୀପ୍ରତିକାର ପାଇଁ ରାଜ୍ୟସରକାର ନା ବନବିଭାଗର ଆନ୍ତରିକତା ରହିଛି । କେବଳ ହାତୀ ଘଉଡ଼ାଇବା ଏକ ବାହାନାରେ ପରିଣତ ହୋଇଛି । ଚଳିତ ଖରିଫଧାନ ଅମଳ ପାଇଁ ଚାଷୀକୁଳ ଜୋରସୋରରେ ଲାଗିପଡ଼ିଥିବା ବେଳେ ଶନିବାର ଭୋର ଝାଡ଼ଖଣ୍ଡର ଦଲମା ଜଙ୍ଗଲରୁ ମୟୂରଭଞ୍ଜ ମଧ୍ୟଦେଇ ୫୦ରୁ ଉର୍ଦ୍ଧ୍ୱ ମାଇ, ଦନ୍ତା ଓ ଛୁଆ ହାତୀପଲ ନୀଳଗିରି ବ୍ଲକର ପୁନ୍ଦାଳ, ରଧାକିଶୋରପୁର ଦେଇ ସୋନନଦୀ ପାରହୋଇ ଅଯୋଧା ମଧ୍ୟ ଦେଇ ଗୋପାଳପୁର ସଂରକ୍ଷିତ ଜଙ୍ଗଲରେ ରହିଥିବା ଜଣାଯାଇଛି । ତେବେ ହାତୀଗୁଡ଼ିକ ଆସିବା ରାସ୍ତାରେ ପ୍ରଚୁର ଧାନଫସଲ ନଷ୍ଟ କରିବା ସହିତ ପାଚିଲାଧାନ ଖାଉଥିବା ଦେଖାଦେଇଛି । ବନାଞ୍ଚଳ ଚାଷୀମାନେ ପ୍ରତିବର୍ଷ ହାତୀଙ୍କ ଦ୍ୱାରା ପାଚିଲାଧାନ ନଷ୍ଟ ହେଉଥିବା ଓ ଏଥିପାଇଁ ରାଜ୍ୟ ସରକାର କିମ୍ବା ବନବିଭାଗ ପକ୍ଷରୁ କୌଣସି ସ୍ଥାୟୀ ପ୍ରତିକାର କରାଯାଉ ନଥିବାରୁ ଆଶା, ଆଶଙ୍କା ଓ ହତାଶା ମଧରେ ରହିଥିବା କୁହାଯାଉଛି । କ୍ଷତିପୁରଣ ଯାହା ମିଳୁଛି ସମୁଦ୍ରକୁ ଶଙ୍ଖେ ଭଳି ଚାଷୀ ଅଭିଯୋଗ କରିଆସୁଛନ୍ତି । ତେବେ ମହଙ୍ଗା ଯୁଗରେ ଚାଷୀଭାଇ ଯାହା ଖର୍ଚ୍ଚକରୁଛି, ଏଭଳି ପ୍ରତିବର୍ଷ ଯଦି ହାତୀତୁଣ୍ଡରେ ଅବା ଗୋଡ଼ରେ ଯାଏ ତାହେଲେ ଚାଷୀ ଆତ୍ମହତ୍ୟା କରିବା ବିଚିତ୍ରକଥା ନୁହେଁ । ନଚେତ୍ କେତେବେଳେ ଯେ ହାତୀ ଓ ସାଧାରଣଜନତାଙ୍କ ଲଢେଇରେ ଉଭୟଙ୍କ ଜୀବନ ପ୍ରତି ବିପଦ ଆସିପାରେ ତାହା କହିବା ମୁସ୍କିଲ।

## ଲିଙ୍ଗଭିତ୍ତିକ ହିଂସା ଓ ବାଲ୍ୟବିବାହ ପରିସମାପ୍ତି ପାଇଁ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୦୭/୧୨ (ନି.ପ୍ର): ଜିଲ୍ଲା ପ୍ରଶାସନ ଓ ସୋସାଇଟି ଫର୍ ଉଇକର କମ୍ୟୁନିଟ୍ (ଆସିଆନା)ର ମିଳିତ ଆନୁକୂଲ୍ୟରେ ଆସିଆନାର ସମ୍ପାଦିକା ସୋଫିଆ ସେଖ୍ଙ୍କ ପୌରହିତ୍ୟରେ ଉତ୍ତରବାହିନୀ ସ୍ଥିତ ସାଳନ୍ଦୀ ଡ଼ିଗ୍ରୀ କଲେଜରେ ଲିଙ୍ଗ ଭିତ୍ତିକ ହିଂସା ଓ ବାଲ୍ୟ ବିବାହ ପରିସମାପ୍ତି ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବାଲ୍ୟବିବାହ ସଂଯୋଜକ ପ୍ରଦ୍ୟୁମ୍ନ ରଂଜନ ରାଉତ ଯୋଗ ଦେଇ ବାଲ୍ୟ ବିବାହ ଆଇନ୍-୨୦୦୬, ସି.ପୋଟଲ୍, ଜରୁରୀ କାଳୀନ ନମ୍ବର ୧୧୨,




ମହିଳା ହେଲପ୍ ଲାଇନ୍ ୧୮୧, ଚାଇଲ୍ଡ ହେଲପ୍ ଲାଇନ୍ - ୧୦୯୮ ଉପରେ ବିସ୍ତୃତ ଭାବରେ ଆଲୋକପାତ କରିଥିଲେ । ସାଳନ୍ଦୀ ଡ଼ିଗ୍ରୀ କଲେଜର ଅଧକ୍ଷ ରାଜଶ୍ରୀ ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ସମ୍ପାଦିକା ସେଖ୍ ଘରୋଇ ହିଂସା ଆଇନ ଏବଂ ଶକ୍ତି ସଦନ କାର୍ଯ୍ୟାବଳୀ ଉପରେ ବକ୍ତବ୍ୟ ରଖିବା ସଂଗେ ସଂଗେ କଲେଜରେ ଇଣ୍ଟରନାଲ୍ କମ୍ପ୍ଲେନ କମିଟି ଫର୍ ସେକ୍ସୁଆଲ୍ ହାରାସ୍‌ମେଣ୍ଟ ଗଠନ ପାଇଁ ପ୍ରସ୍ତାବ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଲିପିପୁଷ୍ପା ନାୟକ, ଜ୍ୟୋତିଶ୍ରୀ ଖୁଣ୍ଟିଆ, ସବିନା ଅକ୍ତର, କାବେରୀ ଜେନା, ଶତୃଘନ ପତି ପ୍ରମୁଖ ଯୋଗ ଦେଇଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ ଡ଼ିଗ୍ରୀ କଲେଜର ବହୁ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ମୁକ୍ତାଶ୍ରୟର କେନ୍ଦ୍ରର ସଂଯୋଜକ ସମ୍ବିତ ମହାନ୍ତି, କର୍ମକର୍ତ୍ତା ବିକାଶ ରାଉତ, ଜନ୍ମଜ୍ୟୋତି ବେହେରା ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ଆସିଆନାର ସଂଯୋଜକ ରିଆଜ୍ ଅହମଦ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ

ବାଲିଆପାଳ, ୦୭/୧୨ (ନି.ପ୍ର): ସ୍ଥାନୀୟ ସୀତାନାଥ ସ୍ମାରକୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଜାମକୁଣ୍ଡା , ବାଲିଆପାଳ ରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଦର୍ଶନୀ ରେ ମୋଟ ୪୫ ଟି ପ୍ରକଳ୍ପକୁ ଶିଶୁ ବୈଜ୍ଞାନିକମାନେ ପ୍ରଦର୍ଶନ କରିଥିଲେ। ପ୍ରଦର୍ଶନୀରେ ପରିବେଶ ପ୍ରଦୂଷଣ, ସ୍ୱାସ୍ଥ୍ୟ ଓ ଖାଦ୍ୟ, ଶକ୍ତି ସଂରକ୍ଷଣ, ଆବର୍ଜନା ପରିଚାଳନା, ଯୋଗାଯୋଗ ଓ ପରିବହନ, ବିପର୍ଯ୍ୟୟ ପରିଚାଳନା ଇତ୍ୟାଦି ପ୍ରସଙ୍ଗ ରୁ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ସୁନାମଧନ୍ୟ ବିଜ୍ଞାନ ଶିକ୍ଷକ ଶ୍ରୀ ଯୁକ୍ତ ତ୍ରିଲୋଚନ ସାହୁ, ସତ୍ୟବ୍ରତ ତ୍ରିପାଠୀ, ସୁନୀଲ କୁମାର ପରିଡା ବୃନ୍ଦ ଏହି ପ୍ରଦର୍ଶନୀ ରେ ଯୋଗ ଦେଇ ପିଲାମାନଙ୍କୁ ବିଜ୍ଞାନ ସମ୍ପର୍କ ରେ ଅନେକ ତଥ୍ୟ ପ୍ରଦାନ କରିଥିଲେ ଏବଂ ଶେଷରେ କୃତି ଛାତ୍ର ଛାତ୍ରୀଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା ।

## ମହିଳା କଲେଜରେ ମେଗା ବୃକ୍ଷ ରୋପଣ ଅଭିଯାନ

ବାଲିଆପାଳ , ୦୭/୧୨ (ନି.ପ୍ର): ବାଲିଆପାଳ ବ୍ଲକ ପଞ୍ଚୁପାଲି କମଳ କୁମାରୀ ମହିଳା କଲେଜ ଜାତୀୟ ସେବା ଯୋଜନା ପକ୍ଷରୁ ରତାଇ ହାଟ ପଡିଆରେ ଶନିବାର ମେଗା ବୃକ୍ଷ ରୋପଣ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଜାତୀୟ ସେବା ଯୋଜନା ଅନ୍ତର୍ଭୁକ୍ତ ଯୁକ୍ତ ଦୁଇ ଓ ଯୁକ୍ତ ତିନି ଶ୍ରେଣୀର ଶହେ ସ୍ୱେଚ୍ଛାସେବୀ କଲେଜ ପରିସରରେ ଆମ୍ବ, ପଣସ, ବଉଳ, ଶାଗୁଆନ, ଆକାଶିଆ, ତାଳ ଆଦି ବୃକ୍ଷ ର ଚାରାକୁ ରୋପଣ କରିଛନ୍ତି । କଲେଜ ଅଧକ୍ଷ ରାଜ କିଶୋର



ବାରିକ କାର୍ଯ୍ୟକ୍ରମକୁ ଉଦଘାଟନ କରି ବୃକ୍ଷ ରୋପଣ ର ଉପାଦେୟତା ସମ୍ପର୍କ ରେ କହି ଥିଲେ ।ପ୍ରୋଗ୍ରାମ ଅଫିସର ଡ଼ଃ ଲକ୍ଷ୍ମୀକାନ୍ତ ରଥ ଏହାକୁ ପରିଚାଳନା କରିଥିବାବେଳେ ଅଧାପକ ବନମାଳୀ ପରିଡା, କୃଷ୍ଣା ନନ୍ଦ ପାତ୍ର,ସୁଧୀର କୁମାର ନନ୍ଦ, ଚନ୍ଦନ କୁମାର ନନ୍ଦ,ଅଧାପିକା ସରୋଜିନୀ ପରିଡା, ସବିତା ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## ଏକବିଂଶ ଶତାବ୍ଦୀର ସମାଜ ଜ୍ଞାନ ଦ୍ୱାରା ପରିଚାଳିତ ଏକ ସମାଜ ହେବ : ରାଜ୍ୟପାଳ

ଭୁବନେଶ୍ୱର, ୦୭/୧୨ (ନି.ପ୍ର): ଏକବିଂଶ ଶତାବ୍ଦୀର ସମାଜ ଜ୍ଞାନ ଦ୍ୱାରା ପରିଚାଳିତ ଏକ ସମାଜ ହେବ । ଚଳିତ ଡ଼ିସେମ୍ବର ୭ ତାରିଖ ଦିନ ସେଟ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବକୁ ଉଦ୍‌ଘାଟନ କରି ମାନ୍ୟବର ରାଜ୍ୟପାଳ ରଘୁବର ଦାସ ଏହା କହିଛନ୍ତି । ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଯେଉଁ ରାଷ୍ଟ୍ରରେ ଜ୍ଞାନର ପୁଞ୍ଜି ଅଛି ସେହି ରାଷ୍ଟ୍ର ଅଗ୍ରଗତି କରିବାକୁ ସେତିକି ସମର୍ଥ । ଏଣୁ ଛାତ୍ରଛାତ୍ରୀମାନେ କଠିନ ଅଧ୍ୟବ୍ୟସାୟ କରି ଜ୍ଞାନର ପରିସର ବିସ୍ତାରିତ କରିବା ସହିତ ନିଜ ନିଜ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିବାକୁ ଆହ୍ୱାନ ଜଣାଇଥିଲେ। ସମାବର୍ତ୍ତନ ଉତ୍ସବ ଛାତ୍ରଛତ୍ରୀମାନଙ୍କ ଜୀବନରେ ଏକ ନୂତନ ଅଧ୍ୟାୟ ଆରମ୍ଭର ଅବସର ଆଣେ। ସ୍ନାତକମାନେ ମନରେ ନିଜ ପାଇଁ ଏକ ଭବିଷ୍ୟତ ଆଙ୍କି ସାରିଥିବେ। ତେଣୁ ଆଜି କେବଳ ସଫଳତାର ଦିନ ନୁହେଁ ବରଂ ଆକାଂକ୍ଷାର ଦିନ ମଧ । ଏକ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର ଦିଗ ଯୁବ ଶକ୍ତିର ଆକାଂକ୍ଷା ଉପରେ ସ୍ଥିର ହେବାକୁ ଯାଉଛି ବୋଲି ରାଜ୍ୟପାଳ କହିଥିଲେ। ଏତଦ୍‌ବ୍ୟତୀତ ଯୁବ ସଶକ୍ତିକରଣ ପାଇଁ ବୈଷୟିକ ଶିକ୍ଷାର ବହୁଳ ପ୍ରୟୋଗ ସହିତ ଦକ୍ଷତା ବିକାଶ ଉପରେ ରାଜ୍ୟପାଳ ଶ୍ରୀ ଦାସ ଗୁରୁତ୍ୱ ଆରୋପ କରିଥିଲେ। ସୁପ୍ରିମକୋର୍ଟର ମାନ୍ୟବର ନ୍ୟାୟାଧୀଶ ଜଷ୍ଟିସ୍ ଶ୍ରୀ ସନ୍ଦୀପ ମେହେଟ୍ଟା ଏହି ସମାରୋହରେ ଉଦ୍‌ବୋଧନ ଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଇଣ୍ଡିଆନ୍ ସ୍ପେସ୍ ରିସର୍ଚ ଅର୍ଗାନାଇଜେନର ଚେୟାରମ୍ୟାନ ଡ଼. ଶ୍ରୀଧର ପାନିକର ସୋମନାଥ ଅନ୍ୟତମ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟର ଭାଇସ୍-ଚ୍ୟାନସେଲର ଡ଼. ସୁପ୍ରିୟା ପଟ୍ଟନାୟକ ବିବରଣୀ ଉପସ୍ଥାପନ କରିଥିଲେ।

## ତମାଖୁ ସେବନ ତଥା ବିକ୍ରୟକୁ ରୋକିବା ପାଇଁ ଜିଲ୍ଲା ପ୍ରଶାସନର ନିରନ୍ତର ପ୍ରୟାସ

ବାଲେଶ୍ୱର, ୦୭/୧୨ (ନି.ପ୍ର): ସମଗ୍ର ଜିଲ୍ଲାରେ ତମାଖୁ ସେବନ ଓ ଏହାର ବେଆଇନ ବିକ୍ରିକୁ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରୟାସ ଜାରି ରହିଛି ଓ ସ୍ୱାସ୍ଥ୍ୟ, ପୁଲିସ ଏବଂ ଅବକାରୀ ବିଭାଗର ଅଧିକାରୀମାନେ ମିଳିତ ଭାବେ ଏହି ଗୁରୁତ୍ୱପୂର୍ଣ୍ଣ ଜନସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ଅନେକ ଜନଗହଳି ସ୍ଥାନ ଗୁଡିକରେ ସମୟ ସମୟରେ ଚଢ଼ଉ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ସୁମିତ୍ରା ଦେ, ଡ଼. ଅରୂପ ଅଭିଷେକ, ଶ୍ରୀମତୀ ମୋସୁମି ସାମଲ ଓ ଶ୍ରୀ ବ୍ରଜେଶ୍ୱର ନନ୍ଦ ପ୍ରମୁଖ ଚାନ୍ଦିପୁର ପୋଲିସ ସହାୟତାରେ ଚାନ୍ଦିପୁର ଓ ଝମ୍ପୁରା ଛକରେ ଚଢ଼ଉ କରି ୧୦ ଜଣ ନିୟମ ଖିଲାପକାରୀଙ୍କୁ ତାଗିଦ୍



କରିବା ସହିତ ତାଙ୍କ ଠାରୁ ଜୋରିମାନା ଅର୍ଥ ଆଦାୟ କରିଛନ୍ତି ଓ ଏଥି ସହିତ ଖାଦ୍ୟ ପଦାର୍ଥ, ତେଜରାତି, ଭେରାଇଟି ଷ୍ଟୋରରେ ଖୋଲା ଖୋଲି ଭାବରେ ତମାଖୁ ଦ୍ରବ୍ୟ ବିକ୍ରି ଉପରେ ବିକ୍ରେତାଙ୍କୁ ସଚେତନ କରାଯାଇଥିଲା । ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅଧୀନରେ ଚାଲିଥିବା ଏହି ଚଢ଼ଉ ଅଭିଯାନ ଆଗକୁ ମଧ ଜାରି ରହିବ ବୋଲି ଅଧିକାରୀ ମାନେ ସୂଚନା ଦେଇଛନ୍ତି । ଚଢ଼ଉରେ ସମ୍ପୃକ୍ତ ବରିଷ୍ଠ ଅଧିକାରୀମାନେ ଏହି କାର୍ଯ୍ୟାନ୍ୱୟନ ଜନସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଏକ ନିରନ୍ତର ଆଭିମୁଖ୍ୟର ଅଂଶବିଶେଷ ବୋଲି ଗୁରୁତ୍ୱାରୋପ କରିଥିଲେ ଓ ତମାଖୁ ନିୟନ୍ତ୍ରଣ ନିୟମାବଳୀର ଅନୁପାଳନକୁ ସୁନିଶ୍ଚିତ କରିବା ପାଇଁ ବହୁ-ବିଭାଗୀୟ ଟାସ୍କଫୋର୍ସ କଠୋର ଅନୁଧାନ ଏବଂ ପ୍ରବର୍ତ୍ତନ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ଜାରି ରଖିବା ସହିତ ନିୟମ ଉଲ୍ଲଙ୍ଘନ ପାଇଁ କଠୋର ଦଣ୍ଡବିଧାନ ସହିତ ନିୟମିତ ଭାବେ ଏହି ଏନଫୋର୍ସମେଣ୍ଟ ଅପରେସନ କରାଯିବ ବୋଲି ଡ଼. ଦେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

## ବାସୁଦେବପୁର ଯୁବ କଂଗ୍ରେସ କମିଟି ପକ୍ଷରୁ ଦସ୍ତଖତ ଅଭିଯାନ




ଭଦ୍ରକ, ୦୭/୧୨ (ନି.ପ୍ର): ଭଦ୍ରକ ଜିଲ୍ଲା ବାସୁଦେବପୁର ଯୁବ କଂଗ୍ରେସ କମିଟି ପକ୍ଷରୁ ଦସ୍ତଖତ ଅଭିଯାନ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇ ଯାଇଛି । ବିଜେପି ସରକାରରେ ଦରଦାମ ବୃଦ୍ଧି, ଆଦାନୀ କମ୍ପାନୀକୁ ଅହେତୁକ ଅନୁକମ୍ପା, ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ, ଗୁଜୁରାଟ କମ୍ପାନୀ କେସ, ନିର୍ବାଚନରେ ମିଥ୍ୟା ପ୍ରତିଶୃତି ଓ ଯୋଜନା ବିଫଳତା ଏବଂ ଓଡିଆ ଅସ୍ମିତା ପାଇଁ ଯୁବ କଂଗ୍ରେସ ତରଫରୁ ଦସ୍ତଖତ ସଂଗ୍ରହ କରାଯାଇଛି ଓ ଅଭିଯାନ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟ କ୍ରମରେ ଯୁବ କଂଗ୍ରେସ ନେତା ସୁବ୍ରତ ବେହୁରା, ସିଦ୍ଧାନ୍ତ ଦାସ,ସୁଶାନ୍ତ ମହାକୁଡ଼, ହରି ଶଙ୍କର ପଟ୍ଟନାୟକ, ରମେଶ ଚନ୍ଦ୍ର ଚଣ୍ଡ, ଅକ୍ଷୟ ବାରିକ, ଭରତ ମହାକୁଡ଼, ସନ୍ତୋଷ ପାତ୍ର, ଚନ୍ଦନ ନାୟକ, ଦିପକ ନାୟକ,ବାଦଲ ନାୟକ , ବସନ୍ତ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । ଭାରତର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କ୍ଷମତା ରେ ରହି ମଧ ପ୍ରତ୍ୟେକ ଜିନିଷର ଯେଉଁ ଦର ଦାମ ବୃଦ୍ଧି ପାଇଛି ତାକୁ ଯୁବ କଂଗ୍ରେସ ନିନ୍ଦା କରିବା ସହିତ ସମାଲୋଚନା କରିଛି । ଶହ ଶହ ଜନ ସାଧାରଣ ଦସ୍ତ ଖତ ଅଭିଯାନରେ ସାମିଲ ହୋଇଥିଲେ ।

## ଶିକ୍ଷକ ଆନ୍ଦୋଳନ ପୁଣି ତେଜିଲା: ୧୦ରେ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ବିଶାଳ ସମାବେଶ

ଖୋର୍ଦ୍ଧା, ୦୭/୧୨ (ନି.ପ୍ର): ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଦାବିକୁ ନେଇ ପୁଣି ଏକ ଆନ୍ଦୋଳନ ଦାନା ବାନ୍ଧିବାରେ ଲାଗିଛି । ଚଳିତ ମାସ ୧୦ତାରିଖରେ ଭୁବନେଶ୍ୱରର ରାଜରାସ୍ତାରେ ଏକ ମହାସମାବେଶରେ ସମବେତ ହୋଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ନେଇ ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଖୋର୍ଦ୍ଧା ଜିଲ୍ଲାର ଆବାହକ ତଥା ଓଷ୍ଟା ଖୋର୍ଦ୍ଧା ଜିଲା ସମ୍ପାଦକ ସୁଧାକର ମହାପାତ୍ରଙ୍କ ଆବାହକତ୍ୱରେ ଜିଲ୍ଲା ସ୍ତରୀୟ କନଭେସନ 'ଓଷ୍ଟା'ଖୋର୍ଦ୍ଧା ଜିଲ୍ଲା କାର୍ଯ୍ୟାଳୟ ପଲ୍ଲାଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା 'ଓଷ୍ଟା' ର ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେଏହି ବୈଠକରେ ୧୯୪ ବିଦ୍ୟାଳୟ ସହିତ ଯୋଗ୍ୟ ବିବେଚିତ ସମସ୍ତ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀ ମାନଙ୍କୁ ପେନସନ୍ ସହିତ ଚାକିରି ସର୍ତ୍ତାବଳୀ ପ୍ରଦାନ, ଅବସର ବୟସ ୬୦ ରୁ ୬୨ କୁ ବୃଦ୍ଧି, ୨୦୦୪ ରୁ ୨୦୧୩ ମସିହା ମଧରେ ନିଯୁକ୍ତି ପାଇଥିବା ଚୁକ୍ତି ଭିତିକ ଶିକ୍ଷକ ମାନଙ୍କର ୬ଟି ନୋସନାଲ ଇନ୍କ୍ରିମେଣ୍ଟ ସହ ବରିଷ୍ଠତା ପ୍ରଦାନ, ଅନାନୁଦାନ ପ୍ରାପ୍ତ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ଖାଦ୍ୟ ପୋଷାକ ଓ ସାଇକେଲ ପ୍ରଦାନ, ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ଇଲେକଟ୍ରି ବିଲ ପ୍ରଦାନ କରିବା ସହିତ ଅନ୍ୟାନ ଦାବି ଉପରେ ଆଲୋଚନା କରାଯାଇଥିଲା । ଯୋଗ୍ୟ ବିଦ୍ୟାଳୟର ଅନୁଦାନ ଏବଂ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ପେନସନ୍ ଏକ ସର୍ଶକାତର ସମସ୍ୟା ହୋଇଥିବାରୁ ଏବଂ ପ୍ରତ୍ୟେକ ମାସରେ ଟଙ୍କାଟିଏ ଅନୁଦାନ ଓ ପେନସନ୍ ନ ପାଇ ଶିକ୍ଷକ, କର୍ମଚାରୀମାନେ ଅବସର ଗ୍ରହଣ କରୁଥିବାରୁ ଏହାକୁ ତୁରନ୍ତ ସମାଧାନ କରିବା ପାଇଁ ବୈଠକରେ ସରକାରଙ୍କୁ ଦାବି କରାଯାଇଥିଲା । ଏହି ଅବସରରେ ଡିସେମ୍ବର ୧୦ ତାରିଖର ସମାବେଶରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ 'ଓଷ୍ଟା' ର କର୍ମକର୍ତ୍ତା ମାନେ ଆହ୍ୱାନ ଦେଇଥିଲେ । କନଭେନସନରେ 'ଓଷ୍ଟା' ର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ସମ୍ପାଦକ ରାମାକାନ୍ତ ମହାପାତ୍ର, କାର୍ଯ୍ୟକାରୀ କମିଟି ସଭ୍ୟ ମଧୁସୂଦନ ଦେ, ଶିଶିର ଦାସ, ୬୬୨ ବର୍ଗ କଲେଜର ଯୁଗ୍ମ ସମ୍ପାଦକ ଗଦାଧର ଶତପଥୀ, ଆଲୋଷ୍ଟାର ଉପସଭାପତି କିଶୋର ଚନ୍ଦ୍ର ମହାରଥା ଓ ଜିଲ୍ଲା ସଭାପତି ନବଘନ ସାହୁ, ସମ୍ପାଦକ ରମାରଞ୍ଜନ ଦାସ ପ୍ରମୁଖ ଯୋଗଦାନ କରି ଆନ୍ଦୋଳନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ । ଖୋର୍ଦ୍ଧା ବ୍ଲକ୍ ସମ୍ପାଦକ ଶରତ କୁମାର ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶାଳଗାଁର ଏନ.ଡି.ଆ.ର.ଏଫ.ର ଫାମେକ୍ସ କର୍ମଶାଳା ଉଦ୍‌ଯାପିତ

ବଡ଼ସାହି , ୦୭/୧୨ (ନି.ପ୍ର): ବଡ଼ସାହି ବ୍ଲକ ଅନ୍ତର୍ଗତ ଶାଳଗାଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ରେ ଜିଲ୍ଲା ପ୍ରଶାସନ ଓ ଏନ. ଡି. ଆର୍. ଏଫ କଟକ ମିଳିତ ଆନୁକୁଲ୍ୟରେ ବିପର୍ଯ୍ୟୟ ପରିଚାଳନା କର୍ମଶାଳା ( ଫାମେକ୍ସ ) ଉଦଯାପିତ ଅନୁଷ୍ଠିତ ହୋଇଥିଲା ।ଫୋର୍ଡର ସନ୍ତୋଷ କୁମାର ଖଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି - ବାହାଦୂର ସିଂ ଏନ. ଡି. ଆର୍. ଏଫ ର କମାଣ୍ଡର , ସ୍ୱତନ୍ତ୍ର ଅତିଥି - ଜଗବନ୍ଧୁ ମହାନ୍ତି ଜିଲ୍ଲା ପ୍ରକଳ୍ପ ସଂଯୋଜକ , ମୁଖ୍ୟବକ୍ତା - ସରୋଜ କୁମାର ବେହେରା , ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ, ସମ୍ମାନୀୟ ଅତିଥି - କାର୍ତ୍ତିକ ଚନ୍ଦ୍ର ସିଂ ସରପଞ୍ଚ ଶାଳଗାଁ ଗ୍ରା:ପ ,ପ୍ରଫୁଲ୍ଲ କୁମାର ମହାଳିକ ସମାଜସେବୀ , କାଳିଚରଣ ସିଂ ବନ୍ୟା ଆଶ୍ରୟସ୍ଥଳୀ କମିଟିର ସମ୍ପାଦକ ଯୋଗଦେଇଥିଲେ ,



ଆଗାମୀ ଦିନରେ ପ୍ରାକୃତିକ ବିପର୍ଯ୍ୟୟ ଅଧିକ ପରିମାଣରେ ହେବାକୁ ଯାଉଅଛି ସେଥିପାଇଁ ଜନସାଧାରଣ ପ୍ରକୃତି ସହିତ ପ୍ରତିଯୋଗୀ ନକରି ସହଯୋଗ କରିବା ଉଚିତ୍ , ପରିବେଶର ସନ୍ତୁଳନ ପାଇଁ ବର୍ଜ୍ୟବସ୍ତୁକୁ ସୁବିନିଯୋଗ କରିବା ସହିତ ନିଜ ପରିବାରର ବିଭିନ୍ନ କାର୍ଯ୍ୟକ୍ରମରେ ଗୋଟିଏ ଲେଖାଏ ବୃକ୍ଷ ରୋପଣ କରିବା ପାଇଁ ଅତିଥି ବୃନ୍ଦ ମତ ପ୍ରକାଶ କରିଥିଲେ । ଏନ. ଡି. ଆର.ଏଫ ଟିମ୍ ର ସଦସ୍ୟ ମାନେ ଅଗ୍ନି ଚିକିତ୍ସା, ବନ୍ୟା, ବାତ୍ୟା, ଭୂମିକମ୍ପ,ସର୍ପଘାତ , ଅଗ୍ନି, ଘଡ଼ଘଡି ଇତ୍ୟାଦି ବିଷୟରେ ସଚେତନ କରାଇ ବିଭିନ୍ନ ପ୍ରକାର କୌଶଳ ପ୍ରଦର୍ଶନ କରାଇଥିଲେ । ବେତନଟୀ ବ୍ଲକ ୨୫ ନଭେମ୍ବର ରୁ ଆରମ୍ଭ କରାଯାଇ ବଡ଼ସାହି ବ୍ଲକ ୭ ଡିସେମ୍ବର ରେ ଉଦଯାପିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ଶିକ୍ଷୟତ୍ରୀ, ଅଙ୍ଗନୱାଡ଼ି କର୍ମୀ , ଆଶା , ଓ ବନ୍ୟା ଆଶ୍ରୟସ୍ଥଳୀ କମିଟିର ସଦସ୍ୟ ସଦସ୍ୟା, ପ୍ରାଥମିକ ଚିକିତ୍ସା, ଉଦ୍ଧାରକାରୀ ଦଳ ଓ ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ରହି ତାଲିମ ନେଇଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅନ୍ୟ କର୍ମଚାରୀ ବୃନ୍ଦ ପୂର୍ଣ୍ଣ ସହଯୋଗ କରିଥିଲେ। ଏନ. ଡି. ଆର୍. ଏଫ ର କାର୍ଯ୍ୟକ୍ରମକୁ ସର୍ବସାଧାରଣ ପ୍ରଶଂସା କରିଥିଲେ। ସର୍ବଶେଷ ରେ ସଂକଳ୍ପ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ପ୍ରଦୀପ କୁମାର ଦାସମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo